
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheenews.com



ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

# PRACHEE

ଜୁଲାଇ ୨୦୨୧

ମୂଲ୍ୟ : ୨୫ ଟଙ୍କା





ମୁଖ୍ୟ ଉପଦେଷ୍ଟା
କବି ଜୟନ୍ତ ମହାପାତ୍ର



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ସପ୍ତମ ବର୍ଷର ଚତୁର୍ଥ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

## ଓ 'ପ୍ରାଚୀ'ର କଲମ ଈ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 7, JULY 2021, Issue No. IV
RNI No. : ODIODI/2015/64435
P.R. No. : CK(C)/96/2016-2018



ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ପ୍ରଶାନ୍ତି ସାଇଁ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheenews.com ରେ ଲଗ୍‌ଇନ୍ କରନ୍ତୁ ।



Declaration
Edited, Published & Owned by :
Dr. Bibhudatta Khandayatray



Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheenews.com


## ଏଇ ସଂଖ୍ୟାରେ...


ପ୍ରବନ୍ଧ ବିଭାଗ

ମାଳିକା ଓ କରୋନା
- ଅଧ୍ୟାପକ ପବିତ୍ର ମୋହନ ବାରିକ ୦୭

ମରାଳ ମାଳିନୀ ନୀଳାମ୍ବୁ ଚିଲିକା
- ଜୟଲକ୍ଷ୍ମୀ ସେଠୀ ୧୦

ଇସଲାମ ଧର୍ମ : ତା'ର ପ୍ରଥା ଓ ପରମ୍ପରା
- କାବ୍ୟ ଭୂଷଣ ଶିବ ପ୍ରସାଦ ବାହିନୀପତ ୧୨

ବେଢ଼ା
- ସୁଧୀର କୁମାର ଦ୍ୱିବେଦୀ ୧୮

ଆଧୁନିକ ଉତ୍କଳୀୟ କୃଷିରେ ଜଳସେଚନ ଓ ଉତ୍କଳମଣୀ
- ବାମଦେବ ବରା ୨୦

ଗଳ୍ପ ବିଭାଗ

ସୁଧାର ଗାଈର ବାଛୁରୀ ମନ୍ଥର
- ଅନୁପମା ନନ୍ଦ ୨୨

ମୁଁ ସମୟର ଦାସୀ
- ସରୋଜ କୁମାର ଜେନା ୨୩

ଅନ୍ତରେ ଅନୁଭୂତି
- ସଂଗ୍ରାମ କେଶରୀ ସାମନ୍ତରାୟ ୨୫

ପ୍ରତିବିମ୍ବ
- ଶାରଦାକାନ୍ତ ମିଶ୍ର ୨୬

ବେତାବ୍ ବେଜାନ୍ ବେନାମ୍
- ଲିପ୍‌ସା ପଟେଲ ୨୮

ରାକ୍ଷୀ
- ମନୋରମା ସାହ ୩୦

ସ୍ମୃତି ଏକ ରୂପା ଜହ୍ନ
- ସୁକାନ୍ତ କୁମାର ନାୟକ ୩୨

କଇଁର କି ଦୋଷ
- ସଂଘମିତ୍ରା କବି ୩୪

ବିଶ୍ୱ ତାପନର କୁ ପ୍ରଭାବ
- ରାଜୀବ ଲୋଚନ ପାଣିଗ୍ରାହୀ ୩୫

ଅରାଇଜ ସପନ
- ସନ୍ତୋଷ ସାହୁ ୩୬

ବୃଦ୍ଧାଶ୍ରମ
- ପ୍ରତ୍ୟୁଷ ଦାସ ୩୭

ସାବତ ମା'
- ସୁରେଶ ଚନ୍ଦ୍ର ପାଢ଼ୀ ୩୮

ପ୍ରବୀଣ କ୍ରୀଡ଼ାବିତ୍ ଏବଂ କ୍ରୀଡ଼ା ସାମ୍ବାଦିକଙ୍କ ସ୍ମରଣେ
- ମୀରା ବେଉରା ୩୯

ଭାବର ଠାକୁର ଶ୍ରୀଜଗନ୍ନାଥ
- ଶ୍ରୀ କୁଞ୍ଜ ବିହାରୀ ସାହୁ ୪୦

ବୁଲି ବଲିଆ ୱାଚ ମ୍ୟାନ
- ବନଲତା ସିଂହ ୪୧

ଅସୁମାରୀ ଆଶା
- ସୁଧାଂଶୁ ଶେଖର ଦ୍ୱିବେଦୀ ୪୩

କବିତା ବିଭାଗ

ସ୍ମୃତିର ସନ୍ଧାନରେ ଦିନେ
- ପ୍ରଣବ ନନ୍ଦି ୪୬

କଳି ଯୁଗର କର୍ଣ୍ଣ ମୁଁ
- ମୋହନ କୁମାର ଷଡ଼ଙ୍ଗୀ ୪୬

ଭିନ୍ନ ଏକ ଧର୍ମ
-କୃଷ୍ଣା ମିଶ୍ର ୪୭

ବର୍ଷା
- ସଂଜୀବ କୁମାର ଦାଶ ୪୭

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..................................................

ଠିକଣା ........................................ ପିନ୍‌କୋର୍ଡ଼ ..........................

ମୋବାଇଲ୍ ନମ୍ବର .............................. ଇ-ମେଲ୍ ..........................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର........................................ ତାରିଖ..........................

ବ୍ୟାଙ୍କ୍.............................. ସ୍ଥାନ......................................

ତାରିଖ.............................. ଦସ୍ତଖତ......................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

# ମାଳିକା ଓ କରୋନା

- ଅଧ୍ୟାପକ ପବିତ୍ର ମୋହନ ବାରିକ

ମାଳିକା ଶବ୍ଦ ସାଧାରଣ ଜନତାଙ୍କ ମଧ୍ୟରେ ଶ୍ରଦ୍ଧା, ଆଗ୍ରହ ଓ ବିଶ୍ୱାସର ପ୍ରତୀକ ରୂପେ ଅଭିହିତ ହୋଇଥାଏ । ଆଗତ ଭବିଷ୍ୟତ ସଂପର୍କରେ ସୂଚନା ପ୍ରଦାନ କରୁଥିବା ଗ୍ରନ୍ଥ ମାଳିକା ନାମରେ ପରିଚିତ । ଦିବ୍ୟଦ୍ରଷ୍ଟା ସାଧକମାନଙ୍କର କାଳଜୟୀ କୃତିତ୍ୱର ମାଳିକାର ସୂଚନା ସ୍ପଷ୍ଟ ଦେଖିବାକୁ ମିଳେ । ମାଳିକା ମନରେ ଆବେଗ, ଉତକଣ୍ଠା, ଉତ୍ସାହ, ଉଦ୍ଦିପନା ଓ ଉଦବେଗ ସୃଷ୍ଟି କରିଥାଏ । ୧୯୯୯ ମସିହାର ୨୯ ତାରିଖ ଦିନ ଓଡ଼ିଶାରେ ପ୍ରଳୟଙ୍କାରୀ ମହାବାତ୍ୟା ଉପକୂଳ ଅଞ୍ଚଳକୁ ଧ୍ୱଂସ ବିଧ୍ୱସ୍ତ କରିଦେଇଥିଲା । ଏହା ପରଠାରୁ ଆଗତ ଭବିଷ୍ୟ କଥା କହୁଥିବା ମାଳିକା ପ୍ରତି ସାଧାରଣ ଲୋକଙ୍କର ଆଗ୍ରହ ଓ ଶ୍ରଦ୍ଧା ଅଧିକ ବୃଦ୍ଧି ପାଇଲା । ପାଲା ଗାୟକ, ପ୍ରବଚକ, ଧର୍ମପ୍ରାଣ ଆଧ୍ୟାତ୍ମିକ ପ୍ରେମୀମାନଙ୍କୁ ମାଳିକା ସମ୍ବନ୍ଧରେ ଆଲୋଚନା କରିବାକୁ ପ୍ରବଳ ଅନୁରୋଧ ହୋଇଥାଏ । ମାଳିକାର ନାମ କରଣକୁ ନେଇ ବିଦ୍ୱାନମାନଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଏ । କିଛି ଗବେଷକ ମାନଙ୍କ ମତରେ ମାଳିକା ଜାଇଫୁଲ, ମରୁଆଫୁଲ, ଚମ୍ପାଫୁଲ, କେତକିଫୁଲ ଓ ଲବଙ୍ଗଫୁଲକୁ ନେଇ ଭଣିତା କରାଯାଇଥବବାରୁ ଏବଂ ମାଳ ଆକାରରେ ସଜ୍ଜିତ ହୋଇଥିବାରୁ ଏପରି ନାମକରଣ କରାଯାଇଅଛି । ଅନ୍ୟ କେତେ ଜଣ ପଣ୍ଡିତଙ୍କ ମତରେ ଯୋଗଜନ୍ମା ମହାପୁରୁଷ ଶ୍ରୀଅଚ୍ୟୁତାନନ୍ଦ ମହାପ୍ରଭୁ ଗ୍ରନ୍ଥ ରଚନା କରୁଥିବା ବେଳେ ପ୍ରତିଦିନ ଜଣେ ବୁଢ଼ୀମା ତାଙ୍କୁ କ୍ଷୀର ଦିଅନ୍ତି । ଦିନେ ଅଚ୍ୟୁତ ଠାକୁର ବୁଢ଼ୀକୁ ତାଙ୍କ ନାମ କ'ଣ ବୋଲି ପଚାରିଲେ । ବୁଢ଼ଇ ଉତ୍ତର ଦେଲେ ସେ କାଳୀ ନାମକ ଝିଅର ମା' । ଅଚ୍ୟୁତ କହିଲେ ତୁମେ କାଳୀର ମା' । ଏହାକୁ ଓଲଟାଇଲେ ମାଳିକା ତେଣୁ ଆଜିଠୁ ଏ ଗ୍ରନ୍ଥ ମାଳିକା ନାମରେ ପରିଚିତ ହେବ ।

କଳି କଳୁଷ ଓ କାଳିମାର ବିନାଶରେ ମାଳିକାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ । ସଚେତନ ସତର୍କ କରିବା ସହିତ ସତ୍ୟପଥରେ ଯାତ୍ରୀ ହେବାକୁ ମାଳିକା ଶିକ୍ଷାଦିଏ । ଭୟ, ବିଭୟାକ୍ତି ଓ ହତାଶାର ଭାବ ମାଳିକା ସୃଷ୍ଟି କରେ ବୋଲି କିଛି ବ୍ୟକ୍ତି ଉଲ୍ଲେଖ କରିଥାନ୍ତି ଯାହା ସଂପୂର୍ଣ୍ଣ ଅଯୁକ୍ତିକ । ମାଳିକା ବର୍ଣ୍ଣିତ ଘଟଣା ବଡ଼ ଦେଉଳରୁ ପଥର ଖସିବା, କଳ୍ପବଟ ଡାଳ ଭାଙ୍ଗିବା, ଶ୍ରୀଜଗନ୍ନାଥଙ୍କ ରନ୍ଦାଦୁଆରେ ନିଆଁ ଲାଗିବା ଇତ୍ୟାଦି ସତ୍ୟରେ ପରିଣତ ହୋଇଛି । ମାଳିକା ପ୍ରତି ଅବିଶ୍ୱାସ କରିବା କିମ୍ବା ଆସ୍ଥା ନକରିବା ଆଦୌ ଠିକ୍ ନୁହେଁ । କାରଣ ମାଳିକା ଅବକ୍ଷୟମୁଖୀ ମାନବ ସମାଜକୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବାକୁ ପ୍ରୟାସ ଜାରି ରଖିଛି । ମାଳିକାର ମହତ୍ୱ ହେଉଛି ମାନବ ଧର୍ମର ମହିମା ମଣ୍ଡନ କରିବା । ଆଗତ ଭବିଷ୍ୟ ସୂଚନାର ପ୍ରତୀକ ମାଳିକା ପଞ୍ଚଦଶ ଶତାବ୍ଦୀର ଯୋଗଜନ୍ମା ସିଦ୍ଧସାଧକ ପଞ୍ଚସଖାମାନେ ରଚନା କରିଥିଲେ । ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ଦିବ୍ୟଦ୍ରଷ୍ଟା ନେମାଳ ପଦ୍ମବନର ମହନ୍ତ ଶ୍ରୀଅଚ୍ୟୁତାନନ୍ଦ ଦାସଙ୍କ ଜାଇଫୁଲ ମାଳିକା ଅତ୍ୟନ୍ତ ଲୋକପ୍ରିୟ । ବ୍ୟାସଦେବ ସଂସ୍କୃତ ଭାଗବତରେ ଆଗତ ଭବିଷ୍ୟର ସୂଚନା ଦେଇଥିଲେ । ଓଡ଼ିଆ ଭାଗବତର ପ୍ରଣେତା ଅତିବଡ଼ି ଶ୍ରୀଜଗନ୍ନାଥ ଦାସ ମଧ୍ୟ ଭାଗବତରେ ଆଗତ ଭବିଷ୍ୟତର ସୂଚନା ଦେଇଛନ୍ତି । ପଞ୍ଚସଖା ଯୁଗର ଅନ୍ୟାନ ଯୁଗସ୍ରଷ୍ଟା ବଳରାମ ଦାସ, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତଙ୍କ ଅମୂଲ୍ୟ ରଚନାବଳୀରେ ଆଗତ ଭବିଷ୍ୟ ମାଳିକା ବିଷୟବସ୍ତୁ ଉପରେ ଆଧାରିତ । ପୂଣ୍ୟଉତ୍କଳର ପୂଣ୍ୟାତ୍ମା ଯୋଗୀଋଷି, ସନ୍ନ୍ୟାସୀ, ଓ ଶ୍ରମଣମାନେ ସ୍ୱରଚିତ ରଚନାବଳୀରେ ଭବିଷ୍ୟବାଣୀ ସୂଚିତ କରିଛନ୍ତି । ଊନବିଂଶ ଶତାବ୍ଦୀର ମହିମା ଧର୍ମର ପ୍ରବକ୍ତା ତଥା ମହିମା ସ୍ୱାମୀଙ୍କର ପ୍ରମୁଖ ଶିଷ୍ୟ ସନ୍ଥ କବି ଭୀମଭୋଇ ନିଜ ରଚନାରେ ମଧ୍ୟ ଭବିଷ୍ୟବାଣୀ କରିଥିଲେ । ଖେମୁଣ୍ଡି ରାଜବଂଶର ରାଜପୁତ୍ର ବଳଭଦ୍ର ଦେବ ଯେ ପରବର୍ତ୍ତୀ ସମୟରେ ସନ୍ଥ ଅରକ୍ଷିତ ଦାସ ନାମରେ ପରିଚିତ ହେଲେ । ତାଙ୍କ ରଚନାବଳୀରେ ମଧ୍ୟ ଭବିଷ୍ୟବାଣୀର ଉଲ୍ଲେଖ ଅଛି । ଛତିଆବଟର ମହନ୍ତ ହାଡ଼ିଦାସ, ଓ ସିଦ୍ଧଗିରିର ସାଧକ ହାଡୁଦାସଙ୍କ ସୃଷ୍ଟିରେ ଆଗତ ଭବିଷ୍ୟ ସଂପର୍କରେ ସୂଚନା ମିଳେ । ଚୈତନ୍ୟଦାସ, ଚନ୍ଦ୍ରମଣି ଦାସ ପ୍ରଭୃତି ସାଧକମାନଙ୍କ ରଚନାରୁ ମାଳିକା ସଂପର୍କରେ ସୂଚନା ମିଳୁଛି । ବିଂଶଶତାବ୍ଦୀର ଯୋଗଜନ୍ମା ଦେବଅଂଶରେ ଜାତ କରମଳା ଶାନ୍ତି ଧାମର ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ, ଆଶ୍ରମର ସିଦ୍ଧପୁରୁଷ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଓ ବାୟାବାବାଙ୍କ କୃତି ଆଗତ ଭବିଷ୍ୟ ବାଣୀ ବହନ କରିଥାଏ । ଅଚ୍ୟୁତ ଠାର ଓ ହାଡ଼ିଆ ଗାର ସାଧାରଣ ଜନତାଙ୍କ ହୃଦୟରେ ଅଧିକ ଆନ୍ଦୋଳନ ସୃଷ୍ଟି କରିଛି ଏବଂ ଗ୍ରହଣୀୟ ହୋଇ ପାରିଛି । ମାଳିକା ସମାଜର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ।

ସାଂପ୍ରତିକ ସମୟରେ କରୋନା ମହାମାରୀ ସମଗ୍ର ବିଶ୍ୱବାସୀଙ୍କୁ ଆତଙ୍କିତ କରିଛି । ଅସମୟରେ ଅମୂଲ୍ୟ ଜୀବନ କରୋନା ମହାମାରୀ କବଳିତ ହେଲା । କରୋନା ଜନିତ ଅକାଳ ବିୟୋଗ ଅତ୍ୟନ୍ତ ହୃଦୟ ବିଦାରକ ଓ ମର୍ମନ୍ତୁତ ଦୁଃଖଦ ଘଟଣା । ବିଶ୍ୱଅର୍ଥନୀତି, ରାଜନୀତି ଓ ସାମାଜିକ ଜୀବନଚର୍ଯ୍ୟାକୁ ଗଭୀର ଭାବରେ ପ୍ରଭାବିତ କରିବା ସହିତ ଶକ୍ତ ଆଘାତ ମଧ୍ୟ ଦେଇଛି । ତିନୋଟି ପ୍ରମୁଖ ଘଟଣା ଯାହା ସମଗ୍ର ବିଶ୍ୱକୁ ସ୍ତମ୍ଭୀଭୂତ ଓ କିଂକର୍ତ୍ତବ୍ୟମୂଢ଼ ଓ ଅସହାୟ କରିଥିଲା ତାହା ୧୯୧୪ ମସିହାର ପ୍ରଥମ ବିଶ୍ୱଯୁଦ୍ଧ, ୧୯୩୯ ମସିହାର ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ନଭେମ୍ବର ୨୦୧୯ ମସିହାର କରୋନା ଭୂତାଣୁ । ଉପରୋକ୍ତ ତିନୋଟି ଘଟଣା ପ୍ରତ୍ୟେକ୍ଷ ଓ ପରୋକ୍ଷ ବିଶ୍ୱଜନତାଙ୍କ ଅସୀମ ଦୁଃଖ, ଅସରନ୍ତି ଦୁର୍ଦ୍ଦଶା ଓ ଅମାନୁଷିକ ନିର୍ଯ୍ୟାତନା ପ୍ରଦାନ କରିଛି । ଓଡ଼ିଶାର ମଧ୍ୟଯୁଗୀୟ ପଞ୍ଚସଖା ମାନଙ୍କ ଆଧ୍ୟାତ୍ମିକ ସାହିତ୍ୟରେ କରୋନା ସଂପର୍କରେ ସୂଚନା ମିଳେ । ବିଶେଷ କରି ଅଚ୍ୟୁତାନନ୍ଦ ଦାସଙ୍କ ଗ୍ରନ୍ଥଧରେ କରୋନା ବିଷୟରେ ଭବିଷ୍ୟ ସୂଚନା ଅଧିକ

ଦେଖିବାକୁ ମିଳେ । ମହାପୁରୁଷ ଦାସ ଉଲ୍ଲେଖ କରିଥିବା ତଥ୍ୟ ଓ ଘଟଣା ତାହା ସତ୍ୟରେ ପରିଣତ ହୋଇଛି । କରୋନା ସମୟରେ ରାସ୍ତାଘାଟ ଜନପଦ ଜନଶୂନ୍ୟ ହେଲା ଓ ସମସ୍ତେ ସ୍ୱଗୃହରେ ଅବସ୍ଥାନ କଲେ । ସମଦୂରତା ଓ ନିରାପତ୍ତା ସମସ୍ତେ ବଜାଇ ରଖିଲେ । ଚିକିତ୍ସକମାନେ ପ୍ରଥମେ କରୋନାର ପ୍ରତିକାର ଓ ନିଦାନ ଠିକ୍ ଭାବରେ ଆକଳନ କରିପାରିନଥିଲେ । କରୋନା ସମୟରେ ଅଭାବନୀୟ ପରିସ୍ଥିତିମାନ ସୃଷ୍ଟି ହେଲା । ଯାହା ଶ୍ରୀ ଅଚ୍ୟୁତାନନ୍ଦ ଦାସ ଛଅଶହ ବର୍ଷ ପୂର୍ବେ ସ୍ୱରଚିତ ଗ୍ରନ୍ଥରେ ଉଲ୍ଲେଖ କରିଥିଲେ । ତେଣୁ ତାଙ୍କ ଭାଷାରେ -

ଘରେ ଘରେ ତାଟି କବାଟ ପଡ଼ିବ
ଗ୍ରାମେ ବୁଲିବେ ଶୃଗାଳ
ବଇଦ ବାପୁଡ଼ା ରୋଗ ନ ଚିହ୍ନିବ
ଖାଇବେ ଶ୍ୱାନ ଶୃଗାଳ ।
ପିତାର ଶବକୁ ପୁତ୍ର ନ ଛୁଇଁବ
ସ୍ତ୍ରୀ କାନ୍ଦୁଥିବ ତହୁଁ
ସଂସାର ପାଖରୁ ତରିଯିବୁ ଯେବେ
ହରି ଭଜୁଥିବୁ ଯେହୁଁ ।

କରୋନା ଭୂତାଣୁରୁ ରକ୍ଷା ପାଇବା ପାଇଁ ସମସ୍ତେ ମୁଖରେ ମାସ୍କ ପରିଧାନ କରୁଛନ୍ତି । ଯାହା ଅଚ୍ୟୁତ ଠାକୁର ବହୁପୂର୍ବରୁ ଉଲ୍ଲେଖ କରିଥିଲେ । ନିରାପତ୍ତା ଦୂରତା ରକ୍ଷା କରି କରୋନା ଭୟରେ ସମସ୍ତେ ଗୃହ ମଧ୍ୟରେ ଆବଦ୍ଧ । ସିଦ୍ଧସାଧକ ଅଚ୍ୟୁତ ବର୍ଣ୍ଣନା କରିଛନ୍ତି -

ବଳଦ ସମ ପ୍ରାୟେ ହୋଇ
ମୁହଁରେ ବାନ୍ଧିଯେବ ତୁଣ୍ଡି ସେହି
ଭୈରବ ଆସି ଦେବ ଡାକ
ଗୃହେ ଲୁଚିବେ ସବୁଲୋକ ।

ପୁନଶ୍ଚ ଅଚ୍ୟୁତ ନନ୍ଦ ଦାସ ସମାଜର ବାସ୍ତବଚିତ୍ରକୁ ତାଙ୍କ ଲେଖନୀରେ ସ୍ଥାନ ଦେଇଛନ୍ତି ଯାହା ବର୍ତ୍ତମାନ ସମୟରେ ଘଟୁଅଛି । ସବଳର ଦୁର୍ବଳ ଉପରେ ଅତ୍ୟାଚାର ଓ ସାମାଜିକ ଅବ୍ୟବସ୍ଥା ସଂପର୍କରେ ପୂଣ୍ୟାତ୍ମା ଅଚ୍ୟୁତନନ୍ଦ ଦାସ ବହୁ ପୂର୍ବରୁ ଉଲ୍ଲେଖ କରିଛନ୍ତି । କରୋନା ମହାମାରୀର ମାରାତ୍ମକ ପ୍ରାଣଘାତକ ଭୂତାଣୁରୁ ଜୀବନ ବଞ୍ଚାଇବା ପାଇଁ ଲୋମାନେ ବଳଦ ସଦୃଶ୍ୟ ମୁହଁରେ ତୁଣ୍ଡି ବାନ୍ଧିବେ । ତେଣୁ ତାଙ୍କ ଭାଷାରେ -

ବଳଦ ସମାନ ମଣିଷ ହୋଇବ
ମୁହେଁ ଲଗାଇବେ ତୁଣ୍ଡି
ଶୃଗାଳ କୁକୁର ମାରି ଖାଇଯିବେ
ଚାତକ ପକ୍ଷୀକୁ ଉଣ୍ଡି ।

ଅଚ୍ୟୁତାନନ୍ଦ ଦାସଙ୍କ ଭବିଷ୍ୟ ସୂଚନା ଯଥେଷ୍ଟ ମାତ୍ରାରେ ସତ୍ୟରେ ପରିଣତ ହୋଇଛି । ବିଶ୍ୱରେ ମହାମାରୀ ଦେଖାଯିବ, ପଥ୍ୟପଥ୍ୟ ମିଳିବନି, ବହୁଲୋକ ମୃତାହତ ହେବେ, ବୁଦ୍ଧିବଳ କାମ ଦେବନି, ବୈଦ୍ୟମାନେ ବ୍ୟାଧିର ନିଦାନ ଜାଣିବା କଷ୍ଟକର ହେବ, ସମସ୍ତ ବିଷୟ ଯାହା ସତ୍ୟରେ ପରିଣତ ହୋଇଛି । ବହୁ ପୂର୍ବରୁ ଶ୍ରୀ ଅଚ୍ୟୁତାନନ୍ଦ ଦାସ ବିଷୟରେ ଉଲ୍ଲେଖ କରିଛନ୍ତି । ତେଣୁ ତାଙ୍କ ଭାଷାରେ -

ଅଚିହ୍ନା ବ୍ୟାଧି ଯେ ଜଗତେ ଘୋଟିବ
ବଇଦ ବଣା ହୋଇବେ
ରୋଗ ନ ଚିହ୍ନିବା ବଣା ହେଉଥିବେ
ଅନେକ ପ୍ରାଣୀ ମରିବେ ।
ଗ୍ରାସିବ ସାରା ଅବନି
ବହୁ ବୁଦ୍ଧି ବଳ ବିଫଳ ହୋଇବ
ପଥ୍ୟ-ପଥ୍ୟ ମିଳିବନି ।

୨୦୧୯ ନଭେମ୍ବର ମାସରେ କରୋନାର ପ୍ରାଦୁର୍ଭାବ ଦେଖା ଦେଲା ଏବଂ ୨୦୨୦ ମସିହାରେ ବ୍ୟାପକରୂପ ଧାରଣ କରି ବିଶ୍ୱବାସୀଙ୍କୁ ଆତଙ୍କିତ କଲା । ଅଚ୍ୟୁତା ନନ୍ଦ ଦାସ ମଧ୍ୟ ଉଲ୍ଲେଖ କରିଥିଲେ ଦୁଇବିଂଶ ଯେବେ ବର୍ଷ ବୋଲାଇବ, ତେବେ ବହୁ ଅଘଟଣା ଏ ପୃଥିବୀରେ ଦେଖାଦେବ । ଏହା ଆଜି ବାସ୍ତବ ରୂପ ନେଇଛି । ତେଣୁ ତାଙ୍କ ଭାଷାରେ -

ଦୁଇ ବିଂଶ ଯେବେ ବର୍ଷ ବୋଲାଇବ
ବହୁ ବିତିପାତ ହେବ
ଅଜଣା ବ୍ୟାଧିରେ ବହୁନାଶ ଯିବେ
ହାହାକାର ପଡ଼ିଯିବ ।

କରୋନା ଏକ ବର୍ଷ ଦଶମାସ ତା'ର କଳଙ୍କିତ ଅଧ୍ୟାୟ ରଚନା କରିବ ଏ କଥା ମହାପୁରୁଷ ଅଚ୍ୟୁତାନନ୍ଦ ବର୍ଣ୍ଣନା କରିଛନ୍ତି । କରୋନା ୨୦୧୯ ନଭେମ୍ବରରେ ଆରମ୍ଭ ହୋଇଥିଲା ଏବଂ ଏକ ବର୍ଷ ଦଶମାସ ଅର୍ଥାତ୍ ସେପ୍ଟେମ୍ବର ୨୦୨୧ ରେ ଏହାର ବିନାଶ ଘଟିବ ଏହା ଅଚ୍ୟୁତନନ୍ଦ ଉଲ୍ଲେଖ କରିଛନ୍ତି । ତେଣୁ ତାଙ୍କ ବର୍ଣ୍ଣନାରେ -

ବର୍ଷ ଦଶମାସ ମହାମାରୀ ଭୋଗ ଯେ କରିବ
ପ୍ରାଣୀ ମାନଙ୍କ ଅକାଳ ବିୟୋଗ ହୋଇବ

ଅନୁରୂପ ଭାବରେ ବାଲିପାଟଣା ଗାଦିର ମହନ୍ତ ପଞ୍ଚସଖା ଯୁଗର ଅନ୍ୟତମ ସାଧକ ଶିଶୁ ଅନନ୍ତ ମଧ୍ୟ ତାଙ୍କ ପ୍ରିୟ ଶିଷ୍ୟ ବାରଙ୍ଗଙ୍କୁ ମହାମାରୀ ସଂପର୍କରେ ସୂଚନା ଦେଇଛନ୍ତି । ଶିଶୁ ଅନନ୍ତ ଉଲ୍ଲେଖ କରିଛନ୍ତି -

ବାୟରେ ଦୁଷ୍କର ହେବ ଯେ ପ୍ରବଳ
ଲୀଳାମାନ ବ୍ୟାଧି ହେବ ଘାତେ
ସମଶାନେ ଶବ ବାହୁଣ ଯେ ଥିବେ
ଶୁଣ ବାରଙ୍ଗ ହଅଦଗତେ ।

ପୁନଶ୍ଚ ଶିଶୁ ଅନନ୍ତ ମଧ୍ୟ ଉଲ୍ଲେଖ କରିଛନ୍ତି ବିଜ୍ଞାନ, ବୈଦ୍ୟ ଅସହାୟ ମନେ କରିବେ । ମହାମାରୀ ମାନବ ସମାଜର ଅଶେଷ କ୍ଷତି ସାଧନ କରିବ । ଏ ବିଷୟ ଶିଶୁ ଅନନ୍ତ ତାଙ୍କ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି -

ଦେବକୁଟ ମାୟା କେହି ନ ଜାଣିବେ
ବିଜ୍ଞାନ ହୋଇବ ବଣା
ହେବ ହେବ ବୋଲି ହୁରି ପଡୁଥିବ

ବଦ୍ୟ ନ ଜାଣେ ଠିକଣା ।

ଅଚ୍ୟୁତାନନ୍ଦ ଏକ ସୁନ୍ଦର କଥା ମାନବ ସମାଜ ପାଇଁ ଉପସ୍ଥାପନ କରିଥିଲେ ତାହା ବେଲପତ୍ର, ତୁଳସୀପତ୍ର ଓ ନିମ୍ବପତ୍ର ଭକ୍ଷଣ କଲେ ଶରୀର ରୋମ ମୁକ୍ତ ହେବ । ବେଲ, ତୁଳସୀ, ନିମ୍ବ ବା ବେତୁନି ଭକ୍ଷଣ ସହିତ ପ୍ରଭୁଙ୍କ ନାମ ସଂକୀର୍ତ୍ତନ କଲେ ମନୁଷ୍ୟ ନିରାମୟ ଜୀବନ ଯାପନ କରିପାରିବ । ଏହା କଳିଯୁଗର ମହୋଷଧି । ଶ୍ରୀ ଅଚ୍ୟୁତାନନ୍ଦ ତାଙ୍କ ପ୍ରିୟ ଶିଷ୍ୟ ରାମଦାସଙ୍କୁ କହିଛନ୍ତି –

ବେତୁନି ଖାଇବୁ ମଉନରେ ଥିବୁ
ଏକବିଂଶ ନାମ ଜପ
କରିଲେ ତୁ ବ୍ୟାଧି ମୁକ୍ତ ହେବୁ
ଶୁଣ ବାବୁ ରାମ ଶିଷ୍ୟ ।

ପ୍ରସିଦ୍ଧ ଲେଖିକା ସେଲଭିୟା ବ୍ରାଉନି ୧୨ ବର୍ଷ ପୂର୍ବେ ସ୍ୱରଚିତ ପୁସ୍ତକ ଏଣ୍ଡ ଅଫ୍ ଡେ ରେ ମହାମାରୀ ସଂପର୍କରେ ଉଲ୍ଲେଖ କରିଥିଲେ । ସେ ନିଜ ପୁସ୍ତକରେ ଉଲ୍ଲେଖ କରିଛନ୍ତି । ୨୦୨୦ ମସିହାରେ ବିଶ୍ୱରେ ମହାମାରୀ ଦେଖାଦେବ ଏବଂ ହଜାର ହଜାର ଲୋକଙ୍କ ପ୍ରାଣହାନି ଘଟିବ । ଏହା ତାଙ୍କ ପୁସ୍ତକର ୩୧୨ ପୃଷ୍ଠାରେ ଉଲ୍ଲେଖ ଅଛି । ସେ କଜକୁ ଜଣେ ମନୋବୈଜ୍ଞାନିକ ଓ ଆଧ୍ୟାତ୍ମିକ ଗୁରୁ ରୂପେ ଚିତ୍ରିତ କରିଥିଲେ । ଆଉ ମଧ୍ୟ ସେ ଲେଖିଥିଲେ ଏହି ମହାମାରୀ ଶ୍ୱାସତନ୍ତ୍ର ଓ ଫୁସଫୁସକୁ ଆକ୍ରାନ୍ତ କରିବ । ସେ ପୁଣି ଲେଖିଛନ୍ତି ଏ ମହାମାରୀ ତେକି ବେଗରେ ଆସିବ ସେତିକି ବେଗରେ ଫେରିଯିବ କିନ୍ତୁ ଦଶବର୍ଷ ପରେ ପୁନଃର୍ବାର ଦେଖାଦେବ । ବାରବର୍ଷ ପୂର୍ବେ ତାଙ୍କ ଲିଖିତ ଭବିଷ୍ୟବାଣୀ ଆଜି ସତ୍ୟରେ ପରିଣତ ହୋଇଛି । ୨୦୧୩ ନଭେମ୍ବର ୨୦ ତାରିଖରେ ତାଙ୍କ ଦେହାନ୍ତ ହୋଇଥିଲା । ମାଳିକା ବଚନ ଆଜି ସତ୍ୟ ରୂପେ ନିଜର ପ୍ରମାଣ ଦେଇଛି । ବିପଥଗାମୀ ସମାଜରେ ମାନବ ଧର୍ମର ସୁରକ୍ଷା କରିବା ମାଳିକାର ଲକ୍ଷ୍ୟ । ମାଳିକା ଭୟ, ଭ୍ରାନ୍ତ ହତାଶ ନୁହେଁ ଏହ ସୁନ୍ଦର ସମାଜର ସ୍ୱପ୍ନ ଦେଖିଥାଏ । ସତ୍ୟ, ଆଦର୍ଶ ଓ ନ୍ୟାୟପଥରେ ଚାଲିବା ଶିଖାଏ ମାଳିକା । ମହାନୁଭବି, ମହାମାନବ, ମହାପୁରୁଷ ସିଦ୍ଧ ସାଧକ ମାନଙ୍କର ଅମର କୃତି ମାଳିକା ।

ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ,
ମଦନପୁର, ଖୋର୍ଦ୍ଧା ।



# ମରାଳ ମାଳିନୀ ନୀଳାମ୍ବୁ ଚିଲିକା

- ଜୟଲକ୍ଷ୍ମୀ ସେଠୀ

ଉତ୍କଳମଣିଙ୍କ ଗୋପବନ୍ଧୁ ଦାସଙ୍କ ଭାଷାରେ -

ରହ ରହ କ୍ଷଣେ
ବାଷ୍ପୀୟ ଶକଟ
ଦେଖିବି ଚିଲିକା
ଚାରୁ ଚିତ୍ରପଟ ।

ଏସିଆ ମହାଦେଶର ବୃହତ୍ତମ ହ୍ରଦ ଚିଲିକା, ଯାହାର ଗର୍ଭରେ ଅବର୍ଣ୍ଣନୀୟ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହୋଇ ସଜେଇ ହୋଇଛି ପ୍ରକୃତି । ଚିଲିକା ସୁନ୍ଦରୀ ଯେମିତି ବାଲୁଗାଁ ରାଣୀ ପରି ସଜେଇ ହୋଇଛି । ଅନେକ ଦେଶ ବିଦେଶର ରଙ୍ଗ ବେରଙ୍ଗର ପକ୍ଷୀ ମାନଙ୍କୁ ନିଜ କୋଳରେ ଅତି ସୁନ୍ଦର ଭାବରେ ନିଜ ଛାତିର ତରଙ୍ଗ ଝୁଲଣରେ ଦୋଳି ଖେଳିବାର ଅପୂର୍ବ ଦୃଶ୍ୟ... ତାହା ଅବର୍ଣ୍ଣନୀୟ । ସେଥିପାଇଁ ତ ଗୋପବନ୍ଧୁ ଚିଲିକାର ଦେଖିଥିବା ଦୃଶ୍ୟକୁ ତାଙ୍କ କବିତାରେ ଅନେକଥର ଦେଖିବାକୁ ଅଭିଳାଷ ସୃଷ୍ଟି କରିଛି । ଠିକ୍ ସେହିପରି କବିବର ରାଧାନାଥ ରାୟଙ୍କ କବିତା -

ଉତ୍କଳର ତୁହି ଚାରୁ ଅଳଙ୍କାର
ଉତ୍କଳ ଭୁବନେ ଶୋଭାର ଭଣ୍ଡାର ।

ହଂସ ହଂସୀମାନଙ୍କର ଅମର ପ୍ରୀତିର ଦୋଳି ଖେଳରେ ବିମୋହିତ ହୋଇଯାଇଛି କବିର ଭାବନା । ସତରେ ଚିଲିକା ସୌନ୍ଦର୍ଯ୍ୟର କେନ୍ଦ୍ରସ୍ଥଳୀ । ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରୁ ପ୍ରାୟ ୯୧ କିମି ଦୂର ଗଲେ ବାଲୁଗାଁ ଛକ ପଡ଼ିବ । ସେଠାରୁ ୮ କିମି ଗଲେ ମା'କାଳୀଜାଇ ମନ୍ଦିର । ଏକ ହ୍ରଦ ଭିତରେ ପାହାଡ଼ ଉପରେ ମନ୍ଦିର ପ୍ରତିଷ୍ଠିତ । ସମୁଦ୍ରର ନୀଳ ଜଳର ଚାଦରରେ ଆବୃତ ହୋଇଥିବା ଐତିହାସିକ କିମ୍ବଦନ୍ତୀ ଅନୁସାରେ ୨୯ ଏକର ପାହାଡ଼ର ଜାଗାକୁ ନେଇ କାଳୀଜାଇ ମନ୍ଦିର । ଯାହା ଲୋକପ୍ରିୟ ପର୍ବ ମକର ମେଳା ପାଇଁ ଏହି ସ୍ଥାନଟି ସାରା ବିଶ୍ୱରେ ପ୍ରସିଦ୍ଧ ଭୂମିକା ଗ୍ରହଣ କରିଥାଏ । ବିଶ୍ୱର ବୃହତ୍ତମ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିବା ଭାରତ ଓ ଓଡ଼ିଶାର ପ୍ରଥମ ଏବଂ ଅତି ସୁନ୍ଦର ହ୍ରଦ ଭାବରେ ପ୍ରତିଷ୍ଠିତ ଚିଲିକା ୩୫୬୦ ବର୍ଗକ୍ଷେତ୍ର ବିଶିଷ୍ଟ ଭାରତର ସର୍ବ ବୃହତ୍ତମ ଭାବରେ ସ୍ଥାନ ପାଇଛି । ଏଠାରେ ପାଖାପାଖି ଦେଢ଼ ଲକ୍ଷ ଲୋକ ତଥା ପ୍ରାୟ ୧୩୨ ଟି ଗାଁକୁ ନେଇ ଜୀବିକାର ଆତଯାତ ହୋଇଥାଏ । ରୁଷିଆ, ହିମାଳୟ, ମଙ୍ଗୁଲିଆ, ଲଦାଙ୍ଗ, ସେଣ୍ଟ୍ରାଲ ଓ ସାଇଜାରିଆ ଆଦି ଦେଶମାନଙ୍କରୁ ପ୍ରାୟ ୧୨୦୦୦ କିମି ଦୂରରୁ ଉଡ଼ି ଆସନ୍ତି ରଙ୍ଗ ବେରଙ୍ଗର ବିଭିନ୍ନ ପ୍ରକାରର ପକ୍ଷୀମାନେ । ଏହି ଚିଲିକାକୁ ଉତ୍କଳର ଚାରୁ ଚିତ୍ରପଟ, ଚାରୁ ଅଳଙ୍କାର ବିସ୍ତୀର୍ଣ୍ଣ ନୀଳଜଳ ରାଶି ଉପରେ ଡଙ୍ଗା ମାନଙ୍କର ଦୋଳି ଖେଳର ଅପୂର୍ବ ଚିତ୍ର ଦେଶ ବିଦେଶରୁ ଲକ୍ଷଲକ୍ଷ ପର୍ଯ୍ୟଟକଙ୍କୁ ଟାଣି ଆଣିଥାଏ ଚିଲିକାକୁ । ଚିଲିକାର ଆଖପାଖ ବଡ଼କୁଦ, ନଳବଣ, ପାରିକୁଦ, କାଳିଜାଇ, ସାନକୁଦ, କୃଷ୍ଣପ୍ରସାଦ, ମାଲୁଦ, ରାଜହଂସ, ଚଢ଼େଇଗୁହା, ନୂଆପଡ଼ା ଆଦି ଅତି ସୁନ୍ଦର ଦୀପପୁଞ୍ଜମାନ ପର୍ଯ୍ୟଟକମାନଙ୍କୁ ବିଶେଷ ଭାବରେ ବିମୋହିତ କରି ଦେଇଥାଏ । ସାରା ବିଶ୍ୱରେ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ଭାବରେ ମାନ୍ୟତା ପାଇଥିବା ଚିଲିକା ଆଜି ଯେମିତି ବାହାର ମାଫିଆ ଓ ଦାଦନ ମତ୍ସ୍ୟଜୀବି ମାନଙ୍କ ଦ୍ୱାରା ଅଶୋଚନୀୟ ହୋଇଉଠିଛି । ସାରା ବିଶ୍ୱର ପର୍ଯ୍ୟଟକ ଆସୁଥିବାବେଳେ ସେଠାକାର ପରିବେଶ ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି । ୧୯୯୯ ମସିହାରେ ଯେଉଁ ଆନ୍ଦୋଳନ ହୋଇଥିଲା ଆଜି ମଧ୍ୟ ସେହି ଅତ୍ୟାଚାରରେ କେତେ ମତ୍ସ୍ୟଜୀବିମାନଙ୍କ ଜୀବନ ସଙ୍କଟାପନ୍ନ ହେବାରେ ଲାଗିଛି । ସରକାରଙ୍କ ତରଫରୁ ଲମ୍ବା ଆୟୋଜନର ବ୍ୟବସ୍ଥା ହୋଇପାରିଲେ ଚିଲିକାର ଗଭୀର ସୌନ୍ଦର୍ଯ୍ୟ ଆହୁରି ବିକଶିତ ହୋଇପାରିବ । ଓଡ଼ିଶାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ପରି ଚିଲିକା ମଧ୍ୟ ସୌନ୍ଦର୍ଯ୍ୟର ବିରାଟ ଗନ୍ତାଘର, ଯାହା ଆମ ଓଡ଼ିଆ ମାଟିର ଗର୍ବ ଆଉ ଗୌରବ ।


ଘେରି ବନ୍ଧ ସମସ୍ୟା ସହିତ ଚିଙ୍ଗୁଡ଼ି ମାଫିଆ ମାନଙ୍କର ଅତ୍ୟାଚାର କେତେକ ମତ୍ସ୍ୟଜୀବି ପରିବାରକୁ ଦାରିଦ୍ର କରି ଦେଉଛି । କାହିଁକି ନା ପ୍ରତ୍ୟେକ ମତ୍ସ୍ୟଜୀବିଙ୍କ ଭାତ ହାଣ୍ଡି ଚିଲିକା ହୋଇଥିବାରୁ ଉପାୟଶୂନ୍ୟ ହୋଇ ଯାଉଛି ସେମାନଙ୍କ ଭବିଷ୍ୟତ । ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ଶିକ୍ଷାକ୍ଷେତ୍ରରେ ରାସ୍ତାଘାଟ ତଥା ପିଇବାପାଣି ଆଦି ଅନେକ ସମସ୍ୟାର ଉନ୍ନତିକରଣ ହୋଇପାରିଲେ ଚିଲିକାର ପରିବେଶ ଅନେକ ମନ୍ତ୍ରମୁଗ୍ଧକର ହୋଇପାରିବ ।

ଡଙ୍ଗାଗୁଡ଼ିକର ଉପଯୁକ୍ତ ପରିଚାଳନା ମଧ୍ୟ ପର୍ଯ୍ୟଟକଙ୍କ ପାଇଁ ବହୁତ ବଡ଼ ସୁରକ୍ଷା ଦେଇପାରିବ । ତା ସହିତ ବୁଲି ଆସୁଥିବା ପର୍ଯ୍ୟଟକ ମାନଙ୍କ ଦ୍ୱାରା ପ୍ଲାଷ୍ଟିକ ଜିନିଷ ବ୍ୟବହାର କରି ସେଠାରେ ପକାଇଦେବା ଦ୍ୱାରା ଚିଲିକାର ଜଳ ସହିତ ଆଖପାଖ ଅପରିଷ୍କାର ହେବାରେ ଲାଗିଛି । ଏହା ବ୍ୟତୀତ ସମୁଦ୍ରର ଜଳରାଶି ପାଖ ଭୂମିକୁ ଧୋଇ ଧୋଇ ଜନବସତି ଆଡ଼କୁ ମାଡ଼ି ଆସୁଛି । ତେଣୁ ଆମକୁ ବୃକ୍ଷ ରୋପଣ କରିବା ନିହାତି ଆବଶ୍ୟକ । ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ପଦକ୍ଷେପ ମିଳୁଥିବାବେଳେ ତାକୁ ଆମ୍ଭେମାନେ ଉପଯୁକ୍ତ ଭାବରେ କାର୍ଯ୍ୟକାରୀ ହୋଇପାରିଲେ ଆମ ଓଡ଼ିଆ ମାନଙ୍କର ଅଭିମାନ ଚିଲିକା ଦେଶ ବିଦେଶରେ ଗର୍ବ ସୃଷ୍ଟି କରିପାରିବ ।

ଇତିହାସର ସତ୍ୟ ଭଣ୍ଡାରରୁ ଅତୀତକୁ ଫର୍ଦ୍ଦ ଓ ଫର୍ଦ୍ଦ କରି ଲେଉଟାଇଲେ ଅନେକ କରୁଣ କାହାଣୀ ଆମ୍ଭ ନଜରକୁ ଆସେ । ସେହି କାହାଣୀ ଭିତରୁ କାଳିଜାଇ କାହାଣୀ ଏକ ବିରଳ । ମା କାଳୀଦେବୀଙ୍କର ଅପୂର୍ବ ଲୀଳାକୁ କିପରି ଜୀବନ୍ତ କରି ରଖିଛି, କାଳିଜାଇ ମନ୍ଦିର ଓ ଚିଲିକାର ବିଚିତ୍ର ସୌନ୍ଦର୍ଯ୍ୟ ଭିନ୍ନ ଭିନ୍ନ ଜାତିର ପକ୍ଷୀମାନଙ୍କର ଗହଳି ଅତି ସୁନ୍ଦର ଅଳଙ୍କାରମୟ କରିଦେଇଥାଏ ଚିଲିକାର ନୀଳ ଜଳରାଶିକୁ । ସାମୁଦ୍ରିକ ଜୀବମାନେ ମଧ୍ୟ ସେଠାରେ

ଅତି ସୌନ୍ଦର୍ଯ୍ୟମୟ ଲାଗନ୍ତି । ଫେରିଆସିବାକୁ ଇଚ୍ଛା ହୁଏନାହିଁ । ବିଭିନ୍ନ ପକ୍ଷୀ ମାନଙ୍କର କାକଳୀର ସ୍ୱର ଅତି ମଧୁର ଝଙ୍କାର ଫଗୁଣର ମଳୟ ସୃଷ୍ଟି କରେ । ସେଦିନର ଜନଶୃତି ଅନୁଯାଇ ବାଣପୁର ଝିଅ ଜାଇ ତା ବାପାଙ୍କ ସହିତ ସୁନ୍ଦର ଭାବରେ ସଜେଇ ହୋଇ ଶାଶୁଘର ପାରିକୁଦଗଡ଼କୁ ଚିଲିକା ପାରିହୋଇ ଯିବାକୁ ଥିଲା । ଚିଲିକାର ମଝି ଗଭୀର ହ୍ରଦ୍ରଠାରେ ହଠାତ କଳାହାଣ୍ଡିଆ ମେଘ ସହିତ ଭୟଙ୍କର ଝଡ଼ ମାଡ଼ିଆସିଲା । ଡଙ୍ଗା ଲେଉଟି ଯିବାରୁ ଜାଇ ସେହି ଗଭୀର ଜଳରେ ହଜିଯାଇଥିଲା । ତା ପରେ ସମୁଦ୍ର ପୁରା ପୁରି ଶାନ୍ତ ହୋଇଗଲା । ସେହିଦିନଠାରୁ ସବୁରି ମନରେ ଭୟର ପ୍ରଥା ସୃଷ୍ଟି ହୋଇଛି କୌଣସି ଝିଅ ବିବାହ ହୋଇଗଲା ବେଳେ ତା ସହିତ ତା'ର ବାପା ସାଙ୍ଗରେ ଯିବେ ନାହିଁ । କାରଣ ଜାଇ ସହିତ ତା ବାପା ଯାଇଥିବାରୁ ଜାଇର ମୃତ୍ୟୁ ହୋଇଥିଲା । ହେଲେ ସେହି ପାହାଡ଼ରେ ଥିବା ଠାକୁରାଣୀ ମା' କାଳିଦେବୀ ପାରିକୁଦ ରାଜାଙ୍କୁ ସ୍ୱପ୍ନାଦେଶ କରି ସେଠାରେ କାଳିଯାଇ ନାମରେ ମନ୍ଦିର ତିଆରି କରିବାକୁ କହିଲେ । ଯାହା ଆଜି ଅମର ସ୍ମୃତି ହୋଇ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ହୋଇଉଠିଛି । ଏଠାରେ ଆଉଗୋଟିଏ ଅଲୌକିକ କଥା ଯେ ମାନସିକ ଜୀବଜନ୍ତୁ ବଳି ଦିଆ ନ ଯାଇ ଜୀବନ୍ତ ମା'ଙ୍କ ପୀଠରେ ଛାଡ଼ି ଦିଆଯାଏ । ମତ୍ସ୍ୟଜୀବିମାନଙ୍କର ଇଷ୍ଟ ଦେବୀ ମା' କାଳିଜାଇ ହୋଇ ସେମାନଙ୍କ ଗୁହାରୀକୁ ଶୁଣନ୍ତି ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ । ଚିଲିକା ସେମାନଙ୍କର ଭାତହାଣ୍ଡି ହୋଇଥିବାରୁ ସେମାନଙ୍କ ସୁରକ୍ଷା ନିହାତି ଆବଶ୍ୟକ । ତେଣୁ ସରକାର ଏବଂ ଆମ୍ଭମାନଙ୍କର ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ଯେ ଚିଲିକାର ସମ୍ପୂର୍ଣ୍ଣ ସୁରକ୍ଷା ଏବଂ ନୂତନ ଉନ୍ନତିର ମାଧ୍ୟମ ପ୍ରୟୋଗ କରି ପାରିଲେ ଆମ ଦେଶ ତଥା ଆମ ମାଟିର ଗୌରବ ବିଶ୍ୱରେ ପ୍ରସିଦ୍ଧ ଲାଭ କରିପାରିବ । ସମସ୍ତିଙ୍କୁ ନିଜର କର୍ତ୍ତବ୍ୟ ଭାବି ପାଳନ କରିବା ଦରକାର ।

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା,
ଗାଳ୍ପିକା, କବି, ଜୀବନୀ ଲେଖିକା,
ସମାଜସେବୀ, ଡ୍ରିମସ୍ ଷ୍ଟାଫ କ୍ୱାର୍ଟର, ଟାଙ୍ଗୀ, କଟକ ।



# ଇସଲାମ ଧର୍ମ : ତା'ର ପ୍ରଥା ଓ ପରମ୍ପରା

- କାବ୍ୟ ଭୂଷଣ ଶିବ ପ୍ରସାଦ ବାହିନୀପତି
ସମ୍ପାଦକ ଉଦୟଭାନୁ

'ଇସଲାମ ଧର୍ମ' ଏକ ଅଦ୍ୱୈତବାଦୀ ଆବ୍ରାହଅମୀୟ ଧର୍ମ; ଏହା ଇସଲାମ ଧର୍ମଗ୍ରନ୍ଥ 'କୋରାନ' ଦ୍ୱାରା ପ୍ରଚାରିତ ହୋଇଥାଏ ଏବଂ ଈଶ୍ୱରଙ୍କ ପ୍ରଚାରିତ ବାଣୀର ଅକ୍ଷରେ ଅକ୍ଷରେ ସମାନ ଭାବରେ ପ୍ରଚାରିତ ହୋଇଥାଏ । ଏହି ଧର୍ମପନ୍ଥୀଙ୍କୁ ମୁସଲିମ୍ କୁହାଯାଏ । ଏ ଧର୍ମର ପ୍ରବର୍ତ୍ତକ ଥିଲେ ହଜରତ୍ ମହମ୍ମଦ । ଏହି ଧର୍ମର ପ୍ରଥମ ଓ ମୁଖ୍ୟ ଧର୍ମନୀତି ହେଲା ଏକେଶ୍ୱରବାଦ । ଏ ଧର୍ମ ବିଶ୍ୱାସ ଅନୁସାରେ ଆଲ୍ଲା ହିଁ ଜଗତର ଏକମାତ୍ର ପ୍ରଭୁ ,ବଂ ମହମ୍ମଦ ତାଭ୍‌କର ଜନୈକ ପଏଗମ୍ବର ଅର୍ଥାତ୍ ପୃଥିବୀକୁ ପ୍ରେରିତ ଦୂତ ଅଟନ୍ତି । ମୁସଲମାନ ଶବ୍ଦଟିର ଅର୍ଥ ଭକ୍ତିପୂର୍ଣ୍ଣ ଭକ୍ତ । ଯେ ଏହି ଧର୍ମର ଏକେଶ୍ୱରବାଦକୁ ଅମାନ୍ୟ କରନ୍ତି ସେମାନେ କାଫେର ବା ବିଧର୍ମୀ ଏବଂ କାଫେର ମାନଙ୍କ ସହିତ ଯିହାଦ ବା ଧର୍ମଯୁଦ୍ଧରେ ପ୍ରାଣତ୍ୟାଗ କଲେ ଅନନ୍ତ ସ୍ୱର୍ଗଲାଭ ହୁଏ । ମୁସଲମାନମାନେ ଶୂକର ମାଂସ ଭକ୍ଷଣ ଓ ମଦ୍ୟପାଦ କରିପାରିବେ ନାହିଁ । ଚାରୋଟିରୁ ଅଧିକ ପତ୍ନୀ ବିବାହ କରିପାରିବେନି ।

ମହମ୍ମଦ ଜଣେ ଆରବ୍ୟ ଧାର୍ମିକ ନେତା । ମୁସଲମାନ ମାନେ ବିଶ୍ୱାସ କରନ୍ତି ଯେ ସେ ପ୍ରେରିତ ଦୂର ଅର୍ଥାତ୍ ଆଲ୍ଲାଙ୍କ ସନ୍ଦେଶ ବାହକ ଯାହାଙ୍କୁ ଆଲ୍ଲା ଜିବ୍ରାଏଲ ନାମକ ଦେବଦୂତ ଫରିସ୍ତାଙ୍କର ଜରିଆରେ କୁରାନର ସନ୍ଦେଶ ଦେଇଥିଲେ । ହଜରତ୍ ମହମ୍ମଦ ଆରବର ମକ୍କା ନଗରୀରେ ଖ୍ରୀ ୫୭୦ ରେ କୋରେଶ୍ ବଂଶରେ ଜନ୍ମ ଗ୍ରହଣ କରିଥିଲେ । ତାଭ୍‌କର ପିତା ଥିଲେ ଅବଦୁଲା ଓ ମାତା ଥିଲେ ବିବି ଅମିଲା । ତାଙ୍କର ପାଳିତା ମା'ଙ୍କ ନାମ ହାଲିମା ବିବି । ମହମ୍ମଦଙ୍କର ୮ଟି ସ୍ତ୍ରୀ ଥିଲେ ଏବଂ ସବି ସ୍ତ୍ରୀଙ୍କ ମଧ୍ୟେ ସବୁଠୁ ବେଶି ସୁନ୍ଦରୀ ଥିଲେ ଖାଦିଜା । ଖାଲି ସୁନ୍ଦରୀ ନୁହେଁ ଗୁଣବତୀ ମଧ୍ୟ । ତାଙ୍କ ଗର୍ଭଜାତ ପୁତ୍ରଙ୍କ ନାମ ଆବୁ ତୟବ । ଆବୁ ତହେର ଏବଂ କନ୍ୟା ନାମ ଫାତିମା ଜୋହୋରା । ଏହି କନ୍ୟା ମହମ୍ମଦଙ୍କ ଖୁଡ଼ୁତା ପୁଅ ଭାଇ ଆଲିଙ୍କୁ ବିବାହ କରିଥିଲେ । ଫାତିମା କୋହେରା ଥିଲେ ରୂପବତୀ ଏବଂ ଧାର୍ମିକା । ମହମ୍ମଦଙ୍କ ପିତୃବ୍ୟଙ୍କ ନାମ ଆବୁତାଲିବ୍ ଏବଂ ପିତାମହଙ୍କ ନାମ ଅବଦୁଲ୍ ମୋତଲବ୍ । ଅଳ୍ପ ବୟସରେ ଯା'ଙ୍କର ପିତୃ ବିୟୋଗ ଘଟିବାରୁ  ଏ ଜଣେ ଧନୀ ବଣିକଙ୍କ ପଣ୍ୟବାହୀ ଉଷ୍ଟ୍ର ଚାଳକ ରୂପେ ୨୫ ବର୍ଷ ବୟସ ଯାଏ ବହୁ ଦୁଃଖରେ କାଳାତିପାତ କରିଥିଷଲ । ତତ୍ପରେ ଖାଦିଜା ନାମ୍ନୀ ଜଣେ ଦନୀ ବିଧବାଙ୍କ ପାଣିଗ୍ରହଣ କରିବାରୁ ସୁଖ ପ୍ରାପ୍ତି କଲେ । ଏହାଙ୍କର ବାଲ୍ୟକାଳେ ବିଦ୍ୟା ଶିକ୍ଷାଲାଭ ହୋଇନଥିଲେ ହେଁ ସ୍ୱଭାବତଃ ଚିନ୍ତାଶୀଳ ଥିଲେ । ଆରବବାସୀଙ୍କ ପୌତ୍ତଳିକତା ତଜ୍ଜନିତ ମତଭେଦ ଓ ବିବାଦ ଦେଖି ଇଏ ବ୍ୟଥିତ ହୋଇଥିଲେ । ଏକ ଗିରିଗୁହାକୁ ଯାଇ ଧ୍ୟାନମଗ୍ନ ହୋଇ ତପସ୍ୟା କରିବା ବେଳେ ଈଶ୍ୱର ଗେବ୍ରୀଏଲ ନାମକ ସ୍ୱର୍ଗଦୂତ ଦ୍ୱାରା ଏହାଙ୍କୁ ଈଶ୍ୱରଙ୍କ ଆଜ୍ଞା ସମସ୍ତ ଶୁଣାଇଥିଲେ ଓ ସେହି ଆଜ୍ଞା ସବୁକୁ ମହମ୍ମଦ କୋରାନ ରୂପେ ପ୍ରଚାର କଲେ । ଏହି ଏକେଶ୍ୱରବାଦ ଧର୍ମର ପ୍ରଚାର କହମ୍ମଦଙ୍କର ୪୦ ବର୍ଷ ବୟସରେ ଆରମ୍ଭ ହେଲା । ପ୍ରଥମେ ଏହାଙ୍କର ପତ୍ନୀ ଓ ଦୁଇଜଣ ବ୍ୟକ୍ତି ମାତ୍ର ଏହାଙ୍କର ମତ ଗ୍ରହଣ କଲେ । କ୍ରମେ କ୍ରମେ ଏହାଙ୍କ ଶିଷ୍ୟଙ୍କ ସଂଖ୍ୟାରେ ପରିବୃଦ୍ଧି ହେଲା । କିନ୍ତୁ ମକ୍କାବାସୀ ଏହାଙ୍କ ପ୍ରଚାରିତ ଧର୍ମ ବିରୋଧୀ ହୋଇ ନାନାଦି ଉତ୍ପୀଡ଼ନ ଆରମ୍ଭ କରିଦେଲେ । ସର୍ବଶେଷେ ମହମ୍ମଦ ମଦିନା ନଗରକୁ ଗଲେ ଓ ଏହାଙ୍କର କିଛି ଶିଷ୍ୟ ଆଫ୍ରିକାର ଆବିସିନିଆକୁ ଗଲେ । ଆତ୍ମରକ୍ଷା ପାଇଁ ମହମ୍ମଦଙ୍କୁ ଅସ୍ତ୍ର ଧାରଣ କରିବାକୁ ପଡ଼ିଥିଲା । କ୍ରମଶଃ ଏହାଙ୍କ ଶିଷ୍ୟ ବଢ଼ିଲେ ଓ ଆରବ ଦେଶ ତମାମ ଏ ଧର୍ମର ପ୍ରଚାର କଲେ । କ୍ରମେ କ୍ରମେ ମହମ୍ମଦ ସେନା ନାୟକ ହୋଇ ଅନେକ ସ୍ଥାନ ଓ ନଗର ଅଧିକାର କଲେ । ୬୩୨ ଖ୍ରୀଷ୍ଟାବ୍ଦରେ ୫୨ ବର୍ଷ ବୟସରେ ଏହାଙ୍କର ଦେହାନ୍ତ ହେଲା ଓ ଏହାଙ୍କ ପ୍ରବର୍ତ୍ତିତ ଧର୍ମ ଇସଲାମ ଆଉ ଏହି ଧର୍ମାବଲମ୍ବୀ ମୁସଲମାନ ନାମରେ ଖ୍ୟାତ ହେଲେ ।

ମହମ୍ମଦ ମଦିନାକୁ ଯିବା ସମୟ ୬୨୨ ଖ୍ରୀଷ୍ଟାବ୍ଦ ଠାରୁ ମୁସଲମାନ ମାନଙ୍କର ହିଜିରୀ ସନର ଗଣନା ଆରମ୍ଭ କଲେ । ମକ୍କାରୁ ମଦିନା ଯିବା ପରେ ବିଧର୍ମୀ ମାନେ ସେଠି ବି ଶାନ୍ତିରେ ରଖାଇ ଦେଲେନି । ସେଠି ବିର୍ଧମୀ ମାନଙ୍କ ସହିତ ଯୁଦ୍ଧ କରି ମହମ୍ମଦ ପରାସ୍ତ ହେଲେ । ମହମ୍ମଦଙ୍କ ପୂର୍ବେ ମକ୍କା ନଗରୀରେ ଯେଉଁ ମନ୍ଦିରରେ ପ୍ରତିମା ପୂଜା କରାଯାଉଥିଲା ମହମ୍ମଦ ତାକୁ ହିଁ ପ୍ରଥମେ ଏକେଶ୍ୱରବାଦ ଉପାସନା ମନ୍ଦିରରେ ପରିଣତ କଲେ । ବର୍ତ୍ତମାନ ମକ୍କା ନଗରୀର ଏ ମନ୍ଦିର ବା କଳା ପ୍ରକାରାନ୍ତରେ କାବା ମୁସଲମାନ ମାନଙ୍କର ଏକ ପ୍ରଧାନ ତୀର୍ଥ । ପ୍ରତିବର୍ଷ ଏଠାରେ ହଜ୍ କରିବାକୁ ଲକ୍ଷ ଲକ୍ଷ ମୁସଲମାନ ଯାତ୍ରୀଙ୍କର ଭିଡ଼ ହୁଏ । ମୁସଲମାନମାନଙ୍କ ପୂଜିତ ଆଲ୍ଲାଙ୍କ ପ୍ରାର୍ଥନା ରୂପେ ଆଲ୍ଲୋପନିଷଦ ନାମରେ ଏକ ସୂକ୍ତ ଅଥର୍ବ ବେଦରେ ଲିଖିତ ଅଛି ଓ ତହିଁରେ ମହମ୍ମଦଙ୍କ ନାମ ଉଲ୍ଲେଖ ଅଛି । ଇସଲାମ ଧର୍ମଗ୍ରନ୍ଥ ଆରବୀ ଭାଷାରେ ଲିଖିତ ଓ ଏହି ଗ୍ରନ୍ଥକୁ ୩୦ ଭାଗରେ ବିଭକ୍ତ କରାଯାଇଛି । ପ୍ରତି ଭାଗକୁ ପାରା କହନ୍ତି ଆଉ ପାରାମାନଙ୍କ ଶ୍ଳୋକକୁ ସୁରା କହନ୍ତି । ଏ ଗ୍ରନ୍ଥକୁ ମୁସଲମାନ ମାନେ ମାନ୍ୟରେ କୁରାନ ସରିଫ ବା କୁରାନ ମଜୀଦ ବୋଲି କହନ୍ତି । କୋରାନ ଅନୁସାରେ ମୁସଲମାନଙ୍କର ପାଞ୍ଚୋଟି କର୍ତ୍ତବ୍ୟ ଥାଏ । ତା ହେଲା କଲମା, ନମାଜ, ଜଜାତ ଓ ହଜ୍ । ଏକେଶ୍ୱରବାଦ କଲମା ଅର୍ଥାତ୍ ଈଶ୍ୱର ଏକ ମହମ୍ମଦ ତାଙ୍କର ଦୂତ । ପଢ଼ିବା ।

କୋରାନରୁ ସୁରା ପାଠ ପୂରବକ ଆଲ୍ଲାଙ୍କୁ ଡାକି ସ୍ତୁତିପାଠ ଏବଂ ନମସ୍କାର କରିବାକୁ ନମାଜ କହନ୍ତି । ମୁସଲମାନ ମାନେ ପ୍ରତ୍ୟହ ପାଞ୍ଚଥର ନମାଜ ପାଠ କରିବାର ବିଧି ପ୍ରଚଳିତ । ହାତ ଗୋଡ଼ ମୁହଁ ଧୋଇ ଏକ ମୁସଲ୍ଲା ରେ ଆଣ୍ଠୁମାଡ଼ି ବସି ଓ ଛିଡ଼ା ହୋଇ ମୁଣ୍ଡ ତଳକୁ ଲଗାଇ ମକ୍କା ଆଡ଼କୁ ମୁଖ କରି ନମାଜ ପାଠ କରାଯାଏ ।

ଦୈନିକ ନମାଜ ପାଠ ସହ ମୁସଲିମ ମାନେ ପ୍ରତି ଶୁକ୍ରବାର ଦିନ ମସଜିଦରେ ଏକାଠି ହୋଇ ଈଶ୍ୱରୋପାସନା କରନ୍ତି ଯାହାକୁ ଯୁମା ନମାଜ କହନ୍ତି । ଏହି ବିଶେଷ ନମାଜ ଇଦ୍ ଦିନ ୯ଟା ରୁ ୧୧ଟା ଯାଏ କରାଯାଏ । ନମାଜର ମର୍ମ ହେଉଛି - ଈଶ୍ୱର ଏକମାତ୍ର ପ୍ରଭୁ, ତାଙ୍କ ଛଡ଼ା ଦ୍ୱିତୀୟ ନାହିଁ । ମହମ୍ମଦ ଈଶ୍ୱରଙ୍କ ପୈଗମ୍ବର ତାଙ୍କୁ ସର୍ବେ ପ୍ରଶଂସା କରିବା ଉଚିତ୍ । ନମାଜ ପଢ଼ିବାର ସମୟ ବି ନିର୍ଘଣ୍ଟ ହୋଇଛି । ସୂର୍ଯ୍ୟ ଉଦୟ ପୂର୍ବରୁ ଅର୍ଥାତ୍ ବଡ଼ିଭୋର ୪ଟା ବେଳେ ନମାଜ ପଢ଼ିବାକୁ ଫଜର କୁହାଯାଉଥିବା ବେଳେ ଦ୍ୱିପ୍ରହର ପରେ ଅର୍ଥାତ୍ ଅପରାହ୍ନ ୧ ଟା ବେଳେ ନମାଜ ପଢ଼ିବାକୁ ଜୋହର କହନ୍ତି । ସେପରି ସୂର୍ଯ୍ୟାସ୍ତର ଠିକ୍ ପରେ ନମାଜ ପଢ଼ାହୁଏ ଯାହାକୁ କହନ୍ତି ମରଗୀବ୍ ଏବଂ ରାତି ୮ଟା ବେଳେ ପଢ଼ିବା ନମାଜକୁ ଏସା କହନ୍ତି । ନମାଜର ତିନୋଟି ଅଂଶ ଅଛି ଯଥା - ୧/ଫର୍ଜ, ଯାହା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବୋଲାଯାଏ, ୨/ ସୂନ୍ନତ୍, ଯାହା ହଜରତ୍ ମହମ୍ମଦ ପାଠ କରୁଥିଲେ ଏବଂ ୩/ନଫାଲ୍ ଯାହା ପ୍ରାର୍ଥନାକାରୀ ନିଜ ଧର୍ମର ସାଧନାର୍ଥେ ପାଠ କରେ ।

ପ୍ରତିବର୍ଷ ରମଜାନ୍ ମାସରେ ଇଦ୍ ପର୍ବ ପୂର୍ବରୁ ୩୦ ଦିନ ନିମନ୍ତେ ଦିନସାରା ପାଳିତ ହେବା ଉପବାସ ବ୍ରତକୁ ରୋଜା କହନ୍ତି । ଧର୍ମଶାସ୍ତ୍ରାନୁସାରେ ଶିଶୁ, ଅତି ରୁଗ୍ଣ, ଅତ୍ୟନ୍ତ ଅକ୍ଷମ ବ୍ୟକ୍ତିଙ୍କୁ ବାଦ ଦେଲେ ଅନ୍ୟ ସମସ୍ତେ ଧର୍ମତଃ ଏହି ରୋଜା ପାଳିବା ବାଧ୍ୟତାମୂଳକ । ଏ ଉପବାସରେ ନିର୍ଜଳ ରହିବା ବିଧେୟ ଏବଂ ରୋଜା ରଖିଥିବା ଲୋକେ ସୂର୍ଯ୍ୟାସ୍ତ ପରେ ଇଫତାର କରନ୍ତି । ସନ୍ଧ୍ୟାହେଲେ ନମାଜ ପଢ଼ିସାରି ଇଫତାର କରନ୍ତି । ରୋଜା ଖୋଲିଲା ବେଳେ ପ୍ରଥମେ ସର୍ବତ ପାନ ଓ ତାପରେ ଅନ୍ୟ ଖାଦ୍ୟ ଖିଆଯାଏ । ଏହି ରମଜାନ୍ ଏକ ଆରବୀ ଶବ୍ଦ ଯାହାର ଆକ୍ଷରିକ ଅର୍ଥ ଜଳିଯିବା । ଇସଲାମ ଧର୍ମର ହିଯିରୀ କ୍ୟାଲେଣ୍ଡର ଅନୁଯାୟୀ ରମଜାନ୍ ମାସ ହେଲା ବର୍ଷର ନବମ ମାସ । ଏହା ସାବାନାର ପରବର୍ତ୍ତୀ ଓ ସବାଲର ପୂର୍ବବର୍ତ୍ତୀ ମାସ । ଇସଲାମୀୟ ପରମ୍ପରା ଅନୁସାରେ ଏହି ରମଜାନ୍ ମାସ ହିନ୍ଦୁଙ୍କର କାର୍ତ୍ତିକ ମାସ ସମ ପବିତ୍ର ଓ ପୁଣ୍ୟ ମାସ ଅଟେ । ଏ ମାସରେ ରୋଜା ଓ ଏବାଦତ ଓ ତରାବି ନମାଜ ପଠନ ହୁଏ ।

ଇସଲାମ ଧର୍ମ ଅନୁସାରେ ରୋଜା ଶ୍ରଦ୍ଧାଳୁଙ୍କର ରକ୍ଷାକବଚ ପରି ନିର୍ଜଳ ଉପବାସ ପ୍ରତ୍ୟହ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ଚକ୍ଷୁକର୍ଣ୍ଣନାସା ଜିହ୍ୱାଦି ଇନ୍ଦ୍ରିୟ ଗୁଡ଼ିକ ଉପରେ ସଂଯମ ଅବଲମ୍ବନ ପୂର୍ବକ ଆଲ୍ଲାଙ୍କ ସ୍ତୁତି କରିବାକୁ ରୋଜା କହନ୍ତି । ଏହା ବିନା ରୋଜା ଅସମ୍ପୂର୍ଣ୍ଣ ରହେ । ମାସସାରା ଧୈର୍ଯ୍ୟାଶୀଳତା ଆଧ୍ୟାତ୍ମିକତା ଆଲ୍ଲାଙ୍କ ପ୍ରତି ବିନୟ ଏବଂ ଅର୍ପଣ ଭାଗ ଆଦି ବେଶ୍ କଠୋର ଭାବେ ପାଳନ କରିବାକୁ ପଡ଼େ । ଇସଲାମ ଧର୍ମନୁସାରେ ୨୯ ବା ୩୦ ଦିନ ପରେ ନବ ଚନ୍ଦ୍ର ଦର୍ଶନ ପରେ ଇଦ୍-ଉଲ୍-ଫିତର ଦିନ ସମାପ୍ତ ହୁଏ । ଇଦ୍ ର ଅର୍ଥ ଖୁସି, ଫିତର ଅର୍ଥ ଦାନ, ରମଜାନର ଶେଷ ରାତି ଲୋକମାନଙ୍କ ପାଇଁ ମଗଫିରତ ରାତ୍ରି ଅଟେ । ଏହି ରାତ୍ରିରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଲ୍ଲା ଆଗାମୀ ବର୍ଷ ପାଇଁ ରୋଜି ବା ରୋଜଗାର ଦେଇଥାନ୍ତି । ଏ ପର୍ବ ଦାନର ମହୋତ୍ସବ । ବର୍ଷସାରାର ଆୟର ଅଢ଼େଇ ଭାଗ ଦୀନ ଓ ନିଃସହାୟ ବ୍ୟକ୍ତିଙ୍କୁ ଦାନ କଲେ ପୁଣ୍ୟ ପ୍ରାପ୍ତିର ବିଶ୍ୱାସ ଅଛି । ସବୁରି ସୁଖ ସମୃଦ୍ଧି ପାଇଁ ମୁସଲମାନ ମାନେ ଏ ମାସରେ ଆଲ୍ଲାଙ୍କୁ ପ୍ରାର୍ଥନା କରନ୍ତି । ଏ ମାସର ଶ୍ରେଷ୍ଠ ଦିନ ହେଉଛି ସବେକଦର । ଏହି ଦିନ ଇସଲାମ ଧର୍ମାବଲମ୍ବୀ ମାନେ ରାତ୍ରି ଉଜାଗର ରହି ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରନ୍ତି । ଏ ଧର୍ମାନୁସାରେ ଏହି ମାସକୁ ତିନି ଭାଗରେ ବିଭକ୍ତ କରାଯାଇଛି । ପ୍ରଥମ ୧୦ ଦିନ ଆଲ୍ଲାତାଲ୍ଲା ଦୟା କରନ୍ତି, ଏକାଦଶରୁ ବିଂଶ ଦିନ ଯାଏ ପାପୀର ପାପକୁ କ୍ଷମା ଦିଅନ୍ତି ଏବଂ ୨୧ ଦିନରୁ ତିରିଶ ଯାଏ ଦୋଜଖ ନିଆଁରୁ ମୁକ୍ତି ଦେଇଥାନ୍ତି । ୧୨ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସମସ୍ତ ଇସଲାମ ଧର୍ମୀ ଏହି ରୋଜା ପାଳିବାକୁ ବାଧ୍ୟ । ଏ ମାସରେ ଭଲକାମ କଲେ ୭୦ଗୁଣ ଅଧିକ ପୁଣ୍ୟ ଅର୍ଜନ ହୁଏ ବୋଲି ବିଶ୍ୱାସ । ଏ ମାସରେ ନର୍କର ଦ୍ୱାର ବନ୍ଦ ଥାଏ । ଏହି ମାସରେ ମହମ୍ମଦ ଆଲ୍ଲାଙ୍କ ବାଣୀ ପ୍ରାପ୍ତ କରିଥିଲେ । ପରମ୍ପରାନୁସାରେ ପ୍ରାତଃ କାଳେ ରୋଜା ରଖିବା ବେଳେ ଭକ୍ତମାନେ ଆଲ୍ଲା ସ୍ମରଣ ପୂର୍ବକ କହନ୍ତି ଆଲ୍ଲା ମୁଁ ଆପଣଙ୍କ ପାଇଁ ରୋଜା ରଖୁଛି ମୋ ରୋଜା ସ୍ୱୀକାର କରନ୍ତୁ । ସେହିପରି ଭାବେ ରୋଜା ଖୋଲିବା ବେଳେ କହନ୍ତି ଆଲ୍ଲା ମୁଁ ଆପଣଙ୍କ ରୋଜା ରଖିଥିଲି ଓ ଆପଣଙ୍କ ଆଶୀର୍ବାଦରୁ ଖୋଲୁଛି ।

ରୋଜା ରଖିବାକୁ ମୁସଲମାନ ମାନେ ରାତ୍ରିର ଶେଷ ପ୍ରହରେ କରୁଥିବା ବାଧ୍ୟତାମୂଳକ ଭୋଜନକୁ ସହେରୀ ଏବଂ ରୋଜା ଖୋଲିବା ପରେ ଯେଉଁ ଭୋଜନ ହୁଏ ତାକୁ ଇଫତାର କହନ୍ତି । ରମଜାନ୍ ମାସର ବିଶେଷ ରାତିରେ ଉଜାଗର ରହି ନମାଜ ପାଠ କୋରାନ ପାଠ ଓ ଆଲ୍ଲା ନାମ ଜପକୁ ସବେକଦର କହନ୍ତି । ଏ ମାସର ୨୧, ୨୩, ୨୫, ୨୭, ୨୯ ତମ ରାତ୍ରିରେ ସବେକଦର କରାଯାଏ । ୨୭ ତମ ରାତିରେ ପବିତ୍ର ଧର୍ମଗ୍ରନ୍ଥ କୋରାନ ଆଲ୍ଲାଙ୍କ ନିକଟରୁ ଆସିଥିବାରୁ ଅଧିକ ଭକ୍ତ ଉଜାଗର ରହନ୍ତି । ରମଜାନ୍ ମାସରେ ମୁସଲମାନ ସମସ୍ତେ ହିଂସା , ଦ୍ୱେଷ ପରଶ୍ରୀକାତର ଭଳି କାମରୁ ଦୂରେଇ ରହିବା ସହ ନାଚଗୀତ ପରି ମନୋରଞ୍ଜନ ଧର୍ମୀ ଦୃଶ୍ୟ ଆଉ କଥାଚିତ୍ର ଦେଖିବାକୁ ବାରଣ କରାଯାଇଛି ଏଥିରେ । ଗାଳି କୁମନ୍ତ୍ରଣା, ମିଥ୍ୟା ପରଚର୍ଚ୍ଚା ଓ ପର ସମାଲୋଚନାରୁ ଦୂରରେ ରୁହନ୍ତି ଏହି ଧର୍ମାବଲମ୍ବୀମାନେ ରହସ୍ୟ କଥା ଓ ସିନେମା ସଙ୍ଗୀତରୁ ବହୁ ଦୂରରେ ଥାନ୍ତି । କୌଣସି ଅଙ୍ଗକୁ କୁକାର୍ଯ୍ୟରେ ବ୍ୟବହାର ନକରିବାକୁ ପରାମର୍ଶ ଦିଆଯାଇଛି । ଏସବୁ ନକରିବା ବ୍ୟକ୍ତିଟି ଅର୍ଥାତ ନିୟମ ଉଲ୍ଲଂଘନକାରୀର ରୋଜା ମକ୍ରୁ ବା ଅସଫଳ ହୋଇଥାଏ । ଏତତ୍ ବ୍ୟତୀତ ଅନ୍ୟାନ୍ୟ କାରଣରୁ ବାନ୍ତିହେଲେ କି ଶରୀରରୁ ରକ୍ତ ଝରିଲେ ମଧ ରୋଜା ମକ୍ରୁ ହୁଏ । ସମସ୍ତଙ୍କୁ ଐକ୍ୟଭାବ ସୂତ୍ରେ ବାନ୍ଧି ରଖିବାର ବ୍ରତ ହେଉଛି ରମଜାନ ପର୍ବର ବୈଶିଷ୍ଟ୍ୟ ।

କେହି କେହି ପାଣି ପିଇ ରୋଜା ଖୋଲୁଥିବା ବେଳେ କେହି କେହି ଖଜୁରୀ କୋଳି ସେବନ କରି ରୋଜା ଖୋଲନ୍ତି । ଏହି ଖଜୁରୀ କୋଳି ସେବନ ପରମ୍ପରା ଆରବୀ ମାନେ ଆରମ୍ଭ କରିଥିଲେ ବୋଲି ଶୁଣାଯାଏ । କାରଣ ସେଠି ଏ କୋଳି ଭରପୁର ମାତ୍ରାରେ ଉପଲବ୍ଧ ହେଉଥିଲା । ଧର୍ମାର୍ଥ ନିଜ ରୋଜଗାର ଅନୁସାରେ ଦାନ

ଦେବାକୁ ଜକାତ କହନ୍ତି । ସ୍ୱରୋଜଗାରର ବାର୍ଷିକ ଆୟରୁ ହଜାରକେ ୨୫ ଟଙ୍କା ହିସାବରେ ଈଶ୍ୱର ଉପାସନା ଓ ଦାନ ପାଇଁ ବ୍ୟୟ ହୁଏ । ଆର୍ଥିକ ସମ୍ବଳ ଥିଲେ ମକ୍କା ମଦିନା ଯାଇ ତୀର୍ଥ କରିବାକୁ ହଜ୍ କୁହାଯାଏ । ମୁସଲମାନ ମାନଙ୍କର ଜିଲହଜ ମାସର ଦଶମ ଦିନ ବକ୍ରୀଦ ପର୍ବ ପଡ଼େ । ସେଦିନ ମକ୍କାକୁ ଯାଇ ହଜ କରନ୍ତି ମୁସଲିମ । ସିହା ଓ ସୁନି ନାମରେ ମୁସଲିମ ଦୁଇ ସମ୍ପ୍ରଦାୟରେ ବିଭକ୍ତ । ବର୍ତ୍ତମାନ ମୁସଲମାନ ଧର୍ମାବଲମ୍ବୀ ମାନଙ୍କ ମଧ୍ୟରେ ଫେବୃୟାରୀ ୧୩ ତାରିଖରେ ଓ ମୃତ୍ୟୁ ହୋଇଥିଲା ୧୯୦୮ ମସିହା ମଇ ମାସ ୨୬ ତାରିଖରେ । ଏ ହେଉଛନ୍ତି ଭାରତୀୟ ଧର୍ମ ପ୍ରଚାରକ ଓ ୟାଙ୍କର ଜନ୍ମସ୍ଥାନ କ୍ୱାଦିନ ଶିଖ ସାମ୍ରାଜ୍ୟରେ ଏବଂ ମୃତ୍ୟୁ ହୋଇଥିଲା ୭୩ ବର୍ଷ ବୟସରେ ଲଣହୋର, ଇଂରେଜ ଶାସନାଧିନ ଭାରତରେ । ଏହାଙ୍କ ବାପା ଥିଲେ ମୀର୍ଜା ଗୁଲାମ ମୂର୍ତ୍ତିଜା ଓ ମାତା ଥିଲେ ଚିରାଘ ବିବି । ମୀର୍ଜା ଘୁଲାମ ବା ହଜରତ ମୀର୍ଜା ଗୋଲାମ ଅହମ୍ମଦ ଥିଲେ ପଞ୍ଜାବର ଗୁରୁଦାସପୁର ଜିଲ୍ଲାସ୍ଥ କାଦୀୟାନ ନାମକ ସ୍ଥାନାଧିବାସୀ ଓ ଉନବିଂଶ ଶତାବ୍ଦୀର ମଧଭାଗରେ ଅହମ୍ମଦୀୟ ବା କାଦୀୟାନ ମତ ପ୍ରଚାର କରିଥିଲେ । ମହମ୍ମଦଙ୍କର ପରବର୍ତ୍ତୀ କାଳରେ ମୁସଲମାନ ଧର୍ମରେ ଯେଉଁ କେତୋଟି ମନ୍ଦ ପ୍ରଥା ପ୍ରବେଶ କରିଥିଲା ସେ ସବୁର ସଂସ୍କାର କରିଥିଲେ । ଏହାଙ୍କର ଉପାଧି ହେଉଛି ମେହଦୀ ବା ମହମ୍ମଦଙ୍କ ଈଶ୍ୱର ପ୍ରେରିତ ଶିଷ୍ୟ ।

ସେ ନିଜକୁ ବିଭିନ୍ନ ପାଶ୍ଚାତ୍ୟ ଧର୍ମାଦିର ଭବିଷ୍ୟବାଣୀରେ ବର୍ଣ୍ଣିତ ଈଶ୍ୱରଙ୍କ ଶେଷ ନିଷ୍ପତ୍ତି ଦିନର ଅଗ୍ରଦୂତ ଓ ଇସଲାମ ଧର୍ମରେ ବର୍ଣ୍ଣିତ ଏ ଧର୍ମର ବିଜୟ ଆନୟନରେ ସିଦ୍ଧ ହୋଇଥିଲେ ବୋଲି ଘୋଷଣା କରିଥିଲେ । ସେ ନିଜକୁ ଚତୁର୍ଦ୍ଦଶ ଶତାବ୍ଦୀର ମୂଜାଦିଦ ଓ ମୁସଲିମମାନଙ୍କର ପ୍ରତୀକ୍ଷିତ ମହଦି ଆଉ ପ୍ରତିଜ୍ଞାବଦ୍ଧ ମସିହା ରୂପେ ଘୋଷଣା କରିଥିଲେ । ଅହମ୍ମଦୀୟ ଆନ୍ଦୋଳନର ଅନୁଗାମୀମାନେ ଆହମ୍ମଦୀ ବା ଅହମ୍ମଦୀ ମୁସଲମାନ ଭାବେ ପରିଚିତ । ଅନ୍ୟ ମତ ଅବଲମ୍ବୀମାନେ ଏହାକୁ ବ୍ୟାଙ୍ଗୋକ୍ତିର କାଦିଆନୀ ମୁସଲମାନ ବୋଲି କହନ୍ତି । ମୁସଲମାନ ମାନେ ଆଉ ଏକ ପର୍ବ ପାଳନ୍ତି ମହରମ । ଏହା ତାଙ୍କର ଖେଦ ପ୍ରକାଶକ । ପ୍ରଧାନଯାତ୍ରା ମୁସଲମାନ ହିଯୁରୀ ବର୍ଷର ପ୍ରଥମ ମାସ ମହରମ ମାସ । ଏ ମହରମ ମାସର ସପ୍ତମ ଦିବସରୁ ନବମ ଦିବସ ଯାଏ ତିନିଦି ପାଳିତ ହୁଏ । ଏହା କୋରାନରେ କିନ୍ତୁ ନାହିଁ । ମହମ୍ମଦଙ୍କ ମୃତ୍ୟୁର ୩୪ ବର୍ଷ ପରେ ତାଙ୍କ କନ୍ୟା ଫାତିମା ଜୋହୋରାଙ୍କ ଜ୍ୟେଷ୍ଠପୁତ୍ର ଇମାମ ବସନ୍ ଖଲିଫା ପଦରେ ଉପବେଶନ କରିବାର ଛଅମାସ ପରେ ଦାମସ୍କର ଶାସନକର୍ତ୍ତା ମାଭିଆ ଖଲିଫା ହୋବକୁ ଚାହିଁବାରୁ ବୃଥା ରକ୍ତପାତର ଆଶଙ୍କା ଦୂର କରିବାକୁ ହସନ ତାଙ୍କୁ ଉକ୍ତ ଅଧିକାର ବା ଖିଲାଫତ୍ ଛାଡ଼ିଦେଲେ । ତଥାପି ମାଭିଆଙ୍କ ପୁତ୍ର ଦୁଷ୍ଟ ଏଜିଦ ହସନଙ୍କୁ ବିଷ ଦେଇ ମାରିଦେଲେ । ଏଥିରେ ମଧ୍ୟ ସନ୍ତୁଷ୍ଟ ନହୋଇ ମାଭିଆର ସାନପୁଅ ହସନଙ୍କ ଭାଇ ହୋସେନଙ୍କ ସହିତ ତାଙ୍କର ୭୨ ଜଣ ସଙ୍ଗୀଙ୍କୁ ବିଶ୍ୱାସରେ କୁଫା ନାମ୍ନୀ ସ୍ଥାନକୁ ଡକାଇ ନେଇ ସେଠି ତାଙ୍କୁ ନିରାହାର ରଖି ନିଷ୍ଠୁର ଭାବେ କତଲ ବା ହତ୍ୟା କଲା । ଏସନେକ ଦୁର୍ଘଟଣା ମହରମ ମାସରେ ହୋଇଥିବାରୁ ଏହାର ସ୍ମରଣାର୍ଥେ ମୁସଲମାନ ମାନେ ମହରମ ପାଳନ କରନ୍ତି । ଦାନ ଭୋଜନ ଦେଇ ଏ ପର୍ବ ପାଳନ ହୁଏ । କଥିତ ଅଛି ଯେ ତୈମୁଲଙ୍ଗ ଭାରତବର୍ଷରେ ତାଙ୍କ ସୈନ୍ୟଙ୍କ ପାଳିତ ମହରମ ଉପଲକ୍ଷେ ତାଳିଆ ନିର୍ମାଣ କରି ତାଜିଆ ସହ ଶୋଭାଯାତ୍ରା କରିବା ପ୍ରକ୍ରିୟା ପ୍ରଥମେ ଆରମ୍ଭ କରିବାରୁ ଏହା କ୍ରମଶଃ ମୁସଲମାନ ମାନଙ୍କ ମଧ୍ୟରେ ଚଳି ଆସୁଛି । ଏହି ପର୍ବର ନବମ ଦିବସ ଦିନ ଆକବର କରବଲ୍ଲା ଶୋକ ପ୍ରକାଶର ଚିହ୍ନ ରୂପେ ମୁସଲମାନ ମାନେ ସବୁଜ ରଙ୍ଗର ପୋଷା ପିନ୍ଧନ୍ତି । ଶୋଭାଯାତ୍ରା ସହ ସେମାନେ ବାହାର କରୁଥିବା ତାଜିଆଟି ହୋସେନଙ୍କ ପିଉଳର ପାଞ୍ଜା ବା କରତାଳ ପରି ରୂପକୁ କାଗଜ ଓ ଜରିରେ ତିଆରି ବିମାନରେ ରଖି ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ଯୁଦ୍ଧଯାତ୍ରା କରନ୍ତି ।

ଅଲ୍ଲିଦା ଅର୍ଥାତ୍ ଏ ଦିନ ପ୍ରାତେଃ ତାଜିଆ ଘେନି ନଗର ଯାତ୍ରା ସାରି ବିଶ୍ରାମ କରନ୍ତି ଓ ପୁନଃ ରାତିକୁ ତାଜିଆ ନେଇ ନଦୀରେ କରବଲ୍ଲା ନାମକ ଯୁଦ୍ଧକ୍ଷେତ୍ର କଳ୍ପନା କରି ବିସର୍ଜନ କରନ୍ତି । ଷଷ୍ଠ ଦିନ ଆଉଲିଆ ମାହାତମ୍ ଅର୍ଥାତ୍ ପାଞ୍ଜାକୁ ନେଇ ତାଜିଆରେ ସ୍ଥାପନ କରନ୍ତି ଏବଂ ସପ୍ତମ ଦିନ ଦୋପହରିଆ ମହାତମ ଅର୍ଥାତ୍ ଫାତିମାଙ୍କର ପୁତ୍ର ଶୋକ ସମାଚାର ସ୍ମାରକ ସ୍ୱରୂପ ଦିନ ଦ୍ୱିପ୍ରହର ବେଳେ ଫାତିଆ କରନ୍ତି । ଅଷ୍ଟମ ଦିନ ଗୁମପୁମ୍ ବା ବିଶ୍ରାମ ଅର୍ଥାତ୍ ଏ ଦିନ ଶତ୍ରୁ ଡରରେ ଜଙ୍ଗଲ ମଧ୍ୟେ ଏକ କୂପ ମଧ୍ୟେ ହୋସେନ ପଶି ରହିଥିବାରୁ ସେଦିନ କିଛି ଯାତ୍ରା ହୁଏନି । ନବମ ଦିନ ମୁସଲମାନମାନଙ୍କ ବିଭିନ୍ନ ଦଳମାନ ରାତିତୁ ତାଜିଆ ବାହାର କରି ନିଜ ନିଜ ଆଖଡାରେ ଅସ୍ତ୍ରଶସ୍ତ୍ର ସଞ୍ଚାଳନ କରନ୍ତି । ଏ ଦିନ ଯୁଦ୍ଧରେ ହୋସେନଙ୍କ ସହ ତାଙ୍କ ପକ୍ଷମାନେ ନିହନ ହୋଇଥିଲେ ।

ମୁସଲିମ୍‌ମାନଙ୍କର ପ୍ରଥା ପରମ୍ପରା ସତରେ ନିଆରା ଓ ବିସ୍ମୟସୂଚକ । କୌଣସି ମୁସଲିମ ସ୍ତ୍ରୀ ତାର ପୂର୍ବ ସ୍ୱାମୀ ଆଡୁ ସନ୍ତାନ ସନ୍ତତି ଥାଇ ପୁରି ଅନ୍ୟ ଜଣଙ୍କୁ ବିବାହ କଲେ ଓ ସନ୍ତାନ ସନ୍ତତି ଜନ୍ମ ନେଲେ ଏ ଛୁଆମାନେ ପିତାର ମା'ର ମାତ୍ର ତ୍ୟାଗ ସ୍ୱାମୀ ଆଡୁ ହୋଇଥିବା ଛୁଆମାନେ ଉକ୍ତ ପିତାର ବୋଲି ଧରାହେବେ । ଯେଉଁମାନେ ସନ୍ତାନ ସନ୍ତତି ତା ମାଆର ବୈଧତା ଅବୈଧ ସହବାସ ଦ୍ୱାରା ଜନ୍ମ ହୋଇଥାଏ । ସେ ଛୁଆ ତାର ମା'ର ସନ୍ତାନ ବୋଲି ଧରାହେବେ । ସ୍ୱାମୀ ସ୍ତ୍ରୀର ସିଦ୍ଧ ବିବାହ ସନ୍ତାନ ପିତାର ବୋଲି ଧରାହେବେ । ଛୁଆ ଗର୍ଭସ୍ଥ ଥିବାବେଳେ ପିତାମାତାଙ୍କର ଯଦି ସ୍ୱାମୀ ସ୍ତ୍ରୀର ସମ୍ପର୍କ ଥାଏ ଯଦି ଛୁଆଟି ତା ମା ଗର୍ଭରେ ୨୮୦ ଦିନ ରହେ ଏବଂ ଯଦି ଉଭୟ ପିତା ଓ ମାତା ଛୁଆଟିକୁ ତାଙ୍କର ବୈଧ ସନ୍ତାନ ବୋଲି ଗ୍ରହଣ କରନ୍ତି ତେବେ ସେ ପିତାର ବୋଲି ଧରାଯିବ । ଯଦି ଜଣେ ମୁସଲିମ ଛୁଆ ପିତୃତ୍ୱକୁ ଅସ୍ୱୀକାର କରିବାକୁ ଚାହେଁ ତେବେ ଠିକ୍ ଛୁଆର ଜନ୍ମ ପରେ ପିତୃତ୍ୱ ଅସ୍ୱୀକାର କରିବ ଏ ମୋର ଛୁଆ ନୁହେଁ । ଜନ୍ମର ଠିକ୍ ପରେ ପରେ ମନା ନକଲେ ପଛରେ ଆଉ ମନା କରିପାରିବେ ନାହିଁ । ଏଭଳି ସ୍ଥଳେ ସେ ସନ୍ତାନ ଅନ୍ୟ କାହା ଆଡୁ ହୋଇଛି ବୋଲି ଧରାଯିବ । ପିତା ଯଦି ଜନ୍ମିତ ଶିଶୁର ମା'କୁ ତା'ର ସ୍ତ୍ରୀ ବୋଲି ସ୍ୱୀକାର କରେ ତେବେ ଉକ୍ତ ସ୍ୱୀକାର ପିତୃତ୍ୱର

ପ୍ରମାଣ ବୋଲି ଧରାଯିବ । ଯଥା ସ୍ୱାମୀ ସ୍ତ୍ରୀ ପରସ୍ପର ବିବାହକୁ ମାନୁଥିବେ ଆଉ ସ୍ୱାମୀ ସ୍ତ୍ରୀର କିଛି ବୟସ ତାରତମ୍ୟ ନଥିବ ତେବେ ସେ ଜାଗାରେ ସନ୍ତାନର ପିତୃତ୍ୱ ନିର୍ଦ୍ଧାରଣ ହେବ ।

ମୁସଲିମ ଆଇନରେ ପୋଷ୍ୟପୁତ୍ର ଗ୍ରହଣ ବାରଣ ଅଛି । ମାତ୍ର ଜଣେ ମୁସଲମାନ ତାଭ୍‌କର କୌଳିକ ପ୍ରଥାନୁଯାୟୀ ଏକ ପୋଷ୍ୟପୁତ୍ର ଗ୍ରହଣ କରିପାରେ । ବିବାହିତ ସ୍ତ୍ରୀ ନାତି ନାତୁଣୀ ବିବାହିତ ସ୍ତ୍ରୀର ସନ୍ତାନ ସନ୍ତତି ଜେଜେବାପା ଜେଜେମା ପୁଅର ସ୍ତ୍ରୀ ପୋଷ୍ୟମାତା ଅନ୍ୟ କେହି ରକ୍ତ ସମ୍ପର୍କୀୟ ଖୋରାକ ପୋଷାକ ପାଇବାକୁ ହକଦାର ଅଟନ୍ତି । ସମ୍ବଳହୀନ ହୋଇ ନଥିବା ମୁସଲମାନ ବ୍ୟକ୍ତି ଖୋରାକ ପୋଷାକ ପାଇବାକୁ ହକଦାର ନୁହେଁ । ସ୍ୱାମୀ ପିତା ମାତା ଜେଜେବାପା ଜେଜେମା କୌଣସି ସନ୍ତାନ ସନ୍ତତି କୌଣସି ପିତୃକୂଳର କକା ଖୁଡ଼ୀମାନେ ଖାଦ୍ୟ ଓ ପୋଷାକ ଦେବାକୁ ବାଧ୍ୟ । ଜଣେ ବିବାହିତା ତାଙ୍କର ବ୍ୟକ୍ତିଗତ ଆଇନ୍ ଓ କୌଣସି ଚୁକ୍ତି ବଳରେ କିମ୍ବା ସିଆରପିସି ଦ୍ୱାରା ଖୋରାକ ପୋଷାକ ଦାବି କରିପାରିବେ । ଜଣେ ସ୍ତ୍ରୀ ସ୍ୱାମୀର ସକ୍ଷମାନୁସାରେ ବା ଅବସ୍ଥାକୁ ଦେଖି ଖୋରାକ ପୋଷାକ ପାଇଁ ପ୍ରାପ୍ତ ହକଦାର । ମାତ୍ର କୋର୍ଟ ଚାହିଁଲେ ସ୍ଥଳବିଶେଷରେ ପରିବର୍ତ୍ତନ କରିପାରନ୍ତି । ସ୍ତ୍ରୀ ତାଙ୍କର ବକେୟା ଚଳଣି ଅର୍ଥ କୋର୍ଟ ଜରିଆରେ ଅସୁଲ କରିପାରିବ । ଡେବିଟ ରିକୋଭରି କେସରେ ବିବାହିତ ସ୍ତ୍ରୀ ପ୍ରଥମ ଅଗ୍ରାଧିକାର ପାଇଥାନ୍ତି । ନାବାଳକ ପୁଅ ଅବିବାହିତା ଝିଅ ତାର ବାପା ମା ଜେଜେବାପା ଓ ଜେଜେମାଆ ଦ୍ୱାରା ପ୍ରତିପାଳନ ହୋଇପାରିବ । ସାବାଳକ ପୁଅ ଓ ଝିଅ ଯେଉଁମାନେ ଦରିଦ୍ର ନୁହଁନ୍ତି ସେମାନେ ତାଙ୍କରପିତା ମାତାଙ୍କୁ ପ୍ରତିପାଳନ କରିବେ ସେମିତି ଜେଜେବାପା ଓ ଜେଜେମା ତାଭ୍‌କ ନାତି ନାତୁଣୀ ମାନଙ୍କ ଦ୍ୱାରା ପ୍ରତିପାଳିତ ହେବେ । ଯଦି ପୁଅ ଗରିବ ନାବାଳକ ଅକ୍ଷମ ଥାଏ ତାର ସ୍ତ୍ରୀକୁ ତା ଶ୍ୱଶୁର ପୋଷିବାକୁ ବାଧ୍ୟ ରୁହେ । ପୋଷ୍ୟପୁଅ ତାର ପୋଷ୍ୟ ମାଆକୁ ପରିପାଳନ କରିବ । ଏତତ ବ୍ୟତିରେକ ସମ୍ବଳଯୁକ୍ତ ସମ୍ପର୍କୀୟମାନେ ତାଙ୍କ ଦରିଦ୍ର ସମ୍ପର୍କୀୟକୁ ପ୍ରତିପାଳନ ପାଇଁ ବାଧ୍ୟ ରୁହନ୍ତି । କୌଣସି ଧର୍ମ ପରିବର୍ତ୍ତନକାରୀ ବା ଚରିତ୍ରହୀନ ପୁରୁଷ ବା ସ୍ତ୍ରୀ ଖାଦ୍ୟ ବସ୍ତ୍ର ପାଇବା ପାଇଁ ହକଦାର ନୁହଁନ୍ତି । କୌଣସି ଲୋକ ଆଇନତଃ ଖାଦ୍ୟ ବସ୍ତ୍ର ଦେବାକୁ ବାଧ୍ୟ ନୁହେଁ କି ଦେଇ ପୋଷି ଆସୁଛି । ପରେ ଖାଦ୍ୟ ବସ୍ତ୍ର ଦେବାକୁ ଥିବା ଲୋକଠାରୁ ସେ ବ୍ୟୟ କରିଥିବା ଧନ ଆଦାୟ କରିପାରିବ । ଜଣେ ବିବାହିତା ସ୍ତ୍ରୀ ପ୍ରଥମେ ନିଜ ଧନରେ ଚଳି ପରେ ସ୍ୱାମୀଠୁ ଆଦାୟ କରି ପାରିବାର ନିୟମ ପୂର୍ବରୁ ସ୍ଥିର ହୋଇଛି । ପୁଅ ଓ ଝିଅ ଘରଯୋଗ୍ୟା ହେବା ପରେ ସାବାଳକ ବୋଲି ଧରାଯିବ । ବିବାହ କେବଳ ଜଣେ ମାଆର ଓ ତଲାକ ପାଇଁ ମାତ୍ର ନାବାଳକ ସତ୍ୟକୁ ଉଦ୍ଧାର ପାଇଁ ସେ ୨୧ ବର୍ଷ ହେଲେ ସାବାଳକ ବୋଲି ଧରାଯିବ ଏବଂ ଅନ୍ୟ ସମସ୍ତେ କ୍ଷେତ୍ରେ ୧୮ ବର୍ଷରେ ସାବାଳକ ଧରାଯିବ । ମୁରବି ବା ଗାଡ଼ିଆନ୍ ମାନେ ଖାଲି ରକ୍ଷଣାବେକ୍ଷଣ ଓ ତାର ସମ୍ପତ୍ତିର ଦେଖାଶୁଣା ସହ ନାବାଳକ ମାନଙ୍କର ବିବାହ କ୍ଷେତ୍ରରେ ଦରକାର ହୁଅନ୍ତି ।

ଜଣେ ନାବାଳକ ଅସୁସ୍ଥ ମସ୍ତିଷ୍କ ଆଉ ଜଣେ ନାବାଳକ ଗାର୍ଡ଼ିଆନ ହୋଇପାରିବନି । ଜଣେ ନାବାଳକ କେବଳ ବିବାହ ସମ୍ପର୍କ ଯାଏ ଗାର୍ଡ଼ିଆନ ହେବ । ସେ ଜଣେ ସୁସ୍ଥ ମସ୍ତିଷ୍କ ଲୋକ ହୋଇଥିବା ଉଚିତ୍ । କେହି କେହି ବି ଗୋଟିଏ ନାବାଳକ ବିବାହ ନିମନ୍ତେ କେବଳ ଗାର୍ଡ଼ିଆନ ହୋଇପାରିବେ । ପିତୃକୂଳର ସମ୍ପର୍କୀୟ ଯିଏକି ରେସିଡାଉରି ହିସାବରେ ସମ୍ପତ୍ତି ପାଇବେ । ମା ବା ମାତୃକୂଳ ସମ୍ପର୍କୀୟ ଗାର୍ଡ଼ିଆନ ହେବେ । କେହି ନଥିଲେ ସର୍ବଶେଷେ ଅଦାଲତ ତାଙ୍କର କୋର୍ଟ ଗାର୍ଡ଼ ନିଯୁକ୍ତ କରିବେ । ଜଣେ ଗାର୍ଡ଼ିଆନ ଏକ ନାବାଳକ ଓ ମସ୍ତିଷ୍କ ବିକୃତି ବା କନ୍ୟାଙ୍କ ବିବାହ କ୍ଷେତ୍ରରେ ଗାର୍ଡ଼ିଆନ କାର୍ଯ୍ୟ କରିପାରିବେ । ମାତ୍ର ଅଦାଲତ ଦ୍ୱାରା ଗାର୍ଡ଼ିଆନ ଅଦାଲତର ଅନୁମତି ବିନା ବିବାହ ଦେଇପାରିବେ ନାହିଁ । ଜଣେ ଗାର୍ଡ଼ିଆନ ବିବା ଦାଓ୍ୱାର ଅର୍ଥ ପାଇଁ ଚୁକ୍ତି ସମ୍ପାଦନ କରିବେ । କୌଣସି ନାବାଳକର ପିତା ଓ ମା ଖୁଲା ବିବାହର ଗାର୍ଡ଼ିଆନ ହୋଇ କରାଇ ପାରିବେ । ଜଣେ ନାବାଳିକା ସାବାଳିକା ହେବା ପରେ ଡିସୋଲୁଟୋ ବିବାହ ଆକ୍ଟ ୧୯୩୯ ଦ୍ୱାରା ବିବାହକୁ ସ୍ୱୀକାର କରି ନ ପାରନ୍ତି । ସେପରି ଜଣେ ବାଳକ ସାବାଳକ ପ୍ରାପ୍ତନ୍ତେ କୋରାନନୁଯାୟୀ ବିବାହକ ଗ୍ରହଣ କରିନପାରନ୍ତି । ମାତ୍ର ଉପରୋକ୍ତ ବିଚ୍ଛେଦ କେବଳ ଅଦାଲତରେ ସାବ୍ୟସ୍ତ ହେବ । ରାଇଟ ଟୁ କଷ୍ଟୋଡି ଅଫ ଦି ପର୍ସନ ୧୮୯୦ ମସିହାର ଗାର୍ଡ଼ିଆନ ଓ ୱାର୍ଡ଼ ଆକ୍ଟ ନିର୍ଦ୍ଦେଶ ମୁତାବକ ନାବାଳକର ଗାର୍ଡ଼ିଆନ ସାବ୍ୟସ୍ତ ହୁଏ । ପୁତ୍ର କ୍ଷେତ୍ରରେ ୭ ବର୍ଷ ଯାଏ ନାବାଳକ କିନ୍ତୁ କନ୍ୟା କ୍ଷେତ୍ରରେ ବିବାହିତ ବା ଅବିବାହିତ ଥାଇ ତା'ଣ ପ୍ରଥମ ଋତୁମତୀ ଦିବସ ଯାଏ ନାବାଳିକା ରହେ । ମା ଭଉଣୀ ଜେଜେମା ମାଉସୀ ଅଜା ଚାଚା ନଥିଲେ ପିତା ଜେଜେବାପା ବାପାଙ୍କର ଭାଇମାନେ ନାବାଳିକାର ଗାର୍ଡ଼ିଆନ ହୁଅନ୍ତି । ମାତର କୌଣସି କ୍ଷେତ୍ରେ ପ୍ରୋହିବିଟେଡ଼ ଡିଗ୍ରୀ ଭିତରେ ଆସୁନଥିବା ପୁରୁଷ କୌଣସି କନ୍ୟା ସନ୍ତାନର ଗାର୍ଡ଼ିଆନ ହୋଇପାରିବେ ନାହିଁ । ଜଣେ ସ୍ତ୍ରୀଲୋକ ଯଦି ସେ ନାବାଳକ ବା ନାବାଳିକାର ରକ୍ତ ସମ୍ପର୍କୀୟ ନୁହେଁ ସେ ତାର ଗାର୍ଡ଼ିଆନ ହୋଇପାରିବନି । ଦୁଶ୍ଚରିତ୍ରା ସ୍ତ୍ରୀଲୋକ ଓ ସ୍ୱାମୀ ଶାଶୁଠୁ ଦୂରେଇ ରହୁଥିବା ସ୍ତ୍ରୀଲୋକ ଗାର୍ଡ଼ିଆନ ପାଇଁ ଅଯୋଗ୍ୟ । ପୁରୁଷ ଯଦି ନିଦେଧ ସଂକ୍ରାନ୍ତୀୟ ନୁହେଁ ତେବେ ସେ ଗାର୍ଡ଼ିଆନ ପାଇଁ ଅଯୋଗ୍ୟ । ବାପା ବାପାଙ୍କ କ୍ଷମତାପ୍ରାପ୍ତ ଅଧିକାରୀ ତାଙ୍କଠୁ କ୍ଷମତା ଗ୍ରହଣ କରିଥିବା ଲୋକ, ଜେଜେବାପା ବା ଜେଜେବାପାଠୁ କ୍ଷମତାପ୍ରାପ୍ତ ଅଧିକାରୀ ମାନେ ଲିଗାଲ ଗାର୍ଡ଼ିଆନ ଅଟନ୍ତି । ଲିଗାଲ ଗାର୍ଡ଼ିଆନ ଭାବରେ ଅଦାଲତ ଗାର୍ଡ଼ିଆନ ନିଯୁକ୍ତ କରେ । ଯେଉଁଠି ଲିଗାଲ ଗାର୍ଡ଼ିଆନ ଓ କୋର୍ଟ ଗାର୍ଡ଼ିଆନ ନଥାଏ, କେହି ମଧ୍ୟସ୍ଥି ନିଜ ଆଡୁ ନାବାଳକ ଓ ତା ସମ୍ପତ୍ତିର ଦାୟିତ୍ୱ ନିଅନ୍ତି ।

ଲିଗାଲ ଗାର୍ଡ଼ିଆନ ନାବାଳକର ସମ୍ପତ୍ତି ବିକ୍ରି ବନ୍ଧକ କରିପାରନ୍ତି ଯଦି ସମ୍ପତ୍ତିର ଦାମ ଦୁଇଗୁଣାରୁ ଅଧିକ ହେବ ଏବଂ ନାବାଳକର ରକ୍ଷଣାବେକ୍ଷଣ କରନ୍ତି । ନାବାଳକ ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ ସମ୍ପତ୍ତିରୁ ତାଙ୍କ ପିତାଙ୍କ ଋଣ ପରିଶୋଧ ନିମନ୍ତେ ଏହି ଗାର୍ଡ଼ିଆନ ଦାୟିତ୍ୱ ନେବେ । ଯେଉଁଠି ସମ୍ପତ୍ତିର ଆୟଠୁ ବ୍ୟୟ ଅଧିକ ଯେଉଁଠି ସମ୍ପତ୍ତି ନଷ୍ଟ ହେଉଥିବ ବା ଆଦାୟ କରିବା ଅସମ୍ଭବ ନତୁବା

ନାବାଳକର ଉନ୍ନତି ପାଇଁ ଦରକାର ହେଲେ ନାବଳକର ସମ୍ପତ୍ତି ଲିଗାଲ ଗାର୍ଡ଼ିଆନ ବିକ୍ରି କରିପରିବେ । କୋର୍ଟ ଦ୍ୱାରା ନିଯୁକ୍ତ ଗାର୍ଡ଼ିଆନ କେବଳ କୋର୍ଟ ଅର୍ଡ଼ର ଅନୁସାରେ ୧୦୮ ଦଫାରେ ବର୍ଣ୍ଣିତ ବିକ୍ରିବଟା କରିପାରିବେ । ଜନୈକ .....ନାବାଳକର ସମ୍ପର୍ତ୍ତିକୁ କୌଣସିମତେ ବିକ୍ରି କରିପାରିବନି କି ବନ୍ଧକ ରଖି ପାରିବନି କିମ୍ବା ଅନ୍ୟାନ୍ୟ ପ୍ରକାର ହସ୍ତାନ୍ତର କରିପାରିବନି । ନାବାଳକ ଓ ତା ସମ୍ପତ୍ତି ରକ୍ଷାଣାବେକ୍ଷଣରେ ଆଇନ ଓ ପାଗଳ ଆଉ ତା ସମ୍ପତ୍ତିର ରକ୍ଷାଣାବେକ୍ଷଣ ପାଇଁ ଆଇନ ଏକ ପ୍ରକାରର । ଜଣେ ମୁସଲମାନର ମୃତ୍ୟୁ ପରେ ତାର ସମ୍ପତ୍ତି ତା ଉତ୍ତରାଧିକାରୀମାନଙ୍କ ଉପରେ ନ୍ୟସ୍ତ ହେବ । ମୃତ ବ୍ୟକ୍ତି ଯାହା ସପକ୍ଷରେ ୱିଲ କରିଥାଏ ଯେ ୱିଲ କରିଦେଇ ମରିଥାଏ ଓ ୱିଲ ସମ୍ପତ୍ତି ପକ୍ଷେ ଅଦାଲତ ଯାହାକୁ ନିଯୁକ୍ତି କରିଥାଏ ଯେଉଁଠି ଆଡ଼ମିନିଷ୍ଟ୍ରେଟର  ନଥାନ୍ତି ତାର ଅନ୍ୟାନ୍ୟ ଉତ୍ତରାଧିକାରୀଙ୍କ ଠାରେ ସମ୍ପତ୍ତି ନ୍ୟସ୍ତ କରାଯାଏ । ଏପରି ସ୍ଥଳେ ଉତ୍ତରାଧିକାରୀ ଅଭିଷିକ୍ତ । ପୁନଃ ସଦା ୱିଲ ପୋବେଟ ହେବ ନଚେତ ୱିଲ କାର୍ଯ୍ୟକାରୀ ହୋଇପାରିବନି କି ୱିଲ ବଳରେ ଉକ୍ତ ଲୋକଠାରେ ସମ୍ପତ୍ତିର ସତ୍ୟ ଉପୁଜିବନି । ଏକ ଉତ୍ତରାଧିକାରୀ ଅନ୍ୟ ଉତ୍ତରାଧିକାରୀଙ୍କ ଠାରୁ ତା ଅଂଶ ପ୍ରାପ୍ତ୍ୟାର୍ଥେ ପିଟିସନ ନିଯୁକ୍ତି ପାଇଁ ସଲଟ ଫାଇଲ କରିପାରିବେ । ଏପରି ଅନେକ ଆଇନ୍ ପ୍ରଣୟନ ଅଛି ଯାହା ବର୍ଣ୍ଣନା କରି ପ୍ରବନ୍ଧଟିକୁ ବିସ୍ତୃତ କରିହେବନି ।

ମୁସଲମାନ ସମ୍ପ୍ରଦାୟର ବିବାହ ପଦ୍ଧତି ପୂରା ଭିନ୍ନ । ଆରବୀ ଭାଷାରେ ମୁସଲମାନ ବିବାହକୁ ନିକା କହନ୍ତି । ଯାହାର ଅର୍ଥ ଦୁଇଟି ବିଷମ ଲିଙ୍ଗର ଶାରୀରିକ ବା ଦୈହିକ ମିଳନ । ଅନ୍ୟ ଧର୍ମ ପରି କୌଣସି ଧାର୍ମିକ ସଂସ୍କାର ବହନକାରୀ ନୁହେଁ ମୁସଲମାନ ବିବାହ । ଏହା ସମାଜରେ ଏକ ସାମାଜିକ ଚୁକ୍ତି ଭାବରେ ଗ୍ରହଣୀୟ ହୁଏ । ନିକାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୌନ ଲିପ୍ସାର ପରିତୃପ୍ତି । ପାରସ୍ପରିକ ପ୍ରେମ, ସନ୍ତାନ ଜନ୍ମ ଓ ଲାଳନପାଳନ କରିବା ଏବଂ ସନ୍ତାନମାନଙ୍କୁ ବୈଧାନିକ ପ୍ରସ୍ଥିତି ପ୍ରଦାନ କରିବା । ସାମାଜିକ ସ୍ୱୀକୃତି ଦୃଷ୍ଟିରୁ ଏହା ଦୁଇ ଭାଗରେ ବିଭକ୍ତ । ଗୋଟିଏ ହେଲା ବୈଧ ବା ସିଦ୍ଧ ବିବାହ ଓ ଅନ୍ୟଟି ଅବୈଧ ବା ଅସିଦ୍ଧ ବିବାହ । ଯାହା ମୁସଲମାନ ସମ୍ପ୍ରଦାୟର ଠିକ୍ ନୀତିନିୟାମକ ସର୍ବ ସହମତିରେ ହୁଏ ତାହାକୁ ସିଦ୍ଧ ବିବାହ ବା ବୈଧ ବିବାହ ଏବଂ ଯାହା ସଠିକ୍ ନୀତିନିୟମରେ ଆଉ ସର୍ବ ସହମତିରେ ହୋଇନଥାଏ କିମ୍ବା ପ୍ରତିବନ୍ଧକ ଥାଇ ହୋଇଥାଏ ତାହାକୁ ଅସିଦ୍ଧ ବିବାହ ବା ଅବୈଧ ବିବାହ କହନ୍ତି । ସିଦ୍ଧ ବିବାହ ମୁସଲମାନ ସମାଜରେ ଉତ୍କୃଷ୍ଟ ଓ ଚିରସ୍ଥାୟୀ ବିବା ରୂପେ ଅନୁମୋଦିକ ହୋଇଥାଏ । ମୁସଲମାନ ସମ୍ପ୍ରଦାୟର ଚଳି ଆସୁଛି ନିକା ପାଇଁ ଅନେକ ସର୍ତ୍ତ ।

ଉଭୟ ପକ୍ଷ ସୁସ୍ଥ ମସ୍ତିଷ୍କ ହୋଇଥିବେ ଏବଂ ୧୫ ବର୍ଷ ବୟସରୁ ଅଧିକ ହୋଇଥିବେ । ୧୫ ବର୍ଷରୁ କମ୍ ହେଲେ ବିବାହ ଚୁକ୍ତି ପରସ୍ପରଙ୍କ ଅଭିଭାବକଙ୍କ ଦ୍ୱାରା ସମ୍ପାଦିତ ହେବ । ମୁସଲମାନ ସମ୍ପ୍ରଦାୟର ବିବାହ ପ୍ରସ୍ତାବ ମୁଖ୍ୟତଃ ବରପକ୍ଷରୁ କନ୍ୟାପକ୍ଷକୁ ଯାଇଥାଏ । ଉଭୟ ପକ୍ଷର ବୈଠକ ବସି ବିବାହ ପ୍ରସ୍ତାବ ଦେଇ ଅନୁମୋଦନ ହୁଏ । ଗୋଟିଏ ବୈଠକରେ ବିବାହ ପ୍ରସ୍ତାବ ଦିଆଯାଏ ଏବଂ ଅନ୍ୟ ବୈଠକରେ ଅନୁମୋଦନ ହୁଏ । ଏହି ପ୍ରକାରର ବିବାହକୁ ଅନିୟମିତ ହୁଏ । ଏହି ପ୍ରକାରର ବିବାହକୁ ଅନିୟମିତ ବିବାହ କହନ୍ତି । ବିବାହ ପ୍ରସ୍ତାବ ଅନୁମୋଦନ ବେଳେ ପୁରୁଷ ଓ ନାରୀ ଦୁଇଜଣ ସାକ୍ଷୀ ଆବଶ୍ୟକ ହୁଏ । ସାକ୍ଷ୍ୟ ବ୍ୟକ୍ତି ମୁସଲମାନ ସମ୍ପ୍ରଦାୟର ସୁସ୍ଥ ମଣିଷ ଓ ପ୍ରାପ୍ତ ବୟସ୍କ ହେବା ଦରକାର । ଏହି ସମ୍ପ୍ରଦାୟର ବିବାହରେ ମହର ସମ୍ପ୍ରଦାୟର ସମ୍ମାନର ପ୍ରତୀକ । ବିନା ମହରରେ ମୁସଲମାନ ବିବାହ ଅବୈଧ ଅଟେ । ଅର୍ଥାତ୍ ପୂରା ରୂପେ ବିବାହକୁ ସାମାଜିକ ସ୍ୱୀକୃତି ମିଳି ନଥାଏ । ମୁସଲମାନ ସମ୍ପ୍ରଦାୟର ବିବାହରେ ବରକନ୍ୟା ଉଭୟ ପକ୍ଷ ପୂରା ସହମତି ପ୍ରକାଶ କରିବା ଦରକାର । କିଛି ଆପତ୍ତି ବା ପ୍ରତିବନ୍ଧକର ଆଭାସ ମିଳିଲେ ବିବାହକୁ ନିଷିଧ ଘୋଷଣା କରାଯାଏ ।

ଗୋଟିଏ ନାରୀ ଏକ ସମୟରେ ଗୋଟିଏ ପୁରୁଷକୁ ବିବାହ କରିବା । ଯଦି ନାରୀ ଅନ୍ୟ ଏକ ବିବାହ ପାଇଁ ଇଚ୍ଛା କରେ ତେବେ ପ୍ରଥମ ବିବାହକୁ ଛାଡ଼ପତ୍ର ଦ୍ୱାରା ଅସିଦ୍ଧ ଘୋଷଣା କରିବାକୁ ହୁଏ, ନଚେତ ଦ୍ୱିତୀୟ ବିବାହ ଅସମ୍ଭବ । ଏହା ଅବୈଧ ବା ଅସିଦ୍ଧ ବିବାହର ଆଦ୍ୟ ନିୟମ । ଭାଇ, ଭଉଣୀ, କନ୍ୟା ଆଦି ନିକଟ ସମ୍ପର୍କୀୟଙ୍କ ସହ ବିବାହ ନିଷେଧ । ଏପରିକି ନିକଟ ସମ୍ପର୍କୀୟ ସନ୍ତାନମାନଙ୍କ ସହ ସମ୍ପର୍କୀୟ ସନ୍ତାନ ମାନଙ୍କୁ ବିବାହ କରିବାର ସ୍ୱୀକୃତି ଏ ସମ୍ପ୍ରଦାୟରେ ମିଳେନା । ମୂର୍ତ୍ତି ପୂଜା କରୁଥିବା ବ୍ୟକ୍ତିଙ୍କ ସହ ବିବାହର ସ୍ୱୀକୃତି ନାହିଁ । ଏପରି କଲେ ଏଭଳି ବିବାହକୁ ଅସିଦ୍ଧ ବା ଅବୈଧ ବିବାହ କହନ୍ତି । ଏ ସମ୍ପ୍ରଦାୟୀ ମାନେ ଚାରୋଟି ବ୍ୟତୀତ ଅଧିକ ସ୍ତ୍ରୀ ଗ୍ରହଣ କରିବେ ନାହିଁ । ଚାରୋଟି ସ୍ତ୍ରୀରୁ ଜଣକୁ ଛାଡ଼ପତ୍ର ଦେଲେ ପଞ୍ଚମ ସ୍ତ୍ରୀ ଗ୍ରହଣ କରିହେବ । ଏହି ନିୟମ ଉଲ୍ଲଂଘନ କରି ବିବାହ କଲେ ତାହା ଅବୈଧ ବିବାହ ହୁଏ । ବିନା ସାକ୍ଷରେ ଏ ସମ୍ପ୍ରଦାୟରେ ବିବାହ ଅସମ୍ଭବ ବା ଅବୈଧ । ବିବାହ ବିଚ୍ଛେଦ ବା ଛାଡ଼ପତ୍ର ସ୍ୱାକ୍ଷରିତ ହେବା ଦିନଠୁ ତିନିମାସ ଯାଏ ସମୟକୁ ଇଦତ ସମୟ କହନ୍ତି । ଏହି ସମୟ ସମାପ୍ତ ନହେବା ପୂର୍ବରୁ ବିବାହ ନିଷେଧ ଅଟେ । ଏହା ଉଲ୍ଲଂଘନ କରି ବିବାହ କଲେ ତାହା ଅସିଦ୍ଧ ଘୋଷଣା ଅଟେ ।

ମୁସଲିମ୍ ମହିଳାମାନେ ବୁର୍ଖା ପରିଧାନ କରନ୍ତି । ଇସଲାମ ଧର୍ମରେ ଏ ନିୟମ ଅଛି ଯେ ନାରୀମାନେ ନିଜ ଶରୀରକୁ କପଡ଼ାରେ ଢ଼ାଙ୍କି ରଖିବେ ଯେମିତି ଖାଲି ଆଖି ଛଡ଼ା ଆଉ କିଛି ଅଙ୍ଗ ବାହାରକୁ ଦେଖାନଯାଏ । କୋରାନରେ ଲେଖା ଅଛି ମହିଳାମାନେ ବୁର୍ଖା ପିନ୍ଧିବେ, କୌଣସି ଅଜଣା ଲୋକ ମୁସଲିମ୍ ସ୍ତ୍ରୀଲୋକଙ୍କ କୌଣସି ଅଙ୍ଗ ଦେଖିବେ ନାହିଁ । ତେଣୁ ପବିତ୍ର ଗ୍ରନ୍ଥ କୋରାନର କଥାକୁ ସେମାନେ ଅମାନ୍ୟ କରନ୍ତିନି । ଆମେ ଯେପରି ପ୍ରଣାମ ଜଣାଇବାକୁ କର ଯୋଡୁଛେ ସେମାନେ ସେପରି ପ୍ରଣାମ ସୁଚକ ଭାବରେ ସଲାମ କରନ୍ତି । ଇସଲାମ ଧର୍ମୀଙ୍କ ପାରିବାରିକ ମାମଲା ସବୁ ମୁସଲିମ ପ୍ରଶନାଲ ଲ ର ବିଭିନ୍ନ ପ୍ରବଧାନ ଦ୍ୱାରା ପରିଚାଳିତ । ଭାରତରେ ପ୍ରଚଳିତ ମୁସଲିମ ଆଇନ୍ ଅନ୍ତର୍ଗତ ତୁରନ୍ତ ବିବାହ ବିଚ୍ଛେଦ ସମ୍ବନ୍ଧିତ ଏକ

ପ୍ରାବଧାନ ତିନି ତଲାକ । ତଲାକର ଅର୍ଥ ଛାଡ଼ପତ୍ର ବା ବିଚ୍ଛେଦ । ବିଶେଷଭାବେ ହନାଫି ସୁନ୍ନି ଇସଲାମିକ ପନ୍ଥାର ଅନୁଗାମୀମାନେ ଏହି ନ୍ୟାୟିକ ପରମ୍ପରାରେ ବିଶ୍ୱାସ ରଖନ୍ତି । ଉକ୍ତ ପ୍ରାବଧାନ ପ୍ରକାରେ ମୁସଲମାନ ପୁରୁଷଟି ତିନିଥର ମାତ୍ର ତଲାକ ଶବ୍ଦ ଉଚ୍ଚାରଣ କରି ନିଜ ସ୍ତ୍ରୀକୁ ଆଇନତଃ ଛାଡ଼ପତ୍ର ଦେଇପାରିବେ । ଭାରତର ଉଚ୍ଚତମ ନ୍ୟାୟାଳୟ ତିନି ତଲାକକୁ ଅସାମ୍ବିଧାନିକ ତଥା ଅବୈଧ ଘୋଷଣା କରିଥିଲେ । ଏହି ତିନି ତଲାକକୁ ପୁନଃ ଚାଲୁ କରିବାକୁ କ୍ୟାବିନେଟ ମଞ୍ଜୁରୀ ମିଳିଯାଇଛି ।

ହାନାଫି ସୁନ୍ନୀ ମୁସଲିମ ଗୋଷ୍ଠୀର ନ୍ୟାୟ ଶାସ୍ତ୍ରବେତ୍ତାଙ୍କ ମତରେ – ତିନି ତଲାକ କେବଳ ସେତେବେଳେ ବୈଧ ଯଦି ଏହା ମୁସଲମାନ ସାକ୍ଷୀଙ୍କ ଉପସ୍ଥିତିରେ ଉଚ୍ଚାରିତ ତଥା ଶାରିୟା ଅଦାଲତ ଦ୍ୱାରା ଅନୁମୋଦିତ । ଏହି ତିନି ତଲାକ ମୁସଲିମ ବ୍ୟକ୍ତିଗତ ଆଇନ୍ ତଥା ଧାର୍ମିକ ବ୍ୟାପାରରେ ଅନ୍ତର୍ଗତ । ସେଥିପାଇଁ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ । ତିନି ତଲାକ ସପକ୍ଷରେ ଯୁକ୍ତି ବାଢୁଥିବା ଆଇନଜ୍ଞ କପିଳ ଶିବଲଙ୍କ ମତରେ – ଭାରତର ସମ୍ବିଧାନର ଧାରା ୩୭ କ ଅନୁଯାୟୀ ମୁସଲିମ ମାନଙ୍କ ବ୍ୟକ୍ତିଗତ ଆଇନ୍ ତଥା ଧାର୍ମିକ ପରମ୍ପରାରେ ସରକାରଙ୍କ ହସ୍ତକ୍ଷେପ ସମ୍ବିଧାନ ବିରୋଧୀ ଅଟେ ।

ସେ ଯାହା ବି ହେଉ, କିଏ କେଉଁ ଉପାୟରେ ଈଶ୍ୱରଙ୍କୁ ପ୍ରାପ୍ତି କରିବାର ଜିଜ୍ଞାସା ରଖେ । ସବୁ ଧର୍ମକୁ ସମ୍ମାନ ଦେବା ମାନବିକତା । ଆମେ ଖୁସି ହେବା ଉଚିତ ଯେ ବିଭିନ୍ନ ଧର୍ମର ବିଭିନ୍ନ ପରମ୍ପରାର ରୋଚକ ଦୃଶ୍ୟକୁ ଉପଭୋଗ କରିବାର ସୁଯୋଗ ମିଳୁଛି । ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି ପ୍ରତିପାଦନ କରିବାର ଏକମାତ୍ର ପଥ ଭାଇଚାରାର ସମ୍ପର୍କ । ଏହାକୁ ବଜାୟ ରଖିବା ନିହାତି ଭାରତୀୟ ସଂସ୍କୃତି ଆଉ ପରମ୍ପରାର ସମ୍ମାନ । ଆସନ୍ତୁନା ସଂଘର୍ଷ ବରଜି, ବିଦ୍ରୋହର ବହ୍ନିକୁ ନିର୍ବାପିତ କରି କାନ୍ଧରେ କାନ୍ଧ ମିଶାଇ ଛିଡ଼ା ହୋଇ ଏକ ଇତିହାସ ସୃଷ୍ଟି କରିବା ଏବଂ ଆମ ଭାରତର ଟେକକୁ ରଖିବା ।

ଭାଟପଡ଼ା, ନିରାକରପୁର,
କଣାସ, ପୁରୀ ।

VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ବେଡ଼ା

- ସୁଧୀର କୁମାର ଦ୍ୱିବେଦୀ

ବେଡ଼ା ମୋତେ ଭେଟିବା ମାତ୍ରେ ଜୁହାର କରେ । ଦିନକୁ ଦୁଇ ତିନିଥର ବି ଜୁହାର କରିପକାଏ । ତା'କଥା କହିବା ଶୈଳୀ ଓ ଚାଲିଚଳନରେ ସାମାନ୍ୟ ଦୋଷ ପରିଲକ୍ଷିତ ହୁଏ । ଏଣୁ ତାକୁ ସମସ୍ତେ ବେଡ଼ା ଡାକନ୍ତି । ଭିନ୍ନକ୍ଷମ ବୋଲି ସେ ଭତ୍ତା ମଧ୍ୟ ପାଏ । ବୟସ କୋଡ଼ିଏ ହେଲେ ମଧ୍ୟ ଗୋଟେ ଶିଶୁ ସୁଲଭ ସରଳତା ଓ ପ୍ରସନ୍ନତାର ଭାବଟିଏ ତା'ମୁହଁରେ ସଦା ବିରାଜୁ ଥାଏ । ସାତ ବର୍ଷ ହେବ ମୁଁ ସେ ଅଞ୍ଚଳରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିଆସୁଥିଲି । ତା' ଛଡ଼ା ମୁଁ ଜଣେ ଶିକ୍ଷକ ବୋଲି ସେ ମୋ ଡ୍ରେସରୁ ଜାଣୁଥିଲା । ତାକୁ ସମସ୍ତେ ବେଡ଼ା ଡାକୁଥିଲେ ବି ତା ଭଲ ନାମ ସୁନୀଲ୍ ଥିଲା । ମୁଁ ତାକୁ କିମ୍ବା ତା'ପରିବାରର ଅନ୍ୟ କାହାକୁ ପାଠ ପଢ଼ାଇ ଥିବା ମୋର ମନେ ନାହିଁ । ତଥାପି ବେଡ଼ା ମୋତେ ଜୁହାର କରୁଥିଲା, ଉପରେ ପଡ଼ି ମୋ ଭଲ ମନ୍ଦ ପଚାରୁ ଥିଲା । ସେ ମୋତେ ଜୁହାର କରିବା ଅନ୍ତରାଳରେ ଦୁଇଟି କାରଣ ଥିଲା । ପ୍ରଥମଟି, ମୁଁ ଜଣେ ଶିକ୍ଷକ ହୋଇଥିବାରୁ । ଯଦି ଏଇ କାରଣ ଟି ଯଥେଷ୍ଟ ନୁହଁ ତେବେ ମୁଁ କହିବି ଅନ୍ୟ କାରଣଟି ହେଲା, ସେ ବେଡ଼ା ହୋଇଥିବାରୁ । ତୃତୀୟ କାରଣ କିଛି ନାହିଁ ।

ସେ ମୋ ପାଇଁ ସେମିତି ଖାସ୍ ଲୋକ ନଥିଲା । ସେ ରହୁଥିବା ବସ୍ତିର ପ୍ରାୟ ସମସ୍ତ ଲୋକ ଥିଲେ ଶ୍ରମଜୀବୀ । ରାଜମିସ୍ତ୍ରୀ, ରେଜା,କୁଲି କାମ, ଟ୍ରାକ୍ଟରରେ କିମ୍ବା ପର ଘରେ ମୂଲ ଲାଗି ଜୀବିକା ନିର୍ବାହ କରନ୍ତି । ଏଣୁ ମୁଁ ତାକୁ କିଛିଟା ହେୟ ଦୃଷ୍ଟିରେ ବି ଦେଖୁଥିଲି । ମାତ୍ର ସେ ମୋତେ ରାସ୍ତା ଘାଟ, ବଜାର ପରି ଜନଗହଳି ସ୍ଥାନରେ ବି ଚିହ୍ନି ପାରୁଥିଲା । ଜୁହାର୍ କରୁଥିଲା । ଏଣୁ ତେଣୁ କହି କିଛି ସମୟ ଗପେ । ତା ଘରକୁ ମୁଁ କାହିଁକି ଯାଉନାହିଁ ବୋଲି ଅଭିମାନ କରେ ।

ଦିନେ ସେ ଆମ ଘର ପାଖ ଅନ୍ୟ ଏକ ଘରେ କାମ କରୁଥିବାର ମୋର ନଜର ପଡ଼ିଲା । ସେ ବି କିଛି କାମ କରିପାରେ ଏକଥା ମୁଁ ପ୍ରଥମ କରି ଜାଣିଲି । ଖୁସି ହେଲି । ସେ ରାସ୍ତାରେ ପଡ଼ିଥିବା ବାଲିକୁ ଘର ଭିତରକୁ ବୋହୁଥିଲା । ମୁଁ ଦେଖିବାରେ ସବୁ ବାଲି ବୋହିବାକୁ ତାକୁ ତିନି ଘଣ୍ଟା ଲାଗିଛି । ସେ କିନ୍ତୁ ନିଜ କାମରେ ଖୁବ୍ ମଗ୍ନ ଥିଲା । ସେହି ରାସ୍ତାରେ ମୁଁ ଦୁଇ ତିନି ଥର ଯିବା ଆସିବା କରିଥିଲେ ମଧ୍ୟ ସେ ମୋତେ ଦେଖି ପାରି ନଥିଲା ନା ଜାଣି ଶୁଣି ଦେଖୁ ନଥିଲା କହିବା କଷ୍ଟ ।

ଆମ ଘର ସଫେଇ କରିବାକୁ ମୁଁ ମଧ୍ୟ ଲୋକଟିଏ ଖୋଜୁଥିଲି । ଯୋଉମାନେ ଆମ ଘରେ ନିୟମିତ କାମ କରନ୍ତି, ସେମାନେ ଅନ୍ୟ କାମର ଆଳ ଦେଖାଇ ଏବେ ଆସି ପାରିବେନି ବୋଲି କହିଲେ । ଆଜିକାଲି ଯୁଗରେ ଟଙ୍କା ମିଳିଯିବ, ମାତ୍ର କାମ ପାଇଁ ଲୋକଟିଏ ମିଳିବା କଷ୍ଟ । ଶେଷକୁ ମୋର ବେଡ଼ା କଥା ମନେ ପଡ଼ିଲା । ଘର ସଫେଇ କାମ ସେ ନିଶ୍ଚୟ କରି ପାରିବ ଏବଂ ମୋ କାମ ସେ ନିଶ୍ଚୟ କରିଦେବ - ଏ ଦୃଢ଼ ବିଶ୍ୱାସ ମୋର ଥିଲା ।

ରବିବାର ସକାଳୁ ମୁଁ ବାଇକ୍ ଧରି ତାଙ୍କ ଘରକୁ ବାହାରିଲି । ଆଖ ପାଖ ଲୋକେ ସୁନୀଲ୍ କିଏ ବୋଲି ଜାଣି ନଥିଲେ, ମାତ୍ର ବେଡ଼ାକୁ ଜାଣିଥିଲେ । ମୁଁ ବେଡ଼ା ଘରେ ଯାଇ ପହଞ୍ଚିଲି । ମୋତେ ଦେଖି ବେଡ଼ାର ଆନନ୍ଦ କହିଲେ ନସରେ । ତୁ କହୁଥିଲୁ ନା, ତମ ଘରକୁ ମୁଁ କାହିଁକି ଆସୁନି, ଏଣୁ ଆଜି ଆସିଲି । ତା'ମାଆ ବାହାରି ମୋତେ ଓଳଗି ହେଲେ । ଚେୟାର୍ ଦେଇ ବସିବାକୁ କହିଲେ । ବେଡ଼ା ମୋତେ ସେମାନେ ପାଇଥିବା ତାଙ୍କର ନୂଆ ସରକାରୀ ଘର ବୁଲାଇ ଦେଖାଇ ଦେଲା । ସେମାନେ ପାଣି ପାଇପ୍ ପାଇଥିବା କଥା ମଧ୍ୟ କହିଲା । ତା'ବାପା ଅତ୍ୟଧିକ ମଦ୍ୟପାନ କରି ଲିଭର୍ ଅକାମୀ ହୋଇଯିବା ଫଳରେ ଅକାଳରେ କେମିତି ମୃତ୍ୟୁ ମୁଖରେ ପଡ଼ିଲେ ବର୍ଣ୍ଣନା କଲେ । ଏଣୁ ତାଙ୍କ ଦୁଇ ପୁଅ ମଦ ସ୍ପର୍ଶ କରନ୍ତି ନାହିଁ । ବଡ଼ ପୁଅ ଦାଦନ ଖଟିବାକୁ ଗୁଜୁରାଟ ଯାଇଛି ବୋଲି ସୁନୀଲର ମାଆ କହିଲେ । ଏବେ ମୁଁ ମୋର ପ୍ରକୃତ ଉଦ୍ଦେଶ୍ୟ ଉପରକୁ ଆସିଲି । ବେଡ଼ା ସଙ୍ଗେ ସଙ୍ଗେ ରାଜି ହୋଇ ମୋ ସାଙ୍ଗରେ ବାହାରି ପଡ଼ିଲା ।

ବାଇକ୍‌ରେ ଆସିବା ବାଟରେ ସେ ଦିନ ବାଲି ବୋହିବା ବାବଦକୁ କେତେ ଟଙ୍କା ମଜୁରି ପାଇଲୁ ବୋଲି ମୁଁ ପଚାରିଲି । କୋଡ଼ିଏ ଟଙ୍କା ବୋଲି ସେ କହଲା । ମୁଁ ଆଶ୍ଚର୍ଯ୍ୟ ହୋଇ ଆଉ ଥରେ ପଚାରିଲି । ସେ ପୂର୍ବ ଥର ଅପେକ୍ଷା ଅଧିକ ସନ୍ତୁଷ୍ଟ ସ୍ୱରରେ କୋଡ଼ିଏ ଟଙ୍କା ବୋଲି କହିଲା । ମୁଁ ମନେ ମନେ ଆଶ୍ଚର୍ଯ୍ୟ ହେଲି । ମଜୁରି ବାବଦକୁ ଅତି କମ୍‌ରେ ଦେଢ଼ ଶହ ଟଙ୍କା ପାଇବା କଥା । ତା' ବଦଳରେ ପାଇଛି କୋଡ଼ିଏ ଟଙ୍କା ! ବେଡ଼ା ବୋଲି ସିନା !!! ମୁଁ କିଛି ଆଉ କହିଲି ନାହିଁ । ଘରେ ପହଞ୍ଚି  ମୋ କାମଟିକୁ ସୁରୁଖୁରୁରେ କରିଦେଲା । ମଜୁରି ପଚାରିବାରୁ ସେ ଆଦୌ ନେବନି ବୋଲି କହିଲା । ମୁଁ  ଯେତେ ଯାଚିଲେ ବି ତା'ର ସେହି ଏକା ଜିଦ୍ - ସେ ମଜୁରି ନେବନି । ଶେଷକୁ ବାଧ ହୋଇ କୋଡ଼ିଏ ଟଙ୍କା ତା ପାକେଟ୍‌ରେ ଗୁଞ୍ଜି ଦେଲି । ସେ ନେବାକୁ ବାଧ ହେଲା ।

ଆଉ ଥରେ ଦି'ଥର ମଧ୍ୟ ଘର କାମ କରିବାକୁ ମୁଁ ତାକୁ ଡାକିଛି । ସେ ସମୟ ମଧ୍ୟରେ କାମ କରିଦିଏ । ସେମିତି

କୋଡ଼ିଏ ତିରିଶ ଟଙ୍କା ନେଇ ଖୁସିରେ ଚାଲିଯାଏ ।

ଆଜିକାଲି ବେଡ଼ା ସହିତ ମୋର ଖୁବ୍ କମ୍ ଭେଟ ହେଉଥିଲା । ସ୍କୁଲ ଯିବା ବାଟରେ ଦିନେ ତାକୁ ପାଇ ଏବେ କୁଆଡ଼େ ଯାଉଛୁ, ଦେଖା ମିଳୁନି ବୋଲି ମୁଁ ପଚାରିଲି । ସେ ଖୁବ୍ ଆନନ୍ଦିତ ସ୍ୱରରେ କହିଲା – "ସକାଳୁ ସକାଳୁ ବାଇକ୍ ଧରି ଲୋକମାନେ ମୋତେ କାମ କରିବାକୁ ଡାକି ନେଉଛନ୍ତି । ଗୋଟିଏ କାମ ସାରିଥିବି କି ନାହିଁ, ବାଇକ୍ ଧରି ଆଉ ଜଣେ ମୋତେ ଆମ ଘରେ ଅପେକ୍ଷା କରିଥାନ୍ତି । ଏପରିକି ଜଣେ ମାଲିକ କାର୍‌ରେ ଆସି ମୋତେ ଡାକି ନିଅନ୍ତି । ମଜୁରି କେତେ ପାଉଛୁ ବୋଲି ପଚାରିଲି । କୋଡ଼ିଏ, ତିରିଶ କେହି କେହି ପଚାଶ ଟଙ୍କା ବି ଦିଅନ୍ତି ବୋଲି କହିଲା । ସବୁ କିଛି ମୁଁ ବୁଝି ପାରୁଥିଲି । ବେଡ଼ା ପିଲାଟା । ଅଳ୍ପ ଟଙ୍କାରେ ବେଶି କାମ କରାଇ ନେବାର ସୁଯୋଗକୁ କିଏ କାହିଁକି ହାତ ଛଡ଼ା କରିବ । ଆଉ ମଧ ଦେଖୁଥିଲି, ବେଡ଼ାର ଟଙ୍କା ପ୍ରତି ଲୋଭ ନଥିଲା । ବରଂ ତାର ଚାହିଦା ଥିବାରୁ ପାଞ୍ଚ ଲୋକ ତାକୁ ଲୋଡ଼ୁଛନ୍ତି, ତା'ଘରକୁ ଡାକି ଆସୁଛନ୍ତି – ଏତିକିରେ ସେ ସନ୍ତୁଷ୍ଟ ହୋଇ ପଡୁଥିଲା । ଏଣୁ କି ଦିନ, କି ରାତି କେହି ଡାକି ଦେବା କ୍ଷଣି ସେ ସାଙ୍ଗେ ସାଙ୍ଗେ ବାହାରି ପଡୁଥିଲା ।

ଦିନକୁ ଦିନ ବେଡ଼ାର ଖଟଣି ବଢ଼ି ଚାଲିଥିଲା । ଲୋକମାନେ ମଧ ତା ଦ୍ୱାରା କଠିନ କାମ ସବୁ କରାଉଥିଲେ । ଦ୍ୱିଧାହୀନ ଭାବରେ ସବୁ କାମ କରିଯାଉଥିଲା ସେ । ଏପରିକି ଖାଇବା ପିଇବାର ଠିକଣା ରହୁ ନଥିଲା ।

ଏମିତି ଦିନେ ଗୋଟେ ଘର କାମ ପାଇଁ ମୁଁ ବେଡ଼ା ଘରକୁ ଯାଇଥିଲି । ବେଡ଼ା ଶୋଇଥିଲା । ତା'ମାଆ ମୋତେ ଦେଖିବା କ୍ଷଣି ଆଖିରୁ ଲୁହ ଗଡ଼ାଇବା ଆରମ୍ଭ କରିଦେଲେ । ସାତ ଦିନ ତଳେ ବେଡ଼ାକୁ ଜ୍ୱର ବାନ୍ତି ହେବା ସହ ତାର କିପରି ଡାହାଣ ତଳିପେଟରେ ଅସହ୍ୟ ଯନ୍ତ୍ରଣା ଅନୁଭବ କଲା କହିଲେ । ତା'କିଡ୍‌ନୀ ଷ୍ଟୋନ୍ ହୋଇଥିବା କଥା ପରୀକ୍ଷାରୁ ଜଣା ପଡ଼ିଲା । ପାଣି କମ୍ ପିଉଥିବାରୁ ଏପରିହେଲା ବୋଲି ଡାକ୍ତର କହିଲେ । ଶୀଘ୍ର ଅପରେସନ୍ କରିବାକୁ ପଡ଼ିବ ଆଉ ଏଥିପାଇଁ ପଚାଶ ହଜର ଟଙ୍କା ଲାଗିବ ବୋଲି ଡାକ୍ତର କହିଥିବା କଥା ସେ କହିଲେ । ହେଲେ ଏତେ ଟଙ୍କା କୁଆଡୁ ସେ ଯୋଗାଡ଼ କରିବେ ବୋଲି କହି କାନ୍ଦି ପକାଇଲେ ।

ମୁଁ ବିଷମ ସମସ୍ୟାରେ ପଡ଼ି ଯାଇଥିଲି । ମୋ ପାଟି ଶବ୍ଦ ଶୁଣି ବେଡ଼ା ଖଟରୁ ଉଠି ମୋ ପାଖକୁ ଆସିଲା । ନମସ୍କାର କଲା । ମୁଁ ତାକୁ ବସିବାକୁ କହିଲି । ପେଟରେ ହେଉଥିବା ଯନ୍ତ୍ରଣା ତାର ସରଳ ଓ ନିଷ୍କପଟ ମୁହଁରେ ବାରି ହୋଇ ପଡୁଥିଲା । ସେ ଖୁବ୍ ଦୁର୍ବଳ ହୋଇ ପଡ଼ିଥିଲା ଓ ଚଲାବୁଲା କରିବାକୁ ତାର ବଳ ପାଉନଥିଲା ।

ମୁଁ ତାକୁ ଆଶ୍ୱାସନା ଦେଲି । ଯୋଉମାନଙ୍କ ଘରେ ସେ କାମ କରୁଥିଲା, ସେମାନେ କିଛି ସାହାଯ୍ୟ କରନ୍ତୁ ବୋଲି ମୁଁ ପ୍ରଥମେ ସେମାନଙ୍କୁ ଭେଟ କଲି । ମାତ୍ର ମଣିଷ ଜାତିର କଥା, ଯୋଉ ପର୍ଯ୍ୟନ୍ତ ସ୍ୱାର୍ଥ, ସେଇ ପର୍ଯ୍ୟନ୍ତ ସମ୍ପର୍କ । ସମସ୍ତେ ମୁହଁ ମୋଡ଼ିଲେ । ବରଞ୍ଚ ସେମାନେ ବେଡ଼ାକୁ ଟଙ୍କା ସହ 'ଦୟା' ମିଶ୍ରିତ ଚୂଡ଼ା, ମୁଢ଼ି ଖାଇବାକୁ ଦେଇ ଧର୍ମ କରିଛନ୍ତି ବୋଲି କହିଲେ । ମୁଁ କିଛିଟା ନିରାଶ ହେଲି । ମୁଁ ସିନା ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ସାହାଯ୍ୟ କରିପାରିବି, ତା'ଠୁଁ ଅଧିକର ସାମର୍ଥ୍ୟ ମୋର ନଥିଲା । ମାତ୍ର ମୁଁ ସମ୍ପୂର୍ଣ୍ଣ ଆଶା ହରାଇ ନଥିଲି । ବେଡ଼ା ଘରକୁ ଯାଇ ତା ଫୋଟୋ ଓ ଆକାଉଣ୍ଟ ନମ୍ବର ଆଣିଲି । ସୋସିଆଲ୍ ମିଡ଼ିଆରେ ଭିଡ଼ିଓଟିଏ ପୋଷ୍ଟ କରି ସାହାଯ୍ୟ ପାଇ ବିନମ୍ର ଅନୁରୋଧ କରିଥିଲି । ଅବଶ୍ୟ ଏଥିରେ କେତେ ସଫଳ ହେବି ମୁଁ ବି ଜାଣି ନଥିଲି ।

ଭିଡ଼ିଓଟି ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେଲା । ମାନବିକତା ଦୃଷ୍ଟିରୁ ତାକୁ ସାହାଯ୍ୟ କରିବାକୁ ଅନେକ ଲୋକ ଆଗେଇ ଆସିଲେ । ଦେଖୁ ଦେଖୁ ତିନିଦିନ ଭିତରେ ତା ବ୍ୟାଙ୍କ୍ ଆକାଉଣ୍ଟ୍ ତେୟାଳିଶି ହଜାର ଟଙ୍କା ଜମା ହୋଇଗଲା । ଅବଶ୍ୟ ସେ ଟଙ୍କାରେ ମୋର ପାଞ୍ଚ ହଜାର ଟଙ୍କା ମଧ ଯୋଡ଼ି ହୋଇଥିଲା । ଏ ଉପାୟ ଏମିତି ସଫଳ ହୋଇଯିବ ବୋଲି ମୋ କଳ୍ପନା ବାହାରେ ଥିଲା , କାରଣ ସୋସିଆଲ୍ ମିଡିଆରେ ବୁଡ଼ି ରହୁଥିବା ଲୋକଙ୍କ ଦ୍ୱାରା କୌଣସି ହିତ ସାଧନ ହୁଏ ନାହିଁ ବୋଲି ମୋର ଧାରଣା ଥିଲା । ମାତ୍ର ମୋ ଧାରଣା ମିଥ୍ୟା ପ୍ରମାଣିତ ହେଲା ।

ସହରର ଗୋଟିଏ ପୁରୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକଙ୍କୁ ଯାଇ ସବୁ କଥା କହିଲି । ସେମାନେ ମୋ କଥାକୁ ଗୁରୁତ୍ୱ ସହ ଗ୍ରହଣ କଲେ ଓ ବେଡ଼ାର ଚିକିତ୍ସା ଦାୟିତ୍ୱ ନେଲେ । ନିର୍ଦ୍ଧାରିତ ଦିନ ବେଡ଼ାର ଅସ୍ତ୍ରୋପଚାର ହେଲା । ସେ ଖୁବ୍ ଶୀଘ୍ର ଭଲ ହୋଇ ଘରକୁ ଫେରିଲା ।

ଠିକ୍ ଏହି ସମୟରେ ମୋର ଅନ୍ୟ ଗୋଟିଏ ସ୍କୁଲକୁ ବଦଳି ହୋଇ ଯାଇଥିବା କଥା ଜାଣିଲି । ବଦଳି ହୋଇଯିବା ପୂର୍ବରୁ ଥରେ ବେଡ଼ାକୁ ଭେଟ କରିବା ଉଦ୍ଦେଶ୍ୟରେ ତାଙ୍କ ଘରକୁ ଗଲି । ମୋତେ ଦେଖିବା କ୍ଷଣି ମାଆ, ପୁଅ ଦୁହେଁ ଖୁବ୍ ଖୁସି ଜଣା ପଡ଼ିଲେ । ବେଡ଼ା ସମ୍ପୂର୍ଣ୍ଣ ସୁସ୍ଥ ହୋଇସାରିଥିଲା । ସେ ଖୁସିରେ କ'ଣ ସବୁ ଗପି ଚାଲିଥିଲା । ସେ ବାରମ୍ବାର ପ୍ରସଙ୍ଗ ବଦଳାଇ ଏମିତି କିଛି କଥା କହି ଚାଲିଥିଲା ଯାହା ବୁଝିବା ମୋ ପାଇଁ କଷ୍ଟକର ଥିଲା । କେବଳ ମୁଁ ଏତିକି ଜାଣୁଥିଲି ଯେ ସେ ମୋ ଉପରେ ବହୁତ ଖୁସିଥିଲା । କଥା ପ୍ରସଙ୍ଗରେ ମୋ ବଦଳି ହୋଇ ଯାଇଥିବା କଥାକହିଲି । ମୋ ସହ ସେମାନେ ଆଉ ଭେଟ ହୋଇପାରିବେନି ଜାଣି ଦୁହିଁଙ୍କ ମନରେ ଦୁଃଖର ଛାୟା ଖେଳିଗଲା । ବେଡ଼ା ନୀରବ ହୋଇଗଲା । ଆଖି ତାର ଲୋତକରେ ପୂର୍ଣ୍ଣ ହୋଇଯିବା ସହ କାରୁଣ୍ୟ ଉଦ୍ରେକକାରୀ ଏକ ଦୃଷ୍ଟିରେ ସେ ମୋତେ ଚାହିଁ ରହିଥିଲା । କିଂକର୍ତ୍ତବ୍ୟତାବିମୁଢ଼ ହୋଇ ମୁଁ ବି କିଛି ସମୟ ବସି ରହିଥିଲି ସେଠାରେ ।

ଶାସନ ସାହି, ଦେବଗଡ଼,


# ଆଧୁନିକ ଉତ୍କଳୀୟ କୃଷିରେ ଜଳସେଚନ ଓ ଉତ୍କଳମଣୀ

- ବାମଦେବ ବରାଳ

ଗୋପବନ୍ଧୁ ଦାଶ, ଉତ୍କଳମଣୀ ଗୋପବନ୍ଧୁ, ପୁନ୍ୟାତ୍ମା ଗୋପବନ୍ଧୁ ଶବ୍ଦଗୁଡ଼ିକ ମନକୁ ଆସିଲେ ସତରେ ପ୍ରତ୍ୟେକ ଉତ୍କଳୀୟ ମନରେ ଶିହରଣ ଖେଳିଯାଏ, ହୃଦୟରେ ସେବା ମନୋବୃତ୍ତିର ଉନ୍ମାଦନା ଭରିଯାଏ ଏକ ଅଜଣା ଅଦୃଶ୍ୟ ଶକ୍ତିର ପ୍ରଭାବରେ । ଆଧୁନିକ ଉତ୍କଳର ସେ ଥିଲେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ନିର୍ଯ୍ୟାତିତ, ନିଷ୍ପେଷିତ, ଦଳିତ, ଅବହେଳିତ, ପ୍ରପୀଡ଼ିତ ଇତ୍ୟାଦି ମାନବ ସମାଜ ପାଇଁ ସେ ଥିଲେ ସ୍ୱର୍ଗର ଦେବଦୂତ ଆଉ ଏହି ଶ୍ରେଣୀର ଲୋକମାନଙ୍କର ସେବା କଥା ଉଠିଲେ ପ୍ରତ୍ୟେକ ଓଡ଼ିଆ ମନକୁ ଆସେ ସେହି ଦୀପ୍ତିମନ୍ତ ମଣିଷର ଦାଢ଼ିଆ ମୁହଁଟି ପୁଣି ଯୁବକଯୁବତୀମାନଙ୍କ ମନରେ, ଦେହରେ ସେବା କରିବାର ପ୍ରକୃତି ଜାଗ୍ରତ ହୋଇଉଠେ । କାହିଁକି କେଜାଣି ସେହି ଦରଦୀ ଦରିଦ୍ରର ବନ୍ଧୁ ବଞ୍ଚିଥିଲା ବେଳରୁ ତାଙ୍କୁ ଏପରିକି ଆଜିପର୍ଯ୍ୟନ୍ତ ତାଙ୍କର ଫଟୋ ବା ମୂର୍ତ୍ତିକୁ ଦେଖିଲେ ମୁଣ୍ଡ ନଇଁଆସେ ଆଖିରେ ଲୁହ ଜକେଇ ଆସେ, ଏଇଥିପାଇଁ ନା' ! ଯେ, ସେ ଏହି ଧୋଇ, ମରୁଡ଼ି, ବନ୍ୟାବାତ୍ୟା ସହଚର ଦୁଃଖି ଓଡ଼ିଆ ପାଇଁ ଅନବରତ, ଅହରହ ଭାବୁଥିଲେ ନିଜର ସମସ୍ତ ସ୍ୱାର୍ଥ, ସୁଖକୁ ଜଳାଞ୍ଜଳି ଦେଇ ଦେଇ, ମୋର କିଛି ଦରକାର ନାହିଁ, ମୋ ଲୋକ ବଞ୍ଚିବେ, ମୋର ଉତ୍କଳବାସୀ କିପରି ବଞ୍ଚିବେ । ଏହି କଥା ଅହରହ ଭାବିଭାବି କହି କହି ଶେଷନିଶ୍ୱାସ ତ୍ୟାଗ କରିଥିବା ଲୋକଟି ସେହି ନା' । ଯାହାର ପ୍ରଭାବରେ ସେହି ସମୟରେ କି ଶିକ୍ଷିତ, ଅଶିକ୍ଷିତ ଯୁବକ, ଯୁବତୀ, ଛାତ୍ର, ଛାତ୍ରୀ, ସମସ୍ତେ ଦେଶ ମାତୃକାର ସେବା କରିବାପାଇଁ ନିଜକୁ ସମର୍ପଣ କରିଦେଇଛନ୍ତି ସ୍ୱଇଚ୍ଛାରେ ଆଉ ପଛକୁ ଫେରିନାହାନ୍ତି ନିଜ ନିଜର ପଦପଦବୀ, ମାନସମ୍ମାନ, କୁଳମର୍ଯ୍ୟାଦା ପାଇଁ । ସେହି ଅମର ଆତ୍ମା ଗଢ଼ିଦେଇଛନ୍ତି ଅନେକ ଅନେକ ପୁଣ୍ୟାତ୍ମାମାନଙ୍କୁ । ସେମାନଙ୍କ ମଧ୍ୟରୁ ଅନେକ ବିସ୍ମୃତି ଗର୍ଭରେ ଲୀନ ହୋଇଯାଇଛନ୍ତି, ତାଙ୍କର ଖୋଜଖବର ପ୍ରାୟତଃ ଆମ ପାଖରେ ନାହିଁ । ତଥାପି ଆମ୍ଭେମାନେ ଜାଣିଥିବା ଭିତରେ ପୁଣ୍ୟାତ୍ମା ପଣ୍ଡିତ ଲିଙ୍ଗରାଜ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାଶ, ଆଚାର୍ଯ୍ୟ ହରିହର, କୃପାସିନ୍ଧୁ ମିଶ୍ର, ଗୋଦବରୀଶ ମିଶ୍ର, ପଣ୍ଡିତ ଲିଙ୍ଗରାଜ ମିଶ୍ର, ଫକୀର ମିଶ୍ର, ରାଧାନାଥ ରଥ ପ୍ରମୁଖ କାଳ କାଳକୁ ଉତ୍କଳର ଆକାଶରେ ଜାଜ୍ଜ୍ୱଲ୍ୟମାନ ତାରକା ହୋଇ ରହିବେ, ତଥା ଉତ୍କଳର ଯୁବକ, ଯୁବତୀମାନଙ୍କର ପ୍ରେରଣାର ଉତ୍ସ ହୋଇ ଯୋଗାଉଥିବେ ସେବକ, ସେବିକା ମନୋବୃତ୍ତିର ଭରପୁର ଉତ୍ସାହ । ଏହିଭଳି ଏକ ଘଟଣା ଘଟିଥିଲା ଉତ୍କଳମଣିଙ୍କ ସେବାଭିତରେ ବିଂଶ ଶତାବ୍ଦୀର ପ୍ରଥମ ଦଶକ ପରର ସମୟରେ । ସେ ସମୟରେ ଗୋପବନ୍ଧୁ ଦାଶ ଖଦି ଆନ୍ଦୋଳନର ପୁରୋଧା ରୂପେ ଗ୍ରାମକୁ ଗ୍ରାମ ଚାଲି ଚାଲି ଯାଇ ଲୋକଙ୍କୁ ବୁଝାଉଥିବା ସହିତ ଖଦି ଲୁଗାର କୁଟୀର ଶିଳ୍ପର ଅଗ୍ରଗତି ମଧ୍ୟ ବୁଝୁଥାନ୍ତି । ଉତ୍ସାହି ଯୁବକ ଯୁବତୀମାନଙ୍କୁ ପ୍ରେରଣା ଦେଉଥାନ୍ତି ଯେ, ବଢ଼େଇ ଡାକି ଅରଟ ତିଆରି କରି କିପରି ସୂତାକାଟି ଲୁଗା ବୁଣାଯିବ ଓ ଖଦୀ ଲୁଗାର ବିକ୍ରୟ ସହିତ ପ୍ରତ୍ୟେକ ଲୋକ ଯେପରି ଖଦୀ ଲୁଗା ପିନ୍ଧିବେ ତା'ର ଯତ୍ନ କରିବାକୁ । ଗୋପବନ୍ଧୁ ଦାଶଙ୍କର ଜନ୍ମିତ ଗ୍ରାମ ସୁଆଣ୍ଡୋ ଠାରୁ ସାତ କିଲୋମିଟର ଦୂର ଏକ ଗ୍ରାମ ନା 'ଡାଙ୍ଗୁରା' । ଜମିଦାରୀ, ମୋକଦ୍ଦମୀ ଚାଲୁଥିବା ହେତୁ ସେ ଗ୍ରାମରେ ଅଧିକାଂଶ ମୋକଦମୀ ରଖିଥିବା ଲୋକମାନେ ରହୁଥିଲେ । ତେଣୁ ସେ ଗ୍ରାମଟି ଲୋକଲୋଚନରେ ସେତେବେଳେ ସେ ଅଞ୍ଚଳରେ ଆଦୃତ ଥିଲା । ଏକଦା ଗୋପବନ୍ଧୁ ଦାଶ ସେହି ଗ୍ରାମକୁ ଖଦୀ ଆନ୍ଦୋଳନର ପ୍ରଚାର ପ୍ରସାର ନିମନ୍ତେ ପହଞ୍ଚିଥିଲେ । ଗୋପବନ୍ଧୁ ଦାଶଙ୍କୁ ଦେଖି ଭକ୍ତି ଓ ସମ୍ମାନରେ ସେ ଗ୍ରାମର ପିଲାଛୁଆଙ୍କ ଠାରୁ ଆରମ୍ଭ କରି ଯୁବକ ଓ ବୃଦ୍ଧ ସମସ୍ତେ ଗାଁ ମୁଣ୍ଡ ଭାଗବତ ଘର ପାଖରେ ରୁଣ୍ଡହୋଇଗଲେ, କାରଣ ସେ ସମୟରେ ସେ ଅଞ୍ଚଳର ପ୍ରତିଷ୍ଠିତ ଲୋକଥିଲେ ଉଚ୍ଚ ଶିକ୍ଷିତ ଗୋପବନ୍ଧୁ ଦାଶ । ଗୋପବନ୍ଧୁ ଦାଶଙ୍କ ଗୋଡ଼ ଧୋଇଦେଇ ଭାଗବତ ପିଣ୍ଡିରେ ନୂଆମଶିଣା ପକାଇ ବସିବାକୁ କହି, ବ୍ରାହ୍ମଣ କୂଅରୁ ଡାଳରେ ପାଣି କାଢ଼ିଦେଲା ବେଳକୁ, 'ଦାଶେ ଆପଣେ' ନିଜ ଝୁଲାଭିତରୁ ଏକ ବଡ଼ ଷଢ଼େଇ କାଢ଼ି ତାକୁ ଧୋଇ ସେଇଥିରେ ପାଣି ଜଣେ ଅବ୍ରାହ୍ମଣ ଲୋକ ଦେବାକୁ କହିବାରୁ ଉପସ୍ଥିତ ଲୋକମାନେ ସମସ୍ତେ ଡରି ଯାଇଥିଲେ, କାରଣ ପୁରୀ ଜିଲ୍ଲାରେ ବ୍ରାହ୍ମଣଙ୍କୁ ବିଷ୍ଣୁଙ୍କର ଅବତାର ବୋଲି ଭାବିଥାନ୍ତି । ହେଲେ ଦାଶେ ଆପଣେଙ୍କ କଥା ରହିଲା । ତାଙ୍କର କଥା ସରିବା ପରେ, ସେଠାରେ ଉପସ୍ଥିତ କିଛି ଉଦୀୟମାନ ଯୁବକ ତାଙ୍କୁ କହିଥିଲେ ବନ୍ୟା, ମରୁଡ଼ିରେ ଏ ଅଞ୍ଚଳବାସୀ ଭାତ ମୁଠାଏ ଖାଇବାକୁ ପାଉନାହାଁନ୍ତି । ତା'ର ପ୍ରତିକାର ପାଇଁ । ଆଉ ଗୋଟିଏ ପ୍ରସ୍ତାବ ଦେଇଥିଲେ ଯେ, ସେଠାରେ ଥିବା 'ଦହଡ଼ସର' ବୋଲି ଏକ ଖାଲ ଯାଗାଅଛି, ଖରାଦିନେ ସେଠାରେ ପାଣିରହେ । ତେଣୁ ଖରାଦିନେ ଡାଙ୍ଗୁରା, ବିଲିପଡ଼ା, ଜମାରସୁଆଁ ଏହି ତିନି ମୌଜାର ନିମ୍ନ ବା ଖାଲୁଆ ଅଞ୍ଚଳ ଯାହାକୁ 'ସର' କୁହାଯାଏ । ସେଠାରେ ଖରାଦିନେ ଦୁଇ ମାସରେ ଅମଳ ହେଉଥିବା ଧାନ (ଡାଲୁଅ) ଚାଷ କଲେ, ହୁଏତ ଅନ୍ନକଷ୍ଟରୁ ଏହି ଅଞ୍ଚଳର ପ୍ରାୟ ଶହେ ଗ୍ରାମର ଲୋକ ଉପକୃତ ହୋଇପାରିବେ । ଏହି କାମପାଇଁ 'ଦହଡ଼ସର'ରୁ 'ସର' ପର୍ଯ୍ୟନ୍ତ ଦୁଇ ମାଇଲ ନାଳ ଖୋଳାଯିବ, ନାଳର ମଝିରେ ଠାଏ ଠାଏ ଚୁଆ (ଛୋଟ ଖାଲ) ଖୋଳାଯିବ, ବଡ଼ଖାଲରୁ ଯନ୍ତମାନଙ୍କ ସହାଯ୍ୟରେ ବଡ଼ନାଳକୁ ପାଣି ବୁହାଯିବ ଓ ମଝି ଚୁଆରୁ ସେଣା ବା ଟେଣ୍ଡା ସାହାର୍ଯ୍ୟରେ ପହଣି (ଛୋଟ ଛୋଟ ନାଳ) ଦେଇ ବିଭିନ୍ନ ସ୍ଥାନରେ ଥିବା ଧାନ କିଆରିକୁ ପାଣିଯାଇ ବିଲରେ ପାଣି ମଡ଼ାଯିବ ବା ସୋତୁଅରେ ବୁହାଯାଇ ମଡ଼ାଯିବ । ସେଥିପାଇଁ ଅନେକ ଯୁବଶକ୍ତିର ଆବଶ୍ୟକ ରହିଛି । ଏଭଳି ପ୍ରସ୍ତାବକୁ 'ଦାଶେ ଆପଣେ' ଯୁବ

ସୁଲଭ ଢଙ୍ଗରେ ଗ୍ରହଣକରି ହଁ ଭରିଦେଲେ । କିନ୍ତୁ ସଭାରେ ଉପସ୍ଥିତ ଥିବା ଆଗଧାଡ଼ିର ଯୁବକ 'ବରଜୁ ବରାଳ' ହାତଯୋଡ଼ି ଅନୁରୋଧ କରି କହିଲେ, ଦାଶେ ଆପଣେ ! ଏ ଆଖପାଖ ଗ୍ରାମରେ ଆପଣ ନିଜେ କହିଲେ  ଆପଣଙ୍କ କଥା ଅନୁସାରେ ଯୁବକମାନେ ଆଗେଇ ଆସିବେ । ତେଣୁ 'ଦାଶେ ଆପଣେ' ପ୍ରସ୍ତାବିତ ଯୋଜନାର ଜମିକୁ ଯୁବକମାନଙ୍କ ସହିତ ବୁଲି ଦେଖିସାରି ପାଖ ଗ୍ରାମମାନଙ୍କୁ ଯାଇ ଯୁବକମାନଙ୍କୁ ପ୍ରସ୍ତାବ ବିଷୟରେ ଅବଗତ କରାଇ ଉତ୍ସାହିତ କରିବା ପରେ ବରଜୁ ବରାଳଙ୍କୁ ଏହାର ମୁଖ୍ୟରୂପେ ବାଛି, ଯୋଜନାକୁ ସଫଳ ରୂପାୟନ କରି ଡାଲୁଅ ଧାନ ସହିତ ଆଖପାଖ ବିଲରେ ଖରାଦିନିଆ ପନିପରିବା ଚାଷ ଓ ଏହାର ଉତ୍ପାଦନ କରି ଅନାହରରେ ଥିବା ହଜାର ହଜାର ଲୋକଙ୍କ ମୁଖରେ ଆହାର ଟିକିଏ ଦେଇପାରିଥିଲେ । ଯୋଜନାର ସଫଳତା ପାଇଁ ବରଜୁ ବରାଳଙ୍କୁ 'ଦାଶେ ଅପଣେ' ନିଜ ହାତରେ ଏକ ଜାତୀୟତା ବାଦୀ ସଭାରେ ଖଦୀ ଗାମୁଛା ବାନ୍ଧି 'ବୀରବାବୁ' ଉପାଧି ଦେଇଥିଲେ ଆଉ ସେହିଦିନ ଠାରୁ ବରଜୁ ବରାଳଙ୍କୁ ସେ ଅଞ୍ଚଳର ଲୋକମାନେ 'ବୀରବାବୁ' ବୋଲି ଡାକୁଥିଲେ ସେ ମରିବା ପର୍ଯ୍ୟନ୍ତ । କାରଣ ଏ ଉପାଧି ଥିଲା, ସେ ଅଞ୍ଚଳର ସର୍ବଶ୍ରେଷ୍ଠ ବ୍ୟକ୍ତି ଗୋପବନ୍ଧୁ ଦାଶଙ୍କର ପ୍ରଦତ୍ତ । ସେହି ଯୋଜନା ଅନେକ ବର୍ଷଧରି ସେ ଅଞ୍ଚଳରେ କାର୍ଯ୍ୟକାରୀ ହେବା ସହିତ ଉତ୍କଳର ଅନ୍ୟ ପ୍ରାନ୍ତରକୁ ମଧ୍ୟ ବିସ୍ତାରିତ ହୋଇଥିଲା ।  ବିନା ସରକାରୀ ସାହାଯ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହୋଇ ଓଡ଼ିଶାର ଆତ୍ମୀୟତାକୁ ମନେପକାଇବା ସହିତ ଜାତୀୟତାବାଦକୁ ପ୍ରେରଣା ଦେଇଥିଲା । ଯାହାକୁ ଆମେ ମଧ୍ୟ କହିପାରିବା ଆଧୁନିକ ଉତ୍କଳୀୟ କୃଷିରେ ଜଳସେଚନ ଓ ଏଥିରେ ଉତ୍କଳମଣୀଙ୍କର ଭୂମିକା । ସେ ସମୟରେ ସେ ଅଞ୍ଚଳରେ ଲୋକ କଥା ଥିଲା 'ଗୋପ ଜଳସେଚନ ଯୋଜନା' ଅନେକ ଦିନଧରି । ଆଜି ପର୍ଯ୍ୟନ୍ତ ମଧ୍ୟ ସେ ଗାଁ ଲୋକଙ୍କୁ 'ଡ଼ାଲୁଆ' ବୋଲି ଅନ୍ୟମାନେ ସମ୍ବୋଧନ କରନ୍ତି । ସେ ନାଳ ଆଜି ସଫେଇ ନାଳରେ ରୂପାନ୍ତରିତ ହୋଇଯାଇଛି । ଏଥିପାଇଁ ସେ ଅଞ୍ଚଳରେ ଆହୁରି କଥାଅଛି ପୁରୀରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀମନ୍ଦିରରେ ଦେଖିବା ପୂର୍ବରୁ ଉତ୍କଳମଣୀ ଗୋପବନ୍ଧୁଙ୍କୁ ଦର୍ଶନ କରିବାକୁ, ଯାହା ଜାତିରପିତା ମାହାତ୍ମାଗାନ୍ଧୀଙ୍କ ଦ୍ୱାରା ସିଂହଦ୍ୱାରରେ ପ୍ରତିଷ୍ଠିତ ।

ସା.ଡାଙ୍ଗୁରା, ବ୍ଲକ୍. ସତ୍ୟବାଦୀ, ଜି. ପୁରୀ



# ସୁଧାର ଗାଈର ବାଛୁରୀ ମନ୍ଥର

- ଅନୁପମା ନନ୍ଦ

ସୁନିତା ତା' ଠାକୁର ଘରେ ଯୌଥ ପରିବାରରେ ବଡ଼ ବୋହୁ । ଯେତେବେଳେ ସେ ବାହା ହୋଇ ଶଶୁର ଘରକୁ ଯାଇଥିଲା ତା' ମା ତାକୁ କହିଥିଲେ ଶଶୁର ଘରକୁ ପରଘର ଭାବିବୁ ନାହିଁ । ଆଜିଠୁ ସେଇଟା ତୋ ନିଜଘର । ସମସ୍ତଙ୍କୁ ନିଜର କରି ଚଳିବୁ । ସୁନିତା ଉଚ୍ଚଶିକ୍ଷିତା ଓ ସଂସ୍କାରୀ ମଧ୍ୟ । ମାତ୍ର ଶଶୁର ଘରେ ପାଦ ଦେବା ପରେ ସେ ପୁରାପୁରି ବଧୂ ନିରୁପମା ପାଲଟି ଗଲା । ତା'ର ସ୍ୱାମୀ ବି ସେମିତି ଭଦ୍ର ଅମାଇକ ଓ ନିଃସ୍ୱାର୍ଥପର ସୁନିତା ସ୍ୱାମୀ, ଶଶୁର, ଶାଶୁ, ଦିଅର, ନଣନ୍ଦ ସମସ୍ତଙ୍କ ସେବା ମନଦେଇ କରିବା ଆରମ୍ଭ କରିଦେଲା । ତା' ମୁହଁରେ ଏତେ କାମ ସତ୍ତ୍ୱେ କେବେ କ୍ଲାନ୍ତିର ଲେସମାତ୍ର ଦେଖିବାକୁ ମିଳେନା । କାରଣ ସେ ନିଜ ଭୂମିକାକୁ ନେଇ ସନ୍ତୁଷ୍ଟ ଥିଲା । ନିଜ କର୍ତ୍ତବ୍ୟବୋଧକୁ ଉପଲବ୍ଧ କରୁଥିଲା ଏବଂ ନିଷ୍ଠାର ସହ ପାଳନ କରୁଥିଲା । ସବୁବେଳେ ତା ମୁହଁ ହସହସ ବର୍ଷ ବର୍ଷ ପରେ ତା ମୁହଁରେ ଚିନ୍ତାର ରେଖା ମାଡ଼ିଆସିଲା ବୋଧହୁଏ କିଛି ସମସ୍ୟା ଥିଲାପରି ମନେ ହେଉଥିଲା । ତାକୁ ପଚାରିବାରୁ ଜଣାପଡ଼ିଲା ଢ଼େର କଲିଣି । ଆଉ ପାରୁନି । ତାପରେ ଆଉ ଦୁଇଟା ବୋହୁ ଘରକୁ ଆସିଲେରି କେହି ଟିକେ ରୋଷେଇ ଘରେ ପାଦ ଦେଲେନି । ଘରର କାମ କେହି ବୁଝିଲେ ନାହିଁ । ଘରେ ହେଉଥିବା ଖର୍ଚ୍ଚ ପାଇଁ କେହି ମୁଣ୍ଡ ଖେଳାଇଲେ ନାହିଁ । ଯେଉଁ ଗଛ ଫଳ ଫୁଲରେ ମଣ୍ଡିତ ହୋଇଥାଏ ଫୁଲ ତୋଳିବା ପାଇଁ ଲୋକେ ତାର ଡାଳକୁ ଟାଣି ମୋଡ଼ି ନୁଆଁଇ ତାକୁ ଝୁଣି ପକାନ୍ତି । ଡାଳପତ୍ର ଭାଙ୍ଗି ଦିଅନ୍ତି ଫଳ ତୋଳିବା ପାଇଁ ଲୋକେ ଗଛକୁ ଏପରି ଦୋହଲାଇ ଦିଅନ୍ତି ଗଛର ମୂଳ ବି ଦୋହଲି ଯାଏ । କିଏ ପୁଣି ଫଳ ଫୁଲ ତୋଳିବା ପାଇଁ ନଗି ବାଆଙ୍କୁଡ଼ି ଲଗାଇ ତାକୁ କଲବଲ କରିପକାନ୍ତି । ଯେଉଁ ପୁଅ ବୋହୂ ସାନ୍ତ ସୁଧାର ସେ ବାପା ମା' ଭାଇ ଭଉଣୀଙ୍କର ଦାୟିତ୍ୱ ନିଏ । ପୁନେଇଁ ପର୍ବରେ ସମସ୍ତଙ୍କ କଥା ବୁଝିଥାଏ । ନିଜ ଭାଇ, ଭଉଣୀ ପୁତୁରା, ଝିଆରୀ ମାନଙ୍କ ପାଇଁ ଲୁଗାପଟା ଠାରୁ ଆରମ୍ଭ କରି ହାତଖର୍ଚ୍ଚ ମଧ୍ୟ ଦିଅନ୍ତି ମାତ୍ର ଯେଉଁ ପୁଅ ସ୍ତ୍ରୀ କଥାରେ ପଡ଼ି ଏସବୁକୁ ନକରେ ତାହାଠାରୁ ସମସ୍ତେ ଆଶା ଛାଡ଼ି ଦିଅନ୍ତି । ତାର ଢ଼େର ପଇସା ବଳେ ସେ ଖୁସିରେ ରୁହେ । କିନ୍ତୁ ସୁନିତା ନିଜ ସ୍ୱାମୀ ଓ ପିଲାଙ୍କ କଥା ଭାବିବାକୁ ସମୟ ପାଏନାହିଁ । ଅନ୍ୟ ଯାହାର ଯାହା ହେଲେ ହେଉ ପଛେ ତାକୁ କେହି ସ୍ୱାର୍ଥପର କହିଲେ ବି ସେ ତାର ପଛୁଆ କରିନଥାଏ । ଯାହାର ଯେତେବେଳେ ଧାର କରଜ ଦରକାର ପଡ଼େ ସେ ମଧ୍ୟ ଦେଇଥାଏ ତାର ସୁବିଧା ନେଇ ସେ ଫେରାଏ ନଚେତ୍ ଫେରାଇବାର ନାଁ ଧରେ ନାହିଁ । ଆଉ ଯିଏ ଟାଣୁଆ ପଡ଼େ ତା' ପଇସା କେହି ଖାଇ ପାରନ୍ତି ନାହିଁ । ସେ ବାଘ ପାଟରୁ ବି ହାତ ପୁରାଇ ଛଡ଼ାଇ ଆଣେ । ନିଜ ଆହାର ଯେଉଁ ଡାକ୍ତର ରାତି ଦିନ ଭୁଲି ରୋଗୀଙ୍କର ସେବା କରେ ସେ ସେବାପରାୟଣ ଡାକ୍ତର ରାତିରେ ଶୋଇପାରେ ନାହିଁ । ଯେଉଁ ଘରେ ଅଧିକ ଲୋକ ଥାଆନ୍ତି ସେ ଘରେ କିଛି କାମ ହୋଇପାରେ ନାହିଁ । ଢିଙ୍କି ପଡ଼ିଛି ଆଠଖଣ୍ଡା ଶୁଖେଇ ନେବାକୁ ଜଣେ ଭେଣ୍ଡା । ଏତେ ବଡ଼ ଘରକୁ ଗୋଟିଏ ଲୋକ କାମ କଲେ ଯାହା ହୁଏ । କହିବାର କଥା ହେଲା ଭଲ ପଣିଆ ଅନେକ ସମୟରେ ଆମକୁ ବୋଝ ବୁହାଏ କଷ୍ଟ ଦିଏ । ଆମ ମଣିଷପଣିଆ ବଦଳରେ ଆମେ ପାଉ ମନକୁ ଆଘାତ ଦେଲାଭଳି ବ୍ୟବହାର ଅତ୍ୟଧିକ ଉତ୍ସର୍ଗ ତ୍ୟାଗ ଆମକୁ ନିଃସ୍ୱ କରିଦିଏ । ଦାନୀଲୋକ ଦେଇ ଦେଇ କାଙ୍ଗାଳ ହୋଇଯାଏ । ନମ୍ର ଓ ବିନୟୀ ଲୋକ ଅବହେଳିତ ହୁଏ । ଅତ୍ୟାଚାରିତ ହୁଏ । ଅପର ପକ୍ଷରେ ସ୍ୱାର୍ଥପର ହେଲେ ବୋଝ ବୋହିବାକୁ ପଡ଼େନା କଷ୍ଟ ସହିବାକୁ ପଡ଼େନା । ଅନ୍ୟ ପାଇଁ ଭାବିବା ବନ୍ଦକରି ଦେଲେ ଆଖିକୁ ଲୁହ ଆସେନା କି ମନକୁ କଷ୍ଟ ଆସେନା ।

ଉଦ୍ଧତ ଓ ଅହଂକାରୀ ହେଲେ ଭୟରେ କେହିପାଖ ମାଡ଼ନ୍ତି ନାହିଁ । କି କିଛି ସାହାଯ୍ୟ ମାଗନ୍ତି ନାହିଁ । ତଥାପି କେତେ ଜଣଙ୍କ ପୁଣ୍ୟ ଫଳରେ ହିଁ ଅନ୍ୟମାନେ ଭୋଗି ହୋଇଥାନ୍ତି । ଏବଂ ପୃଥିବୀ ନିରାସର ଏକ ମରୁଭୂମି ନହୋଇ ସବୁଜ ଶୀତଳ ଏକ ମରୁଦ୍ୟାନ ହୋଇ ଆଶାର ସଞ୍ଚାର କରିଥାଏ । ଯେଉଁ ଦିନ ପୃଥିବୀର ସବୁ ବୋହୂ ସ୍ୱାର୍ଥପର ଓ ଆତ୍ମ କେନ୍ଦ୍ରିକ ହୋଇଯିବେ ସେଦିନ ଆଉ କେଉଁଠି ଚୁଲି ଜଳିବ ନାହିଁ । ସମସ୍ତେ ଉପାସ ରହିବେ । ଯେଉଁଦିନ ସବୁ ଫଳନ୍ତି ଗଛ ବନ୍ଧ୍ୟା ହୋଇଯିବେ ସେଦିନ ପୃଥିବୀ ଧ୍ୱଂସ ହୋଇଯିବ । ଯେଉଁଦିନ କୃଷକଟି କହିବ କଣ ଦରକାର ଏହି ମାଟି କାଦୁଅରେ କଲବଲ ହେବା ସେ ଦିନତ ସାରାସଂସାର ମୃତ୍ୟୁ ନିଶ୍ଚିତ । ଏହିମାନଙ୍କ ପୂଣ୍ୟ ଫଳରେ ସଂସାର ଚାଲିଛି । ଏମାନଙ୍କ ସଂଖ୍ୟା ଗୌଣ ହେଲେ ମଧ୍ୟ ତାଙ୍କର ତ୍ୟାଗ ଅନ୍ୟମାନଙ୍କ ପାଇଁ କାମ ଜୀବନ ସାରା ଯେତେ କଷ୍ଟ ପାଇଲେ ବି ନିରୁପମା ଅନୁପମା, ନମ୍ରତା ବୋହୂମାନେ ସବୁବେଳେ ସ୍ମରଣୀୟ ହୋଇ ରୁହନ୍ତି । ଏଥିପାଇଁ ସେମାନେ ଧନ୍ୟବାଦର ପାତ୍ର ।

ଜଗତପୁର, କଟକ ।

# ମୁଁ ସମୟର ଦାସୀ

– ସରୋଜ କୁମାର ଜେନା

ସେ ଦିନ ବହୁତ ଧୁମ୍‌ଧାମ୍‌ରେ ବିବାହ ହୋଇ ଆସିଥିଲା । କୁସୁମପୁର ଗ୍ରାମକୁ କେନ୍ଦୁପଲ୍ଲି ଗ୍ରାମର ସତୁରା ଭୋଇର ଝିଅ ଗୋଦାବରୀ । କୁସୁମପୁର ଗ୍ରାମର ନଟବର ଧଳର ପୁଅ ରାଜୀବ ଧଳକୁ ବିବାହ କରିଥିଲା । ମନରେ ଅନେକ ଆଶା ନେଇ କୁଆଁରୀ ବୋହୂଟି ଆସିଥିଲା କୁସୁମପୁର । ଉଭୟ ଝିଅ ଓ ପୁଅ ପକ୍ଷ ଭାରି ଗରିବ ପରିବାର ଥିଲେ । ଚଳନ୍ତି କହିଲେ ରାଜୀବ ଦିନ ମଜୁରିଆ ଥିଲା । ଏମିତିରେ ଉଭୟଙ୍କର ବିବାହ ଧୀରେଧୀରେ ଏକ ବର୍ଷ ପୁରିଗଲା ।

ଚାହୁଁ ଚାହୁଁ ଗୋଦାବରୀ କୋଳରେ ଗୋଟିଏ କନ୍ୟା ସନ୍ତାନ ଜନ୍ମ ନେଲା । ସତେ ଯେମିତି ଏକ ଲକ୍ଷ୍ମୀ ଠାକୁରାଣୀଙ୍କ ପରି ବହୁତ ସୁନ୍ଦର ଥିଲା । ଦେଖିବାକୁ ଗୋଦାବରୀ ଭଳି ଗୌରବର୍ଣ୍ଣ । ପ୍ରଥମେ ପ୍ରଥମେ ଗୋଦାବରୀ ଜାଣିନଥିଲା ତାର ସ୍ୱାମୀ ଏହି କନ୍ୟା ସନ୍ତାନ ଆଗତରେ ଦୁଃଖ ପ୍ରକାଶ କରିବ ବୋଲି । ଧୀରେଧୀରେ ରାଜୀବ ମନ ଦୁଃଖ କରି ରାତ୍ରୀରେ ନିଶାପାନ କରି ଆସୁଥିଲା । ଦିନକର କଥା ପରିବାର ଚଳିବା ନିମନ୍ତେ ଗୋଦାବରୀ ରାଜୀବକୁ କହିଲା ଏଇଟି ଶୁଣିଛ ଝିଅର ଖାଇବା ସରିଗଲାଣି ଆଉ କିଛି ପଇସା ଦିଅ ମୁଁ ଦୋକାନରୁ ଝିଅ ପାଇଁ ଲାକ୍ଟୋଜିନ୍ ଆଣିବି । ଏହା ଶୁଣି ରାଜୀବ ସେଦିନ କହିଲା ଗୋଦାବରୀକୁ ଯାଉନୁ ତୋ ବୋପା ଘରୁ ଆଣିବୁ ମୋ ପାଖରେ କୌଣସି ପଇସା ନାହିଁ । ଏହା ଶୁଣି ଗୋଦାବରୀ ଆଶ୍ଚର୍ଯ୍ୟ ଚକିତ ହୋଇଗଲା ।

ଯେଉଁ ସ୍ୱାମୀ ଏକ ବର୍ଷ ମଧ୍ୟରେ କୌଣସି କଟୁ ଭାଷା ତାକୁ କହିନଥିଲେ ସେ ଆଜି ଏମିତି କଥା କହିପାରିଲେ । ସେଦିନ ରାଜୀବକୁ ଗୋଦାବରୀ କହିଲା ତୁମେ ଏତେ ତଳକୁ ଖସି ଗଲଣି । ଏହା ଶୁଣି ରାଜୀବ ପ୍ରବଳ ମାଡ଼ ମାରିଥିଲା ଗୋଦାବରୀକୁ । ଏପଟେ ଆଉ କିଛି ମାସ ମଧ୍ୟରେ ଗୋଦାବରୀର ବୁଢ଼ୀ ଶାଶୁ ମାଆଟି ଆର ପାରିକୁ ରୋଗଗ୍ରସ୍ତ ହୋଇ ଚାଲିଗଲା କିନ୍ତୁ ଏପଟେ ରାଜୀବ ଦିନକୁ ଦିନ ମଦ ପାନ କରି କରି ପୂରା ନିଶାଗ୍ରସ୍ତ ମଣିଷ ପାଲଟି ଯାଇଥାଏ । ଗ୍ରାମରେ ସମସ୍ତଙ୍କୁ ନାନା ଗାଳି ଗୁଲଜ କରୁଥାଏ ।

ଏହା ଦେଖି ଲୋକ ମଧ୍ୟ ରାଜୀବକୁ ନାନା ଥଟ୍ଟା କରୁଥିଲେ । ଏମିତିରେ ୧୦ ବର୍ଷ ବିତିଗଲା ପରେ ବି ରାଜୀବ କିଛି କାମ କରୁନଥାଏ ପୁନଶ୍ଚ ଗୋଦାବରୀ କୋଳରେ ଆଉ ଏକ କନ୍ୟା ସନ୍ତାନ ଭଗବାନ ପୁଣି ଭରିଦେଲେ କିନ୍ତୁ ଏପଟେ ଏହା ଦେଖି ରାଜୀବ ଗୋଦାବରୀକୁ କହୁଥାଏ ଅଲକ୍ଷଣୀ ଦୁଇ ଦୁଇଟି ଝିଅ ଜନ୍ମ ଦେଲୁ କ'ଣ ତୋତେ ପୁଅଟେ ଜନ୍ମ କରିବା ପାଇଁ ହୋଇପାରିଲା ନାହିଁ । ଏହା ଶୁଣି ଗୋଦାବରୀ କହିଲା ଏଥିରେ ମୋର କଣ ଦୋଷ ଭଗବାନ ଆମ କୋଳରେ ପୁତ୍ର ସନ୍ତାନଟେ ଦେଲେନି ବୋଲି କଣ ଆମେ ଆଙ୍କୁ ପାଳନ କରିବା ନାହିଁ । ଏହା ଶୁଣି ରାଜୀବ କହିଲା ଆଜିଠାରୁ ତୁ ସବୁ କରିବୁ ମୁଁ ଆଉ କିଛି କରିବି ନାହିଁ । ତୁ ଆଉ ତୋ ବଡ଼ ଝିଅ ମୋତେ ଖଟି ପୋଷିବ ନଚେତ ତୁମକୁ ମୁଁ ଜୀବନରୁ ମାରିଦେବି ନଚେତ ଏହି ବଡ଼ ଝିଅକୁ ଅନ୍ୟ ପାଖରେ ବନ୍ଧା ପକେଇ ମୁଁ ମଦ ପିଇବି ।

ଧୀରେଧୀରେ ଘରର ସବୁ ଆସବାବପତ୍ର ଏବଂ ଗୋଦାବରୀର ସମସ୍ତ ଗହଣା ବିକ୍ରିକରି ରାଜୀବ ମଦ ପିଇ ସବୁ ଟଙ୍କା ଉଡ଼େଇ ଦେଲା ଧନ ବୋଲେ ଘର ଖଣ୍ଡିକ ଯାହା ଥାଏ ଏପଟେ ପ୍ରତିଦିନ ଗୋଦାବରୀକୁ ବାଡ଼େଇ ମଦ ପିଇବା ପାଇଁ ଅଳି କରୁଥାଏ । ଧୀରେ ଧୀରେ ଅତ୍ୟନ୍ତ ଅସୁବିଧା ହୋଇଚାଲିଲା ତାଙ୍କ ପରିବାର ଚଳିବା ପାଇଁ ତତ୍‌ସହିତ ପିଲା ଦୁଇଟିଙ୍କୁ ପଢ଼େଇବା ପାଇଁ ଭିତରେ ବଡ଼ ଝିଅ ନବମ ପଢୁଥାଏ ଏବଂ ସାନ ଝିଅ ଅଙ୍ଗନୱାଡ଼ି ଯାଉଥାନ୍ତି ।

ଏପଟେ ଦିନକର ବଡ଼ ଝିଅର ନବମଶ୍ରେଣୀ ଫର୍ମ ଫିଲଅପ୍ କରିବା ନିମନ୍ତେ ସାତ ଶହ ଟଙ୍କା ଦରକାର ହେଉଥିଲା କଣ କରିବ ପୁଣି ସ୍ୱାମୀ ପାଇଁ ମଦ କିଣି ଆଣି ଦେଉଥାଏ ଗୋଦାବରୀ । ନଚେତ ସ୍ୱାମୀଠାରୁ ମାଡ଼ ଗାଳି ଶୁଣିବାକୁ ପ୍ରତିଦିନ ପଡୁଥାଏ । ପ୍ରତିଦିନ ଗୋଦବରୀ ବିଡ଼ି କରି କିଛି କିଛି ପଇସା ରାତି ରୋଜଗାର କରି ପରିବାର ପୋଷୁଥିଲା କିନ୍ତୁ ଦିନକୁ ଦିନ ପଇସା ଅନାଟନ ବେଶି ହେଲା । ଏପଟେ ସକାଳ ପାଇଲେ ବଡ଼ ଝିଅ ଫର୍ମ ଫିଲଅପ କଣ କରିବ ଦିନ ଯାକ ଝିଅ ସୁନନ୍ଦା ବସେଇ ଉଠେଇ ଦେଉନଥାଏ କାଲି ପଇସା ଦେବୁ କାଲି ପଇସା ଦେବୁ । ଏହା ଶୁଣି ମୁଣ୍ଡ ଗୋଦାବରୀର କାମ କରୁନଥାଏ ।

ହଠାତ୍ ରାତିରେ ସାହି ପଡୋଶୀ ରମା ବୋଉ କହିଲା ଆଲୋ ଗୋଦାବରୀ ତୁ ଏମିତି ମନ ଦୁଃଖରେ କାହିଁକି ବସିଛୁ । ଏହା ଶୁଣି ସବୁ କଥା କହିଲା ଗୋଦାବରୀ କଣ କରିବି ରମା ବୋଉ ଏମିତି ସବୁ ଅସୁବିଧା କଥା । ଏହା ଶୁଣିଲା ପରେ ରମା ବୋଉ କହିଲଣ ତୁ ଏଥିପାଇଁ ଚିନ୍ତା କରୁଛୁ ହଉ ହଉ ତୁ ଚିନ୍ତା କରେନା କାଲିଠାରୁ ତୁ ଆଉ ତୋ ବଡ଼ ଝିଅ ସ୍ୱପ୍ନେଶ୍ୱର ବାବୁ ଘରେ କାମ କରିବ ମୁଁ ଆଜି ବାବୁଙ୍କ ସହିତ କଥା ହେଇ ଆସିବି ତୁ କଣ କହୁଛୁ କରିବୁ ଗୋଦାବରୀ ଏହା ଶୁଣି ରମା ବୋଉ ଠାରୁ ଗୋଦାବରୀ କହିଲା ତମେ ସତ କହୁଚ ରମାବୋଉ । କେଉଁ କାମ କି ? ରମାବୋଉ କହିଲା ଏହିସବୁ ଘରକାମ କରିବ । ସେଠୁ ଗୋଦାବରୀ କହିଲା ମାସକୁ ଦରମା କେତେ ଦେବେ । ରମାବୋଉ କହିଲେ ଆଲୋ ମୁଁ ଆଗ ଯାଇ ବୁଝି ଆସେ ତା ପରେ ଯେଉଁ କଥା । ସେଠୁ ଗୋଦାବରୀ କହିଲା ତୁମେ ଅପା ଶୀଘ୍ର ଯାଅ ମୁଁ ଅପେକ୍ଷାରେ ରହିଲି । ରାତି ବେଶି ବଢ଼ିବାରେ ଲାଗିଛି । ଏହା ପରେ ତୁରନ୍ତ ରମା ବୋଉ ଯାଇ ସ୍ୱପ୍ନେଶ୍ୱରବାବୁଙ୍କୁ ସବୁ ପଚାରି କିହଲା ବାବୁ ଗୋଟେ ଗୁଳିରେ ଦୁଇଟି ଶିକାର କଣ କହୁଛ ସବୁ କଥା ଫୁସୁରୁ ଫୁସୁରୁ ହୋଇ ବାବୁଙ୍କ କାନରେ ରମାବୋଉ କହିଲା । ଏହା ଶୁଣିଲା ପରେ ସ୍ୱପ୍ନେଶ୍ୱର ବାବୁ କହିଲେ ତୁ ରମାବୋଉ କାଲିଠାରୁ ସେମାନଙ୍କୁ କହ ମୋ ଘର କାମ କରିବେ ମୁଁ ତାଙ୍କୁ ମାସକୁ ତିନି ହଜାର ଦେବି । ଏହା ପରେ ଆସି ଗୋଦାବରୀକୁ ରମାବୋଉ ସବୁ କହିଲା । ଗୋଦାବରୀ ବହୁତ ଖୁସି ହୋଇଗଲା ଆଉ ରମାବୋଉ ସାଥିରେ ସ୍ୱପ୍ନେଶ୍ୱର ବାବୁ ଦେଇଥିବା ଏକ ହଜାର ଟଙ୍କା ପାଇ ରମା ବୋଉଠୁ ଗୋଦାବରୀ ବହୁତ ଖୁସି ହୋଇଗଲା । ଆଉ ସକାଳୁ ସକାଳୁ ବାହାରିଗଲା ସ୍ୱପ୍ନେଶ୍ୱର ସାଉକାର ଘରକୁ ।

ଏପଟେ ସ୍ୱପ୍ନେଶ୍ୱର ବାବୁ ତାକୁ ଦେଖି ପୁରା ବିଭୋର ହୋଇଗଲେ ଆଉ କହିଲେ ଗୋଦାବରୀକୁ ତୋ ଝିଅ କୁଆଡ଼େ ଗଲା । ଗୋଦାବରୀ ଏହାଶୁଣି କହିଲା ଆଣ୍ଟୁଏ ବହଳର ଓଢ଼ଣା ଟାଣି ବାବୁ ଝିଅ ସ୍କୁଲ ଯାଇ ଆଉ ସେ ଉପରବେଳା ଆସିବ ମୁଁ ଏବେ ସବୁ କାମ କରୁଥିବି । ଏହା ପରେ ସ୍ୱପ୍ନେଶ୍ୱର ବାବୁ କହିଲେ ହଉ ସେ ଆସିଲେ ମୋ ପାଖକୁ ତାକୁ ପଠେଇବୁ । ଧୀରେଧୀରେ ଅପରାହ୍ନ ହୋଇ ଉପରବେଳା ହେଲା ଆଉ ସୁନନ୍ଦା ଆସି ବାବୁ ଘରେ ପହଞ୍ଚିଲା । ବାବୁଙ୍କ ଉଆସକୁ ଯାଇ ବାବୁଙ୍କୁ କହିଲା ବାବୁ ମୁଁ ଏବେ କେଉଁ କାମ କରିବି ବୋଉ ଘରକୁ ଯିବ । ଏହା ଶୁଣିଲା ପରେ ସ୍ୱପ୍ନେଶ୍ୱର ବାବୁ କହିଲେ ଆ ହା ହା କି କଣ୍ଠ । ତୁ କି କଣ୍ଠ ପାଇଛୁ ସୁନନ୍ଦା । ତୁ କୌଣସି କାମ କରିବା ଦରକାର ନାହିଁ ତୁ ମୋ ଗୋଡ଼ ମୋଡ଼ିଦେ । ଆଉ ଶୁଣୁ ତୁ ମୋ ଗୋଡ଼ ମୋଡ଼ି ଦେବୁ ଯେ ପ୍ରଥମେ ଆଗ ଯା ତୋ ବୋଉକୁ କହିବୁ ସେ ଘରକୁ ଯାଉ । ଏହା ଶୁଣିଲା ପରେ ସୁନନ୍ଦା ବୋଉକୁ ଆସି କହିଲା ବାବୁ କହିଛନ୍ତି ତୁ ଘରକୁ ଯା ହେଲା । ଏହା ଶୁଣି ଗୋଦାବରୀ କହିଲା ହଉ ମୁଁ ଏବେ ଘରକୁ ଯାଉଛି ତୁ ସଅଳ ସଅଳ କାମ ସାରି ଘରକୁ ଫେରିବୁ । ଏହା ଶୁଣି ସୁନନ୍ଦା କହିଲା ହଉ ମୁଁ ଶୀଘ୍ର ଯିବି ତୁ ଯା ।

ଏପଟେ ବାବୁ ଡାକ ପକାଉଥାନ୍ତି ସୁନନ୍ଦା ସୁନନ୍ଦା । ଡାକ ଶୁଣି ସୁନନ୍ଦା କହୁଥାଏ ହଁ ବାବୁ ଆସୁଛି । ଏହା ପରେ ଯାଇ ଉଆସରେ ପହଞ୍ଚି ସୁନନ୍ଦା ସ୍ୱପ୍ନେଶ୍ୱର ବାବୁଙ୍କୁ ଘସୁ ଘସୁ ବାବୁ ସୁନନ୍ଦାକୁ କହିଲେ ତୁ ତ ଭଲ ସୁନ୍ଦରୀଟେ ହୋଇଗଲୁଣି ମୋତେ କଣ ବିବାହ କରିବୁ । ଏହା ଶୁଣି ସୁନନ୍ଦା କହିଲା ବାବୁ ତୁମେ ଏମିତି କଣ ଥଟ୍ଟା କରୁଛ ମୁଁ ଆପଣଙ୍କ ଝିଅ ବୟସର ହେବି ମୋତେ ଏ ସବୁ ଭଲ ଲାଗୁନି । ଏହା ଶୁଣିଲା ପରେ ଧୀରେ ଧୀରେ ସ୍ୱପ୍ନେଶ୍ୱର ବାବୁ ସୁନନ୍ଦାକୁ କୁଣ୍ଢାଇ ଧରି ତା ସହିତ ଖରାପ କାମ କରିବା ପାଇଁ ଚାହିଁଲେ ଏହା ଜାଣିଲା ପରେ ସୁନନ୍ଦା ସ୍ୱପ୍ନେଶବର ବାବୁକୁ କାମୁଡ଼ି ସେଦିନ ଉଆସରୁ ନିଜ ଘରକୁ ପଳେଇ ଆସିଥିଲା ଆଉ ତୁରନ୍ତ ତାର ବୋଉ ଗୋଦାବରୀକୁ କହିଥିଲା । ଏପଟେ ଏହି କଥା ଶୁଣି ଗୋଦାବରୀ ସେହି ରାତିରେ ବାବୁଙ୍କ ଉଆସକୁ ଗଲା ଆଉ ବାବୁଙ୍କୁ କହିଲା ବାବୁ ତୁମେ ଏତେ ତଳକୁ ଖସିଗଲ । କାଲି ଠାରୁ ମୁଁ ଆଉ ମୋ ଝିଅ ଆପଣଙ୍କ ଘରକୁ କାମ କରିବାକୁ ଆସିବୁନି । ଆପଣଙ୍କା ଟଙ୍କା ଫେରେଇ ଦେବୁ । ଏହା ଶୁଣି ସ୍ୱପ୍ନେଶ୍ୱର ବାବୁ କହିଲେ ହଉ ଠିକ୍ ଅଛି ତୁ ଯାହା କହୁଛୁ ଟିକିଏ ଶାନ୍ତ ମନରେ ବସି ଭାବେ ଗୋଦବରୀ ତୁ ଯଦିଓ ମୋ ପାଖରେ ନ ଖଟିବୁ ତାହେଲେ ତୁ ତୋ ମଦୁଆ ସ୍ୱାମୀକୁ କଣ ମଦ ପିଇବା ପାଇଁ ଦେଇ ପାରିବୁ ନା ତୋ ସହିତ ତୋ ଦୁଇ ଝିଅଙ୍କୁ ମଣିଷ କରି ପାରିବୁ ? ଏହା କହି ହଠାତ ଝାମ୍ପି ପକାଇ ଗୋଦାବରୀକୁ ଯାବୁଡ଼ି ଧରିଲେ । ଏହା ଦେଖି ଗୋଦାବରୀ ବିରୋଧ କରିବାକୁ ସ୍ୱପ୍ନେଶ୍ୱର ବାବୁ କହିଲେ ପୁଣିଥରେ ମୁଁ କଣ କହିଲି ଟିକିଏ ଭାବି ପାରୁଛୁ ତ ଆଉ ଆଜି ମୋ ପାଖରେଯଦିଓ ତୁ ଗୋଟେ ରାତି କାଟି ପାରିବୁ ତୋତେ ମୁଁ ରାଣୀ କରି ଦେବି ରାଣୀ ତୁ କଣ କହୁଛୁ ଗୋଦାବରୀ । ଏହା ଶୁଣି ସେଦିନ ସ୍ୱାମୀ ଏବଂ ନିଜ ଝିଅମାନଙ୍କ ମୁଖରେ ହସ ଫୁଟାଇବାକୁ ଯାଇ ବହୁତ ତଳକୁ ଖସି ଯାଇଥିଲା ଗୋଦାବରୀ ଆଉ ସ୍ୱପ୍ନେଶ୍ୱରବାବୁଙ୍କ ପାଖରେ ରାତି କଟେଇ ଥିଲା ଆଉ ଶେଯରେ ସକାଳ ପାଇଲା ପର୍ଯ୍ୟନ୍ତ ଶୋଇ ରହିଥିଲା କିନ୍ତୁ ସକାଳୁ ବାବୁଙ୍କ ପାଖକୁ ସେ ଦିନ ରମା ବୋଉ ଏକ କାମରେ ଆସିଲା ବେଳକୁ ସକାଳୁ ବାବୁଙ୍କ ରୁମରୁ ଗୋଦାବରୀ ବାହାରିଲା ଆଉ ଏହି କଥା ବାବୁଙ୍କୁ ପଚାରିବାରୁ ବାବୁ ମୁରୁକି ହସିଦେଲେ ଆଉ ଏହି ହସରୁ ରମା ବୋଉ ସବୁ ଜାଣିବାକୁ ପାଇଲା । ସକାଳୁ ଯାଇ ଘରେ ପହଁଚୁ ପହଁଚୁ ଘରେ ଗୋଦାବରୀର ସ୍ୱାମୀ ତାକୁ ମଦ ପିଇବାକୁ ପଇସା ମାଗିଲା ଆଉ ନ ଦେବାରୁ ପ୍ରବଳ ମାଡ଼ ମାରିଥିଲା । ତୁରନ୍ତ ପୁଣି ପରେ ବାବୁଙ୍କ ପାଖକୁ ଆସି କିଛି ପଇସା ମାଗିବାରୁ ସ୍ୱପ୍ନେଶ୍ୱର ବାବୁ ସେ ଦିନ ଯାହା କଲେ ଆପଣମାନେ ଶୁଣିଲେ ଆଶ୍ଚର୍ଯ୍ୟ ହୋଇଯିବେ କୌଣସି ପଇସା ନଦେଇ ତାକୁ ଗଳା ଧକିଆ ଦେଇ ବାହାରି କରିଦେଇଥିଲେ । ଏହି କଥା ରମାବୋଉ ଗୋଟେ କଣରେ ଲୁଚି ସବୁ ଶୁଣିସାରିଲା ପରେ ଆସି ଗୋଦାବରୀକୁ କହିଲା ଆଲୋ ଶେଷରେ ତୁ ଏତେ ତଳକୁ ଖସିଗଲୁ ତୁ ବେଶ୍ୟାଗିରି କଲୁ । ଛି ଛି ତୋତେ ଟିକିଏ ଲଜ୍ୟା ଲାଗୁନି । ଏହା ଶୁଣିଲା ପରେ ସେଦିନ ପ୍ରବଳ କାନ୍ଦିଛି ଗୋଦାବରୀ ଆଉ ସ୍ୱାମୀକୁ ମଦ ନଦେଇ ପାରିବାରୁ ବି ମାଡ଼ ଗାଳି ଶୁଣିଛି । ଆଉ ପିଲାମାନେ ବି ଉପାସରେ ଦିନ ବିତେଇଛନ୍ତି । କଣ କରିବ ସେ କିଛି ବୁଝିପାରୁନଥାଏ । ଯୁଆଡ଼େ ରୋଜଗାର କରିବାକୁ ଗଲା ବେଳକୁ ମାଇପି ମଣିଷଟା ଖାଲି ଏହି ମଣିଷମାଂସ ଲୋଭରେ ସମସ୍ତେ ତା ସହିତ ଦୁଷ୍କର୍ମ କରିଚାଲିଲେ । ଏପଟେ ଗାଆଁ ସାରା ଡିବିଡିବି କରିଦେଲା ରମାବୋଉ ଗୋଦାବରୀ ବେଶ୍ୟାଗିରି କରୁଛି ।

ଏହା ଶୁଣିଲା ପରେ ରାଜୀବ ତାକୁ ଘରୁ ବାହାର କରିଦେଲା । କିନ୍ତୁ ଗୋଦାବରୀ କେବେ ନିଜର ପତିବ୍ରତା ଦୂରେଇ ନଥିଲା । ଶେଷରେ ଗୋଟେ ଦିନ ସେ ସ୍ଥିର କଲା ଯେଉଁଥିପାଇଁ ମୁଁ ଆଜି ଦୁନାମ ଶୁଣିଲି ତାକୁ ମୁଁ ଆପଣେଇ ନେବି ଆଉ ମୁଁ ମୋ ପରିବାର ପୋଷିବି । ମୋ ସ୍ୱାମୀ ମୁହଁରେ ଟୋପେ ମଦ ଦେଇ ହସ ଫୁଟାଇ ପାରିବି ହଁ ଏ ସମାଜ ମୋତେ ବେଶ୍ୟା କହିଲେ ମଧ ମୁଁ କିନ୍ତୁ ଦୁନିଆକୁ କହି ବସିବି ମୁଁ ଜଣେ ସମୟର ଦାସୀ । ଏହି ସମାଜ ମୋତେ ଆଜି ଏହି ରୂପରେ ଗଢ଼ି ତୋଳିଲା ଏହା ଯେତିକି ମୋର ଭୁଲ ଏହି ସମାଜର ଭୁଲ୍ ମଧ । ଦିନେ ଗୋଦାବରୀର ବୟସ ଉପାନ୍ତ ସମୟରେ ତାକୁ ଗଣମାଧମ ବାଲା ପଚାରି ବୁଝିଲେ ତୁମେ କାହିଁକି ତୁମ ସ୍ୱାମୀଙ୍କୁ ମଦ ପିଇବାରୁ ବାରଣ କଲନି ଆଉ ଓଲଟି ତାକୁ ତୁମେ ନିଜର ସର୍ବସ ଦାନ କରି ତାଙ୍କ ମୁହଁରେ ହସ ଫୁଟାଇଛ । ଏହା ଶୁଣିଲା ପରେ ଗୋଦାବରୀ କହିଲା ହଁ ମୁଁ ହୋଇପାରେ ସମାଜ ଆଗରେ ଗୋଟେ ବେଶ୍ୟା । କିନ୍ତୁ ମୋତେ ବେଶ୍ୟା କିଏ ସଜେଇଛି ଏହି ସମାଜ ଯେତେବେଳେ ଦୁଇ ମୁଠା ଖାଇବା ପାଇଁ ମୋ ପିଲାମାନେ ଡହଳ ବିକଳ ହେଉଥିଲେ ଆଉ ମୋ ସ୍ୱାମୀ ମଦ ପିଇବା ନିମନ୍ତେ ମୋତେ ପ୍ରବଳ ମାଡ଼ ମାରିଥିଲା ସେତେବେଳେ ମୋ ପାଖରେ ଅର୍ଥ ଅଭାବ ଥିଲା ଏହାକୁ ପୂରଣ କରିବାକୁ ଯାଇ ମୋ ପରିବାରରେ ଟିକିଏ ହସ ଫୁଟାଇବା ପାଇଁ ମୁଁ ଯେଉଁ ଆଡ଼େ ଗଲି ସବୁଠି ପାଇଲି ମଣିଷ ରୂପୀ ଗୋଟେ ଗୋଟେ ନରମାଂସ ଭୋଜନ କରୁଥିବା ପିଶାଚ । ଆଉ ସେହିମାନଙ୍କ କବଳରୁ ମୁଁ ରକ୍ଷା ପାଇ ପାରିନଥିଲି । ଶେଷରେ ମୁଁ ବିନା ଦୋଷରେ ପାଲଟିଥିଲି ସମୟର ଦାସୀ । ଆଉ ଶେଷରେ ସମସ୍ତଙ୍କ ମୁହଁରେ ହସ ଫୁଟାଇବା ପାଇଁ ମୁଁ ସମୟ ସ୍ରୋତରେ ପାଲଟିଗଲି ଗୋଟେ ବେଶ୍ୟା କିମ୍ବା କିଏ କହେ ମୋତେ ଅନ୍ୟର ଦାସୀ । ହଁ ମୁଁ କହୁଛି ଏଇ ଗୋଦାବରୀ ଗୋଟେ ସମୟର ଦାସୀ ।

ବାଲିଝରୀ, ନରସିଂହପୁର, କଟକ ।

# ଅଶ୍ରୁରେ ଅନୁଭୂତି

- ସଂଗ୍ରାମ କେଶରୀ ସାମନ୍ତରାୟ

ବିଶ୍ୱନିୟନ୍ତାଙ୍କ ଶକ୍ତି ଏବଂ ସାମର୍ଥ୍ୟକୁ ନେଇ ଯୁଗଯୁଗର କିମ୍ବଦନ୍ତୀ ଯୋଡ଼ି ହୋଇ ରହିଛି । ଅଲୌକିକ ବଳରେ ମୂକକଥା କହିପାରେ ପଙ୍ଗୁ ମଧ୍ୟ ଶୃଙ୍ଗକୁ ଆରୋହଣ କରିପାରେ । ଶିଶୁଜନ୍ମ ପରେ ଅଳି କରିକାନ୍ଦିଥାଏ । ପରମେଶ୍ୱର ବୁଝନ୍ତି ମୋ ସନ୍ତାନର ଦୁଃଖକୁ । ସଂସାରର ଛୋଟବଡ଼ ସବୁ କଥା ତାଙ୍କର ନିର୍ଦ୍ଦେଶରେ ପରିଚାଳିତ । ଅସାର ସଂସାରରେ ପ୍ରଭୁ ଶବ୍ଦର ଶ୍ରେଷ୍ଠତ୍ୱ ସର୍ବବ୍ୟାପି ଉଲ୍ଲିଖିତ ଏବଂ ଆଦୃତ । ଛାୟା, କାୟା ଏବଂ ମାୟା ତାଙ୍କର ସତ୍ତାର ସାମାନ୍ୟତମ ଆଭାସ । ନିର୍ଜନତାକୁ ଭୟ କରିବା ଏବଂ ସଫଳତାରେ ଆତ୍ମପ୍ରତେୟ ମାଧ୍ୟମରେ ଭବବିହ୍ୱଳ ହେବା ତାଙ୍କ ଦ୍ୱାରା ଶ୍ରେଷ୍ଠ କାଞ୍ଚନିକ ରଚନା । ଗଭୀର ଭାବରେ ଚିନ୍ତା ନକରି ଅନ୍ୟକୁ ଦୋଷାରୋପ କରିବା କିମ୍ବା ତା ବିପକ୍ଷରେ କୁସାରଚନା କରିବା ପ୍ରକିୟା କଳିଯୁଗରେ ତାଙ୍କ ଦ୍ୱାରା ନିୟନ୍ତ୍ରତ । ବାସ୍ତବ ଏବଂ ଅବାସ୍ତବ ଭାବନା ତାଙ୍କର ଶ୍ରେଷ୍ଠ କୃତି । ସ୍ୱଚ୍ଛ ଅନୁଭୂତି ମଧ୍ୟରେ ଆତ୍ମାର ପ୍ରକରଣରେ ସତ୍ତାର ଉପଲବ୍ଧି ଜୀବନର ଶ୍ୟେଷ୍ଠତ୍ୱ ବୋଲି ପ୍ରତିପାଦିତ ହୋଇଥାଏ ।

ହେତୁ ପାଇବା ପରେ ଅନେକଥର ପ୍ରଭୁଙ୍କ କୃପର ବର୍ଣ୍ଣନା ଶାସ୍ତ୍ରରେ ପଠନ କରିଛି । ଭାବୁଥିଲି ପ୍ରଭୁ କୃପା ମୋ ଉପରେ ରହିବା ବିଧେୟ । ଜଗତର ନାଥ ଜଗନ୍ନାଥଙ୍କୁ ଆରାଧ୍ୟ ଦେବତା ରୂପେ ମନ ମନ୍ଦିରରେ ସଂସ୍ଥାପନ କରିଥିଲି । ଉତ୍କଳୀୟ ଭାବାବେଗ ସହିତ ଅନୁବନ୍ଧିତ ଠାକୁରଙ୍କୁ ମୋ ମନରେ ମଧ୍ୟ ଅନୁବନ୍ଧିତ କରିଥିଲି । ପାଠପଢ଼ିବା ବେଳେ ପରୀକ୍ଷା ଫଳ ବାହାରିବାର କିଛିକ୍ଷଣ ପୂର୍ବରୁ ଆଖି ବନ୍ଦକରି ଧ୍ୟାନ ମୁଦ୍ରାରେ ପ୍ରଭୁକୃପା ପାଇଁ ନିବେଦନର ଅର୍ଘ୍ୟ ଅର୍ପଣ କରିଥିଲି । ସତେ ଯେମିତି ଜୀବନ୍ତ ଭାବରେ ମୋ ପାଖରେ ଛିଡ଼ା ହୋଇ ସବୁ ଶୁଣିଥିଲେ । ମୋ ଆଶାକୁ ଜୀବନ୍ତ ରୂପ ଦେବାକୁ ପ୍ରୟାସରେ ଲାଗିଥିଲେ । ଫଳ ପ୍ରକାଶନରେ ସଠିକ୍ ରୂପାୟନ ହୋଇଥିଲା । ମୋର ଭାବନାକୁ ଆତ୍ମା ଗ୍ରହଣ କରିପାରୁନଥିଲା । କୋଟି କୋଟି ଲୋକଙ୍କ ଆବେଗକୁ ପ୍ରଭୁ ଏତେଶିଘ୍ର କେମିତି ବୁଝୁଛନ୍ତି । ପ୍ରତିଥର ପ୍ରଭୁ ମୋ କଥା ଶୁଣି ମୋ ଭାବକୁ ଅଧିକ ଶାଣିତ କରିଛନ୍ତି । ମୋ ସହିତ ସଫଳତା ଠାରୁ ବିଫଳତାର ଯୁକ୍ତାକ୍ଷର ଅଧିକ ଛନ୍ଦାଛନ୍ଦି ହୋଇ ରହିଛନ୍ତି । ପ୍ରୟାସ କଠିନ ପରିଶ୍ରମ ଆଉ ତାପରେ ପ୍ରଭୁଙ୍କ ଉପରେ ବିଶ୍ୱାସ ସଫଳତାର ମାର୍ଗକୁ ପ୍ରଶସ୍ତ କରିଛି । କାର୍ଯ୍ୟ କରିବାର ଉତ୍ସାହ ଏବଂ ଆବେଗ ଅନେକ ମାତ୍ରାରେ ପ୍ରଭୁ କୃପା ପାଇଁ ବୃଦ୍ଧି ପାଇଛି ।

ପାଠ ପଢ଼ା ପରେ ସାମାଜିକ ମୂଲ୍ୟବୋଧ ଭିତ୍ତିରେ ସରକାରୀ ଚାକିରି କରିବାର ପର୍ବ ଆରମ୍ଭ ହୁଏ । ଅନେକ ପ୍ରଚେଷ୍ଟା ଚାଲେ । ପରିଶ୍ରମ ଏବଂ କୁଶଳତା ଭିତ୍ତିରେ ପରୀକ୍ଷାର ସମୟ ଉପନୀତ ହୁଏ । ପରୀକ୍ଷାର ଅନେକ ସ୍ତର ଥାଏ । କେତେଗୁଡ଼ିଏ ସ୍ତର ସହଜରେ ଅତିକ୍ରମ ହୁଏ କିନ୍ତୁ ଶେଷ ସଫଳତା ମିଳିବାକୁ ଅଧିକ ସମୟ ଲାଗେ । ସ୍ୱପ୍ନ ସବୁ ଭାଂଗି ଚୂରମାର ହେବାକୁ ଥାଏ । ସମୟ ନିଜ ନିୟନ୍ତ୍ରଣ ବାହାରକୁ ଚାଲିଯିବାକୁ ଉଦ୍ୟତ ହେଉଥାଏ । ବୟସ ମଧ୍ୟ ଗଡ଼ି ଚାଲିଥାଏ । ଭଗବାନ ତତ୍ତ୍ୱ ବିବେକକୁ ଯେମିତି ପ୍ରଶ୍ନ କରୁଥାଏ ମୋ ଜୀବନ ସଂହିତାକୁ କାଣିଚାଲ ପ୍ରଭୁକୃପା ମିଳୁ । ଶେଷରେ ନିଷ୍ପତ୍ତିର ପର୍ବରେ ମୁଁ ଏକାକୀ ବାଟୋଇ ଥିଲି । ଭାବାବେଗ ମଧ୍ୟରେ ପୁରୀ ଶ୍ରୀମନ୍ଦିରରେ ପ୍ରତ୍ୟେକ୍ଷ ଭାବେ ପ୍ରଭୁଙ୍କୁ ପ୍ରଶ୍ନ କରିବାକୁ ଯାତ୍ରା ଆରମ୍ଭ କଲି । ସମୟରେ ଘରୁ ବାହାରି କଟକର ପୁରୀ ବସଷ୍ଟାଣ୍ଡରୁ ବାହାରି ପୁରୀରେ ପହଞ୍ଚିଲି । ବାଟଘର୍ଚ୍ଚ ଯିବା ଆସିବା ପାଇଁ କେବଳ ପଇସା ଥିଲା । ଖାଇବା ରହିବା ପାଇଁ ବ୍ୟବସ୍ଥା ହୋଇ ନଥିଲା । ପ୍ରଭୁଙ୍କ ଦିବ୍ୟ ଦର୍ଶନ ମିଳିଲା । ସବୁ ଦୁଃଖ ଗୁହାରି କରି ଅଳି କରୁଥିଲି ଆଉ କଳି କରୁଥିଲି । ସତରେ କେତେ ଗାଳି କରୁଥିଲି । ମୋ ପଛରୁ କିଏ ଜୋରରେ ଧକା ମାରି କହିଲା କେତେ କହିବୁ । ମୁଁତୋତେ ଜାଣିନି । ମୁଁ ଆଗକୁ ଆଗକୁ ଚାଲିଥାଏ ଭକ୍ତଙ୍କ ଗହଳି ଭିତରେ । ତାପରେ ବଡ଼ ଦାଣ୍ଡରେ ଖାଲିପାଦରେ ଚାଲିଚାଲି ବେଢ଼ା ବୁଲିଲି । ମୁଁ ସନ୍ତୁଷ୍ଟ ନ ଥିଲି ଭାବୁଥିଲି ଆଉ କେତେ କଥା କହିବାର ଥିଲା । ସମୟ ସରିଗଲା କିଛି ରହିଗଲା ।

ଶେଷରେ ମୋ ପାଖରେ ସମୁଦାୟ ଶହେ ଟଙ୍କା ଥିଲା । ପ୍ରଭୁଙ୍କୁ ସମର୍ପଣ ପୂର୍ବକ ଦାନ ବାକ୍ସରେ ପ୍ରକେଇ ଦେଲି । ମୋ ପାଖରେ ଖାଇବା ରହିବା ଏବଂ ଘରକୁ ଆସିବାକୁ ପଇସା ନଥିଲା । ତାପରେ ଚାଲିଚାଲି ମହୋଦଧି ନିକଟରେ ପହଞ୍ଚିଲି । ଆଶା ଏବଂ ଆଶ୍ୱାସନାର ବେଳ ଉପନୀତ ହେଲା । ସୂର୍ଯ୍ୟ ଦିଗବଳୟ ଛାଡ଼ିଲେ ସନ୍ଧ୍ୟା ଧୀରେଧୀରେ ପ୍ରବେଶ କରୁଥିଲା । ରାତ୍ରିର କଳେବର ବଢ଼ିଥିଲା । ଠିକ୍ ଆଠଟା ପାଖାପାଖି କେହିଜଣେ ଧଳା ଧୋତି ପଞ୍ଜାବୀ ପିନ୍ଧି ମୋତେ ଛୁଇଁବାର ଅନୁଭବ ମିଳିଲା । ସେ ଖଣ୍ଡେ ଭଂଗା ସାଇକେଲ ମଧ୍ୟ ଧରିଥିଲେ । ମୋତେ କହିଲେ କେଉଁଠିକୁ ଯିବ । ମୁଁ କିଛି କହିଲିନାହିଁ । ତା ପରେ କହିଲେ ଏକା କାହିଁକି ବସିଛ । କ'ଣ ଘରୁ ରାଗିକି ଚାଲିଆସିଛନ୍ତି । ତାପରେ ମୋତେ ତାଙ୍କ କଥାରେ ଆତ୍ମିୟତା ଲାଗିଲା । ମୁଁ ତାଙ୍କ ପ୍ରଶ୍ନର ଉତ୍ତର ଦେଲି । ସେ ମୋତେ ଧର୍ମଶାଳା ନେଇଗଲେ । ରାତ୍ରି ଭୋଜନ ଦେଲେ । ଭଲ ପରିପାଟୀ ମଧ୍ୟରେ ରାତ୍ରିର ବିଛଣା ନିଜେ କରିଲେ । ସକାଳ ହେଲା ବେଳକୁ ସେ ଘରେ ସେ ନଥିଲେ । ମୁଁ ତଳକୁ ଆସି ପଚାରିଲି ହୋଟେଲ ମାଲିକ କହିଲେ ଆପଣ ସବୁ ପଇସା ଦେଇ ସାରିଛନ୍ତି ଏବେ ଯାଇ ପାରନ୍ତି । ମୁଁ ବ୍ୟାଗ ଧରି ବାହାରିଲି । ବସରେ କଟକ ଯିବାପାଁ । ବସ ଭଡା ମୋ ପାଖରେ ନାହିଁ ବୋଲି କହିବାକୁ ଯାଉଥିଲି । ପ୍ୟାକେଟରେ ସାମାନ୍ୟ ହାତମାରି ଜାଣିଲି କାଗଜ ଖଣ୍ଡେ ଭଳି ଲାଗିଲା । ଦେଖିଲି ଗୋଟେ ପଚାଶ ଟଙ୍କା ଅଛି । ମୋର ଜଗନ୍ନାଥଙ୍କ ଲୀଳା ସହିତ ଏହି ସୁଖଦ ଅନୁଭୂତି ରହିଛି । କିଛି ମାସ ପରେ ଫଳ ପ୍ରକାଶନ ହେଲା । ମୋତେ ମଧ୍ୟ ଆଶାନୁରୂପ ସଫଳତା ମିଳିଲା । ମୋର ଭାବପ୍ରବଣତା ମଧ୍ୟରେ ଆଜି ମଧ୍ୟ ବଡ଼ଠାକୁର ବିରାଜମାନ । ଜୟ ଜଗନ୍ନାଥ ।

ଓଡ଼ିଶା ଅର୍ଥ ସେବା, ଭୁବନେଶ୍ୱର

# ପ୍ରତିବିମ୍ବ

– ଶାରଦାକାନ୍ତ ମିଶ୍ର

ଡ୍ରେସିଂଟେବୁଲର ଆଇନା ଆଗରେ ଠିଆ ହୋଇ ନିଜକୁ ଭଲକରି ପରଖିନେଲେ ସୁବାସ । ହଁ ପୁରା ପ୍ରେଜେଣ୍ଟବଲ ଲାଗୁଛନ୍ତି ସେ । ଇସତ୍ ହଳଦିଆ ରଙ୍ଗର ହାଫ୍ ସାର୍ଟ ସାଙ୍ଗକୁ ମିଲିଟାରୀ ରଙ୍ଗରେ ଧଳା ଚେକ୍ ପ୍ୟାଣ୍ଟ ତାଙ୍କୁ ଭଲ ମାନେ । ସ୍ପେଶାଲ ଅକେଜନରେ ଏହାକୁ ପିନ୍ଧିବାକୁ ସେ ଅଧିକ ପସନ୍ଦ କରନ୍ତି । ଲୋକେ କୁହନ୍ତି ସେଥିରେ ସେ କୁଆଡ଼େ ଅଧିକ ସ୍ମାର୍ଟ ଲାଗନ୍ତି । ଆଜି ସେଇ ହଳକ ପିନ୍ଧି ଗଲେ ଦୋକାନୀ ଓ ସେଠାକାର କର୍ମଚାରୀ ତାଙ୍କୁ ନିଶ୍ଚିତ ଗୁରୁତ୍ୱ ଦେବେ ବୋଲି ସେ ଭାବୁଛନ୍ତି । ସେ ଯିବେ ଟିକିଲି କିଣିବାକୁ, ପତ୍ନୀଙ୍କ ପାଇଁ ନୁହେଁ, କିନ୍ତୁ ଯାହା ପାଇଁ କିଣିବେ ତାଙ୍କ ସହିତ କିଛିବି ସମ୍ପର୍କ ନାହିଁ ସୁବାସଙ୍କର । ତଥାପି ସହରର ବଛା ବଛା ଲେଡିଜ୍ କର୍ଣ୍ଣର ଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରିଛନ୍ତି ସେ । ସେଠାକୁ ଯାଇ ପରଖିବେ ମନପସନ୍ଦିଆ ଟିକିଲି । କିଣିସାରି ତାକୁ ନେଇ ବଢ଼ାଇଦେବେ ସେହି ଅପରିଚିତା ମହିଳାଙ୍କୁ । ମଥାରେ ଟିକିଲି ଲଗାଇ ସେ ଆହୁରି ସୁନ୍ଦର ଦିଶିବେ । ପରିଚୟ ଜାଣି ନଥିଲେ ବି ସେ ନିଜ ଆଡୁ ତାଙ୍କୁ ସୋମା ନାମରେ ଚିହ୍ନନ୍ତି ।

ସୋମାଙ୍କ ବୟସ ପାଖାପାଖି ଚାଳିଶ ହେବା ଦେଖିବାକୁ ସୁନ୍ଦର ଗୋରା, ସ୍ଲିମ୍ଫିଗର, ଷ୍ଟାଣ୍ଡାର୍ଡ଼ ହାଇଟ୍ । କେବଳ ଶାଢ଼ୀ ପିନ୍ଧନ୍ତି ଓ ସେସବୁର କଲେକସନ ପୁରା ନିଆରା । ପିନ୍ଧା ଶୈଳୀ ଓ ହାବଭାବ ଜଣାଇଦିଏ ସେ ସମ୍ଭ୍ରାନ୍ତ ଶ୍ରେଣୀର ତଥାପି ବସରେ କାହିଁକି ଯିବା ଆସିବା କରନ୍ତି ତାହା ଅବଶ୍ୟ ସୁବାସ ଜାଣନ୍ତିନି । ବୁଝିବାର ଆବଶ୍ୟକତା ଅଥବା ସୁଯୋଗ ବି ନାହିଁ । ଏବେ ଏବେ ସେ ସୋମାଙ୍କୁ ଏକପାଖିଆ ଜାଣୁଛନ୍ତି, ପାଖାପାଖି ପନ୍ଦର କି ସତର ଦିନ ହେବ । କେବେ କଥା ମଧ୍ୟ ହୋଇନାହାନ୍ତି । ହେଲେ ଦେଖିବା ଦିନରୁ ସେ କେମିତି ନିଜର ନିଜର ଲାଗନ୍ତି ସୁବାସଙ୍କୁ ।

କିଟଛକ ପରେ ପରେ ଅଠର ନମ୍ବର ପାସେଞ୍ଜର ଶୂନ୍ୟ ହୋଇଯାଏ ସେଠାରୁ ବସରେ ଉଠନ୍ତି ସୋମା । ଲେଡ଼ିଜ ସିଟ ସବୁ ଏମିତି ଖାଲିଥାଏ । ସେ ଗୋଟିଏ କଣ ସିଟରେ ବସିପଡ଼ି ଇଅରଫୋନ ଲଗାଇ ଦିଅନ୍ତି ଆଉ ମୋବାଇଲରୁ ଶୁଣିବାରେ ମନ ଦିଅନ୍ତି । ବୋଧହୁଏ ଗୀତ ଶୁଣୁଥାନ୍ତି । କଣ୍ଡକ୍ଟରକୁ ଟଙ୍କା ଦେଇଦେଲା ପରେ ହାଇକୋର୍ଟ ଛକ ପର୍ଯ୍ୟନ୍ତ ପ୍ରାୟ କୋଡ଼ିଏ ପଚିଶ ମିନିଟ ସେ ଏମିତି ସମୟ କଟାଇ ଦିଅନ୍ତି । ବେଳେବେଳେ ଝରକା ବାଟେ ବାହାରକୁ ଦେଖନ୍ତି, କିନ୍ତୁ କେବେ ପାଖ ସହଯାତ୍ରୀଙ୍କ ସହ କଥାହେବା ସୁବାସ ଦେଖିନାହାନ୍ତି । ହାଇକୋର୍ଟ ଛକରେ ବସରୁ ଓହ୍ଲାଇପଡ଼ି ବାମ ପଟକୁ ତରତର ହୋଇ କଚେରୀଆଡ଼େ ଚାଲିଯାଆନ୍ତି ସବୁଦିନ । ସେ ଅଞ୍ଚଳରେ ତ ସବୁ ଅଫିସ ଅଛି ହୁଏତ ସେ କୌଣସି ଅଫିସରରେ କାମ କରୁଥିବେ ଭାବନ୍ତି ସୁବାସ । ବସ ବାଦାମବାଡ଼ି ଅଭିମୁଖେ ଗଡ଼ିଚାଲେ, ସୁବାସ ପଛରୁ ମୁହଁ ଫେରାଇ ନିଅନ୍ତି ।

ଏମିତି ଏକ ସମୟରେ ଗୋଟିଏ ରୁଟରେ ସବୁଦିନ ଯାଆନ୍ତି ଉଭୟେ । କେହିକାହାକୁ ଜାଣନ୍ତି ନାହିଁ । କିନ୍ତୁ ତାଙ୍କ ଅଜାଣତରେ ସୁବାସ ସବୁଦିନ ଭଲକରି ଦେଖିନିଅନ୍ତି ସୋମାଙ୍କୁ । ଖୁସି ହୁଅନ୍ତି ବି । କେବେକେବେ ସୋମା ଆସି ନଥିଲେ ସୁବାସଙ୍କ ନଜର ବାରମ୍ବାର ସବୁ ସିଟ ଉପରେ ବୁଲିଆସେ । ଆକର୍ଷଣୀୟ ଲାଗୁଥିଲେ ବି କାହିଁକି କେଜାଣି ତାଙ୍କ ଚେହେରାରେ କିଛି ଅଭାବ ଅନୁଭବ କରନ୍ତି ସେ । ଜାଣନ୍ତି ସୋମାଙ୍କ ମଥାରେ ସିନ୍ଦୁର ଟିପା କି ଟିକିଲି ନାହିଁ । ଆଉ ତାହାହିଁ ତାଙ୍କ ବେଶଭୁଷାର ଏକମାତ୍ର ଖୁଣ । ଯଦିଓ ଶାଢ଼ୀ ସହିତ କାନରେ ଟପ, ବେକରେ ହାର, ହାତରେ ଚୁଡ଼ି, ଭ୍ୟାନିଟି ବ୍ୟାଗ ଆଦି ପରସ୍ପର ସହିତ ମେଳ ଖାଉଥାନ୍ତି ମଥା କିନ୍ତୁ ଖାଲିଥାଏ ତାଙ୍କର । ଏତେ ସବୁ ପରିପାଟୀ ପରେ ସୋମା ଟିକିଲି ଲଗାନ୍ତି ନାହିଁ କାହିଁକି ? ତାହା କଣ ତାଙ୍କର ପସନ୍ଦ ନୁହେଁ ? ଭାବନ୍ତି ସେ ପୁଣି ଭାବନ୍ତି ସୋମା ବିଧବା ହୋଇଥାଇ ପାରନ୍ତି । ନା ନା ତାହା କେବେ ବି ନୁହଁ । ଅନ୍ୟଧର୍ମର କି ? ସେମିତିଆ ଅନୁଭବ ବି ହେଉନାହିଁ । ତେବେ କଣ ପାଇଁ କପାଳ ଖାଲି ? ପଚାରିବାକୁ ଭାବନ୍ତି ବେଳେବେଳେ ହେଲେ କଥା ହେବାକୁ ସାହସ ଯୁଟାଇ ପାରୁନାହାନ୍ତି । ଅପରିଚିତ ଲୋକ ସେ ହୁଏତ କିଛି ଖରାପ ଭାବିବେ ସୋମା । ସେ ତାଙ୍କୁ ପିଛା କରୁଛନ୍ତି ବୋଲି ସେ ଭାବିଲେ କଥା ସରିଲା । ପୁଲିସରେ କମ୍ପ୍ଲେନ୍ ମଧ୍ୟ କରିଦେଇେ ପାରନ୍ତି । ପୁଣି ପ୍ରକୃତିସ୍ଥ ହୁଅନ୍ତି ସେ ।

ନିଜ ପରିବାର ସଦସ୍ୟମାନଙ୍କ ଚିତ୍ର ଆଖି ଆଗରେ ନାଚି ଉଠେ ତାଙ୍କର । ସରକାରୀ ଚାକିରୀ ସହିତ ବାପା, ମା, ସୁନ୍ଦରୀ ପତ୍ନୀ ଓ ପାଞ୍ଚବର୍ଷର ପୁଅକୁ ନେଇ ତାଙ୍କର ଭରା ସଂସାର ହସଖୁସିରେ ଚାଲିଛି । ଏସବୁରେ ଭଙ୍ଗା ପଡ଼ିଯିବ ଟିକିଏ ଅସାବଧାନତାରେ । ତା ଛଡ଼ା ସେ ସୋମାଙ୍କ ଠାରେ ତ କେବଳ ନିବିଡ଼ତା ଦେଖୁଛନ୍ତି କିନ୍ତୁ କାମନାସକ୍ତ ନୁହଁନ୍ତି । ସବୁ ନିବିଡ଼ ସମ୍ପର୍କୟ ତ କାମନାଯୁକ୍ତ ନୁହଁ । ପରିବାର ସହିତ ଏ ବିଶାଳ ଦୁନିଆରେ ଏମିତି ଅନେକ ଉଦାହରଣ ରହିଛି । ଏମିତିକିଛି ମାନେ ନାହିଁ ଯେ ବିବାହିତ ପୁରୁଷମାନେ ଅନ୍ୟ ମହିଳାମାନଙ୍କୁ ଦେଖିବେ ନାହିଁ କି ତାଙ୍କର ପ୍ରଶଂସା କରିବେ ନାହିଁ । ଅତି ନିଜର ମନେ ହେଉଥିବା ସମ୍ପର୍କକୁ ମଧ୍ୟ ବିଭିନ୍ନ ପ୍ରକାରର । ସବୁ ଭଲ ଲାଗୁଥିବା ମହିଳା ପତ୍ନୀ ହୋଇନଥାନ୍ତି । ମା, ମାଉସୀ, ଭଉଣୀ ଆଦି ଅନେକ ସମ୍ପର୍କ ଏମିତି ଅତି ନିଜର ପୁଣି ଅତି ପବିତ୍ର । ସେଇ ପବିତ୍ର ଭାବନାରେ ଭାବନ୍ତି ଯେମିତି ସୋମାଙ୍କୁ ସେ ଅନେକ ଆଗରୁ ଜାଣିଛନ୍ତି କିନ୍ତୁ ମପେକାଇ ପାରୁନାହାନ୍ତି ସାକ୍ଷାତ କେବେ ଓ କେଉଁଠି ହୋଇଥିଲା । ଏହା ଭିତରେ ବସ ପହଞ୍ଚିଯାଏ ବାଦାମବାଡ଼ିରେ ଓ ସେ ଓହ୍ଲାଇ ନିଜ ଅଫିସ ଅଭିମୁଖେ ଚାଲିଯାଆନ୍ତି ।

ବାଦାମବାଡ଼ି ସରକାରୀ ବସଷ୍ଟାଣ୍ଡର ଉପରମହଲାରେ ତାଙ୍କ ଅଫିସ । କାମ ବେଶୀ ନଥାଏ ହେଲେ କମ ବି ନୁହଁ । ତଥାପି ତାହାରି ଭିତରେ ସମୟ ପାଇଲେ ସେ ବେଳବେଳେ ଭାବିଚାଲନ୍ତି

ସୋମାଙ୍କ ସମ୍ପର୍କରେ । କାହିଁକି ଯେ ସେ ବାରମ୍ବାର ମାନସ ପଟକୁ ଆସନି୍ ତାର କାରଣ ସୁବାସ ଖୋଜି ପାଇ ନାହାନ୍ତି । ଏମିତି ଦିନେ ଅଫିସରେ ଭାବୁଭାବୁ ଛାଇ ନିଦ କେତେବେଳେ ଆସିଯାଇଛି ସେ ଜାଣିପାରି ନାହାନ୍ତି । ସ୍ୱପ୍ନରେ ସେ ଚାଲିଯାଇଛନ୍ତି ଲେଡ଼ିଜ କର୍ଣ୍ଣର ଓ ବାଛି ଚାଲିଛନ୍ତି ଟିକିଲି ସବୁ । ହେଲେ ମନପସନ୍ଦିଆ ମିଳୁନି । ଦୋକାନ ପରେ ଦୋକାନ ସେ ବୁଲିବା ବେଳକୁ ଚପରାସୀ ମଙ୍ଗୁର ସାର୍ ଡାକରେ ପ୍ରକୃତିସ୍ଥ ହେଲେ ।

ଡ୍ରେସିଂ ଟେବୁଲରୁ ମୁହଁ ଫେରାଇ ସେ ନିଜ ଲକ୍ଷରେ ଆଗେଇଲେ । ତାଙ୍କ ବେଶଭୂଷା ଦେଖି୍ ସେଲସଗର୍ଲ ମାନ୍ୟତା ସହିତ କଣ ଦରକାର ପଚାରି ବୁଝିଲା । ସୁବାସଙ୍କ କଥା ଅନୁସାରେ ଦେଖାଇ ଚାଲିଲା ଲେଟେଷ୍ଟ ଟ୍ରେଣ୍ଡର ଟିକିଲି ସବୁ । ମେରୁନ ବେସ୍ ଉପରେ ଆମେରିକାନ୍ ଡାଇମଣ୍ଡ ଷ୍ଟୋନ୍ ଦିଆ ଟିକିଲି ସେ ବାଛି ଆଣିଲେ ସୋମାଙ୍କୁ ଉପହାର ଦେବା ଆଗ୍ରହରେ ।

ଟିକିଲି କିଣା ସରିଗଲା ହେଲେ ଏବେ ଅସଲ ପରୀକ୍ଷାର ସମୟ । କେମିତି ଓ କେଉଁଠାରେ ତାହା ସେ ସୋମାଙ୍କୁ ଦେବେ ସେ ନେଇ ଚିନ୍ତିତ ହୋଇପଡ଼ିଲେ ସୁବାସ । ମନକଥା ମନରେ ସେମିତି ଅଛି କେହି ଜାଣନ୍ତିନି । ରାତିରେ ଶୋଇବାବେଳକୁ ଭାବିଲେ ଟିକିଲି ଗୁଡ଼ିକ ସାଙ୍ଗରେ ନେଇ ଅଫିସ ଯିବେ ଆଉ ବସରେ ସୁବିଧା ପାଇ କୌଣସି ବାହାନାରେ ସୋମାଙ୍କୁ ଏକୁଟିଆ ଦେଖି୍ ଦେଇଦେବେ । ବସରେ ତ ଅଳ୍ପ ପାସେଞ୍ଜର ଥାଆନ୍ତି ତେଣୁ ଅସୁବିଧା ହୋଇନପାରେ ।

ପରଦିନ ସକାଳୁ ଜଲଦି ଜଲଦି ନିତ୍ୟକର୍ମ ସାରି ସେ ବସ ଷ୍ଟପ ଅଭିମୁଖୀ ହେଲେ । ଠିକଣା ସମୟରେ ପହଞ୍ଚି ଅଠାର ନମ୍ବର ବସ ଗଡ଼ିଚାଲିଲା ନନ୍ଦନକାନନ ରାସ୍ତାରେ । କିଟ ଛକରେ ପାସେଞ୍ଜର ସବୁ ଓହ୍ଲାଇବା ପରେ ଉଠିଲେ ସୋମା । ସବୁଦିନ ପରି ଅଧାରୁ ଅଧିକ ଖାଲି ପଡ଼ିଥିବା ବସର ସେମିତି କଣିକିଆ ଲେଡ଼ିଜ ସିଟ ଦେଖି୍ ବସିପଡ଼ିଲେ ସେ ।

ହେଲେ ଏ କଣ ଦେଖୁଛନ୍ତି ସୁବାସ । ସୋମାଙ୍କ ମଥାରେ ତ ଆଜି ଟିକିଲି ଝଲସୁଛି । ଆଗ୍ରହରେ ଚାହିଁ ରହିଲେ ସୁବାସ । ଟିକିଲିକୁ ଟିକିଏ ଦୂରରୁ ନଜର କଲେ ତାହା ତ ଅବିକଳ ସେପରି ଟିକିଲି ଯେପରି ଦୋକାନ ପରେ ଦୋକାନ ବୁଲି ସୁବାସ ନିଜେ କିଣି ଆଣିଛନ୍ତି ଅବଶ୍ୟ ବେସ୍ ଅଲଗା ରଙ୍ଗର । ସେ ଟିକିଲି ଲଗାଇ ସୋମା ଆଜି ଅତି ଆକର୍ଷଣୀୟ ଦିଶୁଛନ୍ତି ସୁବାସଙ୍କ ନଜରରେ । ନିଜେ କିଣିଥିବା ଟିକିଲି ସାର୍ଟ ପକେଟରେ ରଖି୍ ସେ ସୋମାଙ୍କ ସାମନା ସିଟରେ ବସିବାକୁ ଉଦ୍ୟତ ହେଲେ ପାଖରୁ ଟିକିଲ ଭଲକରି ଦେଖି୍ନେବାକୁ । କଣ୍ଡକ୍ଟରକୁ ବସଭଡ଼ା ଦେବାପାଇଁ ନିଜ ପର୍ସରୁ ଟଙ୍କା କାଢ଼ିବାବେଳେ ଖୁଚୁରା ପଇସା ଗୋଟିଏ ତଳେ ପଡ଼ିଗଲା ସୋମାଙ୍କର । ସୁବାସ ନଇଁପଡ଼ି ସେ ପଇସା ଉଠାଇ ବଢ଼ାଇଦେଲେ ତାଙ୍କୁ । ଔପଚାରିକ ଢଙ୍ଗରେ ସୋମା ଅଳ୍ପ ହସି ଧନ୍ୟବାଦ ଦେଲେ ତାଙ୍କୁ । ବାସ୍ ସେତିକି କଥାରେ ପ୍ରଫୁଲ୍ଲିତ ହେଲେ ସୁବାସ ।

ସମ୍ବିତ୍ ଫେରି ପାଇଲା ବେଳକୁ ଟିକିଲିଭରା ମୁହଁରେ ସୋମାନଙ୍କୁ ଦେଖି୍ ସୁବାସ ଭାରି ଖୁସି ଅନୁଭବ କଲେ ସତ ହେଲେ ନିଜ କିଣି ଆଣିଥିବା ଟିକିଲି ଆଉ ତାଙ୍କୁ ଦେଇପାରିଲେ ନାହିଁ । ଦେବାର ଆବଶ୍ୟକତା ବି ନାହିଁ । କିଣି ସାରିଥିବା ଟିକିଲି ସେମିତି ସବୁଦିନ ପାଇଁ ରହିଗଲା ତାଙ୍କ ପାଖରେ ଏକ ସ୍ମୃତି ହୋଇ ।

ଜୟଦେବବିହାର, ଭୁବନେଶ୍ୱର । ଓ

# ବେତାବ୍ ବେଜାନ୍ ବେନାମ୍

- ଲିପ୍‌ସା ପଟେଲ

ପାହାଡ଼ତଳିଆ ଗାଁ ସର୍ଗିଜୋର୍ । ଗାଁରେ ଅନେକ ଲୋକ ପାଠଶାଠ, ବହିପତ୍ରରୁ ବହୁତ ଦୂରରେ । ସେଇ ଭିତରେ ବିଜାରୁ ଯାହା ବି ଅକ୍ଷର ଶିଖିଥିଲା କେଉଁ ବିଦେଶୀ ବେସରକାରୀ ସଂସ୍ଥାର ଦୟାରୁ । ତା ବି ସଫଳ ହୋଇପାରିଲାନି । ଆଖପାଖ ଅଞ୍ଚଳରେ ସେମାନଙ୍କ ଧର୍ମାନ୍ତରିକରଣ ସଂସ୍ଥା କହି ବିରୋଧ କଲେ, ଏପରିକି ମାରପିଟ୍ ବି କରିବାକୁ ରାତାରାତି ସେମାନେ ଗାଁ ଛାଡ଼ି ଚାଲିଗଲେ । ବିଜାରୁର ଦ୍ୱିତୀୟ ଶ୍ରେଣୀର ପାଠ ଆଉ ପୂରା ହୋଇପାରିଲାନି । ମା, ବାପା ତ ତା'ର କେବେଠୁ ହଇଜାରେ ମଲେଣି । ସେ ରୋଗର ନାଁ ବି ଗାଁଲୋକ ତୁଣ୍ଡରେ ଧରନ୍ତିନି । ଏବେ ତା'ର ଅନ୍ଧୁଣୀ ଜେଜେମା ମାଗିଯାଚି ଯାହା ତାର ପେଟକୁ ଯୋଗାଏ । ବୟସାଧିକ୍ୟ ଯୋଗୁଁ ବିଜାରୁ ଏବେ ତାର ଆଶ୍ରା ସାଜିଛି । ଏଇ ଗାଁରେ ପଥର ଫଟାଇବା ହିଁ ଅନେକଙ୍କର ପ୍ରଧାନ କାର୍ଯ୍ୟ । ଡିନାମାଇଟ୍ ଶବ୍ଦ ତ ସେମାନଙ୍କ ଦିନଚର୍ଯ୍ୟାର ପରିସରଭୁକ୍ତ । ଏହା ଏଇ ଗାଁ ଓ ପାହାଡ଼ ଆରପଟ ଗାଁ ଲୋକଙ୍କର ମଧ୍ୟ ରୋଜଗାରର ପନ୍ଥା । ଦିନରାତି ଡିନାମାଇଟ ଶବ୍ଦରେ ଆଉ ଭୟାତୁର ହେଉନାହାନ୍ତି ଗାଁଲୋକ ।

ଏଇ ପାହାଡ଼କୁ ଭାଙ୍ଗି କେତେଲୋକ ଅଣ୍ଟିରେ ଧନ ଭର୍ତ୍ତି କଲେ ସୁଦ୍ଧା ସର୍ଗିଜୋର୍ ଗାଁର କୌଣସି ଆଖିଦୃଶିଆ ଉନ୍ନତି ହୋଇପାରିନାହିଁ । ଯୁବପୀଢ଼ି ବିଶ୍ୱାସ ରଖନ୍ତି ଏଇ ପାହାଡ଼ ଭାଙ୍ଗିଲେ ସବୁ ଉନ୍ନତିର ବାଟ ଫିଟିଯିବ । କିନ୍ତୁ ପୁରୁଖା ଲୋକ ଏଇ ପାହାଡ଼କୁ ଡଙ୍ଗର ରଜା କହି ଏବେ ବି ପୂଜା କରନ୍ତି, କୁକୁଡ଼ା ବଳି ଦିଅନ୍ତି । ଭୋଗରାଗ ଯାଚନ୍ତି । ଯେଉଁ ସଂସ୍ଥାର ଲୋକ ଏଇ ପାହାଡ଼ ଭଙ୍ଗା ଠିକା କାମ ନେଇଛନ୍ତି ତାଙ୍କ ଶ୍ରମିକଙ୍କ ପାଇଁ ସେମାନେ ଏଇ ଗାଁ ଉପକଣ୍ଠରେ ଛୋଟ ଛୋଟ ଟିଣ କ୍ୟାବିନ ଆଉ କିଛି ତମ୍ବୁ ଟାଣି ଦେଇଛନ୍ତି । ସବୁବେଳେ ନିଜ ଆବଶ୍ୟକୀୟ ସାମଗ୍ରୀ ପାଇଁ ଗାଁ ଭିତରକୁ ଆସିଯାଇ ସେମାନେ ଗାଁ ପିଲାଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ । ଏଇ କ୍ରମରେ ବିଜାରୁ ବି ଅନ୍ୟ ସାଙ୍ଗମାନଙ୍କ ସହ ସେମାନଙ୍କ କ୍ୟାମ୍ପକୁ ଯାଏ । ସେମାନଙ୍କ ସହ କେବେ ଜଳଖିଆ ଖାଉଥିଲା ତ କେବେ ସିନେମା ଦେଖୁଥିଲା ।

ସିନେମା ଦେଖି ବିଜାରୁ ଏତେ ମାତ୍ରାରେ ପ୍ରଭାବିତ ହୁଏ ଯେ ସବୁବେଳେ ଅନ୍ଧୁଣୀ ଜେଜେମାକୁ ସେସବୁ କଥା କହି କହି ନୟାନ୍ତ କରିଦିଏ । ହିନ୍ଦୀ ସିନେମା ଦେଖି ଦେଖି ସେ ଖଣ୍ଡି ହିନ୍ଦୀ କହିବା ବି ଶିଖି ସାରିଥିଲା । କ୍ୟାମ୍ପର ଅଣଓଡ଼ିଆ ଲୋକଙ୍କ ସହ ସେ ସେଇ ଦରଖଣ୍ଡିଆ ଭାଷାରେ କଥାବାର୍ତ୍ତା କରି କାମ ଚଳେଇ ଦିଏ । ଥରେ ବେତାବ୍ ହିନ୍ଦୀ ସିନେମା ଦେଖି ବିଜାରୁ ଦିନରାତି ଘୋଡ଼ା ପାଳିବା ଚିନ୍ତା କଲା । ବୁଢ଼ୀ ଯେତେ ବୁଝାସୁଝା କଲେ ବି ଶୁଣିଲାନି । ଯେତେଥର ଛୁଟିଦିନମାନଙ୍କରେ କ୍ୟାମ୍ପକୁ ଯାଏ ସେ ରମେଶ ନାମକ ବିହାରୀ ଯୁବକକୁ ସେଇ ବେତାବ୍ ସିନେମାର କ୍ୟାସେଟ ଚଲାଇବାକୁ କହେ । ସେଇ ସିନେମା ଗୀତକୁ ଗୁଣୁଗୁଣାଏ । ଘୋଡ଼ା ଚଢ଼ିବା ନିଶା ତା'ର ଦିନକୁ ଦିନ ବଢୁଥାଏ ।

ବିଜାରୁର ରଙ୍ଗଢ଼ଙ୍ଗକୁ ଦେଖି ବୁଢ଼ୀ ମଧ୍ୟ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା । ଦିନେ ଯଥାସାଧ୍ୟ କଷ୍ଟ କରି ଗାଁର ପିଲାଟିଏର ସହାୟତାରେ ବୁଢ଼ୀ କ୍ୟାମ୍ପକୁ ଗଲା ଓ ରମେଶ ସହ କଥାବାର୍ତ୍ତା କଲା । କେମିତି ବିଜାରୁକୁ ଏଇ ପାଗଳାମୀରୁ ମୁକୁଳେଇବେ ସେମାନେ ସେଇ ଚିନ୍ତା କରୁଥିଲେ । କାମ ପରିଦର୍ଶନ କରିବାକୁ ବଡ଼ ସହରରୁ କିଏ ଆସିବେ ବୋଲି ଗାଁସାରା ଖବର ପହଞ୍ଚି ସାରିଥିଲା । ଏଇଠି ସେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଇବେ ବୋଲି ମ୍ୟାନେଜର ବି କହୁଥିଲା । ତାଙ୍କ ଆସିବା ବାଟକୁ କର୍ମଚାରୀଙ୍କ ଅପେକ୍ଷା ଗାଁଲୋକ ଅଧିକ ଆତୁରତାର ସହିତ ଜଗି ବସିଥିଲେ । ରମେଶଠାରୁ ବିଜାରୁ ଶୁଣିଥିଲା ବଡ଼ ବଡ଼ ସହରୀ ବାବୁ ଆଜ୍ଞାମାନେ ବେମଜାନରେ ଆସନ୍ତି । ସେଇ ବେମଜାନକୁ ଦେଖିବାର ଜିଜ୍ଞାସା ମଧ୍ୟ ଗାଁରେ ମହାମାରୀଠାରୁ ଆହୁରି ପ୍ରବଳତର ଥିଲା ।

ବେତାବ ସିନେମା ନିଶାକୁ ଉତାରିବାର ଉପାୟ ରମେଶ ପାଇଗଲା । ସେ ଦିନରାତି ବିଜାରୁ ଓ ତାର ସାଙ୍ଗମାନଙ୍କୁ ସେଇ ବେଜାନ୍ କଥା ହିଁ କହେ । ଏବେ ଆଉ ସିନେମା ଚର୍ଚ୍ଚା ସେମାନଙ୍କ ଭିତରେ ହେଉନଥିଲା । ତା ବଦଳରେ ବେମଜାନ୍ ହିଁ ଆଲୋଚ୍ୟ ବିଷୟବସ୍ତୁ ହୋଇସାରିଥିଲା । ବେମଜାନ୍ କେମିତି ଦେଖାଯାଏ, ପବନରେ କେମିତି ଉଡ଼େ, ତାକୁ କିଏ ଚଲାଏ..ଏମିତି ଅନେକ କଥା ଭିତରେ ସେମାନେ ଖିଆପିଆ ଭୁଲିଯାଉଥିଲେ । ଜେଜେମା ଖୁସି ଥିଲା, ଯାହେଉ ବିଜାରୁର ମୁଣ୍ଡରୁ ଘୋଡ଼ା ପାଳିବା ଭୂତଟା ଉତୁରିଗଲା ।

ଦିନେ ଖରାବେଳେ ଏକ ଅଜଣା ଗର୍ଜନରେ ସମସ୍ତଙ୍କ କାନମୁଣ୍ଡା ଭାଁ ଭାଁ କଲା । ଡିନାମାଇଟ ଶବ୍ଦରେ ଅଭ୍ୟସ୍ତ କାନସବୁରେ ଅନ୍ୟ କିଛି ଶବ୍ଦ ଶୁଭିଲାରୁ ସମସ୍ତେ କାମଧନ୍ଦା ଛାଡ଼ି ଗାଁ ଦାଣ୍ଡକୁ ଧାଇଁଲେ । କିଛି ଗୋଟାଏ ଯନ୍ତ୍ର ଘୂରିବୁଲୁଥିଲା ତାଙ୍କ ଗାଁ ଉପରେ । କଙ୍କି ପରି ନୁହେଁ ଚଢ଼େଇ ପରି ନୁହେଁ, ପ୍ରଜାପତି ପରି ନୁହେଁ । ତେବେ ଇଏ କ'ଣ ? ଅନେକ ସମୟ ଆକାଶରେ ଘୂରିଲା ପରେ ଯନ୍ତ୍ରଟି କ୍ୟାମ୍ପ ପାଖ ସମତଳ ଜମିରେ ଓହ୍ଲାଇଲା । ବିଜାରୁ ଯାହା ଯେତିକି ରମେଶଠାରୁ ଶୁଣିଥିଲା ସେହି ଅନୁମାନରେ ଚିଲ୍ଲାଇଲା.....ବେମଜାନ୍ ବେମଜାନ୍ । ତା ପଛକୁ ପଛ ଗାଁ ପିଲାଏ ପାଳିଆ ଧରିଲେ...ବେଜାନ୍ ବେଜାନ୍ । ସମସ୍ତେ ଧାଇଁଲେ କ୍ୟାମ୍ପ ପଟେ । କିଛି ସଭା ସମିତିର ଆୟୋଜନ ପାଇଁ ବାଉଁଶ ବନ୍ଧା ଚାଲିଥିଲା ତ ତେବେ ଏଇ ବେମଜାନ୍ ପାଇଁ ଏତେସବୁ ଆୟୋଜନ ? ବିଜାରୁ ମନେ ମନେ ଆଶ୍ଚର୍ଯ୍ୟ ହେଲା । ରମେଶ ତ କହିଥିଲା, ବଡ଼ ବଡ଼ ସହରୀ ବାବୁମାନେ ଏମିତି ବେମଜାନରେ କାମ ଦେଖିବାକୁ

ଆସିବେ । ପାଖରୁ ଟିକିଏ ବେମଜାନକୁ ଛୁଇଁବାର ଇଚ୍ଛା ଯଦିଓ ତାର ଥିଲା ତଥାପି ସୁରକ୍ଷାକର୍ମୀମାନେ ସେମାନଙ୍କୁ ଅଟକାଇ ଦେଲେ ।

ସେଦିନ ଯେଉଁ ସଭା ଆୟୋଜନ ହୋଇଥିଲା ସେଇଠି କିଛି ବଡ଼ବଡ଼ ବାବୁମାନେ କହିଲେ ଏଇଠି ବେମଜାନ୍ କାରଖାନା ହେବ । ଏମିତି ହଜାର ହଜାର ବେମଜାନ୍ ଏଇଠି ତିଆରି ହେବ । ତାଙ୍କ ଗାଁଲୋକ ପଥର ଫଟାଇବାଠାରୁ ବହୁଗୁଣରେ ରୋଜଗାର କରିପାରିବେ । ସମସ୍ତଙ୍କୁ ମୁହଁରେ ଆଶାର କିରଣ ଝଲସୁଥିଲା । ବିଜାରୁ ମନରେ କେବଳ ଗୋଟିଏ ଆଶା, ଏଇଠି ବେମଜାନ୍ କାରଖାନା ହେଲେ କେବେ ନା କେବେ ସେମାନଙ୍କୁ ଏ ବେମଜାନରେ ବସିବାର ସୁଯୋଗ ମିଳିବ । ନିର୍ଜୀବ ଯନ୍ତ୍ରକୁ ଦେଖି ସାରିଲା ପରେ ସେ ସବୁକଥା ତାର ଅନ୍ଧୁଣୀ ଜେଜେମାକୁ ବର୍ଣ୍ଣନା କରୁଥିଲା । ବୁଢ଼ୀ ମନରେ ପୁରି ଭୟ ବସା ବାନ୍ଧିଲା । ତାକୁ ଛାଡ଼ି ଏଇ ବେମଜାନରେ ତା ବିଜାରୁ ଚାଲିଯିବନି ତ ?

ବେମଜାନ୍ ଅପଭ୍ରଂଶ ହୋଇ ଗାଁଟାସାରା ତୁଣ୍ଡରେ ବେଜାନ୍ ହୋଇ ଉଚ୍ଚାରିତ ହେଉଥିଲା । ଗାଁ ସାରା ଲୋକ କହୁଥିଲେ ଏଇଠି ବେଜାନ୍ କାରଖାନା ହେବ । ସମସ୍ତଙ୍କ ଜୀବନ ସୁଧୁରିଯିବ । କାରଖାନା ତିଆରି କାର୍ଯ୍ୟରେ ସମସ୍ତେ ଶ୍ରମଦାନ କଲେ । ପୁରୁଖା ଲୋକ କିନ୍ତୁ ଆଗଭଳି କହୁଥିଲେ ଏଇ ବେଜାନ୍ କାରଖାନା ତୁମ ସମସ୍ତଙ୍କୁ ବୁଡ଼େଇ ଦେବ । ଲୋକଙ୍କ ଆଗ୍ରହ ଦେଖି ମ୍ୟାନେଜର ବି ଭଲ ଠକି ଚାଲିଥିଲା । ଏବେ ଯେଉଁମାନେ ବେଶୀ ପରିଶ୍ରମ କରୁଛନ୍ତି କାରଖାନା ଆରମ୍ଭ ହେଲେ ସେମାନଙ୍କୁ ପ୍ରଥମେ ଚାକିରି ମିଳିବ ଓ ଅଧିକ ଦରମା ମିଳିବ ବୋଲି ଫୁସୁଲାଉଥିଲା । ତାଙ୍କ ମଜୁରୀରୁ କାଟି ନିଜ ପକେଟ ଭର୍ତ୍ତି କରୁଥିଲା । କିଛି ଲୋକ ତା କଥା ମଧ୍ୟ ଶୁଣୁଥିଲେ । ଏଇ ଭିତରେ ବିତିସାରିଥିଲା ତିନି ବର୍ଷ । ବିଜାରୁକୁ ଏବେ ଏଗାର ବର୍ଷ ବୟସ । ଜେଜେମା ଆଉ କାମକୁ ପାରୁନି । ଏଇ କ୍ୟାମ୍ପରୁ ହିଁ ବିଜାରୁ କିଛି କିଛି ମାଗିନିଏ ତା ପାଇଁ ଓ ଜେଜେମା ପାଇଁ । ରମେଶ ସହରକୁ ଗଲେ ତା ପାଇଁ ସାର୍ଟ ପ୍ୟାଣ୍ଟ ବି ଆଣିଦିଏ ।

ସମସ୍ତଙ୍କ ଆଶା ପୁଞ୍ଜି ଏବେ କେବଳ ଏଇ ବେଜାନ୍ କାରଖାନା । ଦିନରାତି କାମ ଜାରି ରଖି କାରଖାନା ସ୍ଥାପନା ହୋଇସାରିଥିଲା । ପୁଣି ଆସିବେ ସହରୀବାବୁ ଆଜ୍ଞାମାନେ ବେମଜାନରେ । ଗାଁରେ ଭୋଜିଭାତ ହେବ । ହସର ଲହରୀ ଖେଳିବ । ଏଇ ଉଲ୍ଲାସରେ ସ୍କୁଲରେ ପାଠ ପଢ଼ିବେ । ଏମିତି ସ୍ୱପ୍ନସବୁ ଭାସୁଥିଲା ଗାଁସାରା । କମ୍ପାନୀ ପ୍ରତିଷ୍ଠା ପୂଜାର ଦିନ ଧାର୍ଯ୍ୟ ହେଲା । ଗାଁର ପୁରୁଖା ଲୋକମାନେ କିନ୍ତୁ ଏଇ ପାପର ଭାଗୀଦାର ହେବୁନି କହି କାରଖାନା ପୂଜା ପାଇଁ ଗଲେନି । ବାକି ଗାଁଟା ଉଠିଯାଇଥିଲା କାରଖାନା ପରିସରକୁ । ମନଖୁସି ଖିଆପିଆ ସରିଲା ।

ସେପଟେ ପ୍ରତିଷ୍ଠା ପୂଜାପରେ କମ୍ପାନୀ ଅଧିକାରୀମାନେ ଯାନ୍ତ୍ରିକ ବିଭାଗ ପଟେ ଗଲେ । ହଠାତ୍ ଏକ ବଡ଼ଧରଣର ବିସ୍ଫୋରଣରେ ସର୍ଗିଜୋର ଗାଁର ଅସ୍ତିତ୍ୱ ହଜିଗଲା । ଆଉ ନଥିଲା କ୍ୟାମ୍ପ, କାରଖାନା ବିଜାରୁ, ରମେଶ, ଜେଜେମା । କାହାର ଚିହ୍ନବର୍ଣ୍ଣ ନଥିଲା । କେବେଳ କିଛିଦିନ ପାଇଁ ଖବରଟିଏ ହୋଇ ଆସିଲା ସର୍ଗିଜୋର୍ । ତା'ପରେ ସର୍ଗିଜୋର୍ ହୋଇଗଲା ବେନାମ୍ ।

ଭବାନୀପାଟଣା ।

# ରାକ୍ଷୀ

- ମନୋରମା ସାହୁ

ତାଙ୍କ ଘର ଆଗପଟ ରାସ୍ତାରେ ହିଁ ଝିଅଟା ସବୁବେଳେ ଯାଏ । ବେଶୀ ଗୋରା ନହେଲେ ବି ଶ୍ୟାମଳ ରଙ୍ଗର ଗଢ଼ଣଟି ବେଶ୍ ଚମତ୍କାର । ଗୋଟାଏ ଲମ୍ବା କଳା ବେଣୀ ପଛପଟେ ଝୁଲୁଥାଏ ।

ସବୁବେଳେ ସେ ସାଲୱାର କମିଜ୍ ପିନ୍ଧେ । କେତେବେଳେ ନୀଳ ରଙ୍ଗର ଓ କେତେବେଳେ ଈଷତ୍ ଗୋଲାପି ରଙ୍ଗର ପୁଣି କେତେବେଳେ ହଳଦିଆ ରଙ୍ଗର । ଦିନରେ ଦୁଇ ତିନିଥର ତା ସାଙ୍ଗରେ ନିଶ୍ଚୟ ଦେଖାହୁଏ । କେତେବେଳେ କାନ୍ଧରେ ଭ୍ୟାନିଟ୍ ଗଳେଇ ହାତରେ ମେଞ୍ଚାଏ ବହି ଧରି ତରତରରେ କଲେଜ ଯାଉଥାଏ ତ କେତେବେଳେ ସାଇକେଲରେ ବ୍ୟାଗଟିଏ ଓହଳେଇ ମାର୍କେଟିଂ ଯାଉଥାଏ ପୁଣି କେତେବେଳେ ଦୁଇ ତିନିଜଣ ସାଙ୍ଗଙ୍କୁ ଧରି ସନ୍ଧ୍ୟାରେ ବୁଲିବାକୁ ଯାଏ ।

ସେ ଯେତେବେଳେ ଯେଉଁ ଭାବରେ ଗଲେବି ବିଜନ ଆଖିରୁ ବାଦ ପଡ଼େନି । ସେ କେତେବେଳେ ଛାତ ଉପର ଚେୟାରରେ ବସି ପେପର ପଢୁଥାଏ ତ କେତେବେଳେ ଗେଟ ପାଖରେ ଠିଆହୋଇ ରାସ୍ତାକୁ ଚାହିଁଥାଏ ।

ଧୀରେଧୀରେ ଝିଅଟି ପ୍ରତି ଏକ ଅଜଣା ଆକର୍ଷଣ ବଢ଼ି ଚାଲିଲା ବିଜନର । ଝିଅଟିକୁ ଦେଖିବା ତା'ର ଏକ ନିତିଦିନିଆ ଅଭ୍ୟାସରେ ପଡ଼ିଗଲା । ତାର ଆସିବା ଯିବା ଟାଇମକୁ ନିଜ ଡାଏରିରେ ଟିପି ରଖିଲା ବିଜନ । ତାକୁ ଦେଖିବାରେ ସେ ଏମିତି ଅଭ୍ୟସ୍ତ ହୋଇଯାଇଥିଲା ଯେ ନିର୍ଦ୍ଦିଷ୍ଟ ସମୟରୁ ଟିକେ ଏପଟ ସେପଟ ହେଲେ ସେ ବ୍ୟସ୍ତ ହୋଇ ଉଠୁଥିଲା ।

ଝିଅଟି ସେହି ରାସ୍ତା ଦେଇ ଗଲାବେଳେ ତାଙ୍କ ଘରଆଡ଼େ କେବେ କେମିତି ଦୃଷ୍ଟିପକେଇ ଦେଲେ ବିଜନ ଭାବେ ସେ ଯେମିତି ତାକୁ ହିଁ ଚାହିଁଛି । ସେ ଦିନଟା ଯାକ ସେ ବେଶ୍ ଖୁସିଖୁସି ଜଣାପଡ଼େ । ତାକୁ ଲାଗେ ତା'ର ଜନ୍ମ ଯେମିତି ସାର୍ଥକ ହୋଇଗଲା । ତା'ର ନାଁ ଟା କ'ଣ ହୋଇଥିବ ଭାବୁଭାବୁ ଥରେ ସାହସ କରି ପଚାରିଦେଲା ବିଜନ ।

ଭ୍ରୂକୁଞ୍ଚନ କରି ଝିଅଟି ଓଲଟା ପଚାରିଲା ଆପଣଙ୍କର ଜାଣିବା କଣ ଦରକାର ?

ବିଜନ ହସିହସି କହିଲା ନାଇଁ ଏଇ ରାସ୍ତାରେ ସବୁବେଳେ ଯାଉଛନ୍ତି ତ ?

ଝିଅଟି ସିଧା ବିଜନ ମୁହଁକୁ ଚାହିଁଲା ଓ କହିଲା ତ କଣ ହେଇଗଲା ସେଥୁ ? ରାସ୍ତାଟା କଣ ଆପଣଙ୍କର ?

ବିଜନ ଏଥର ଥତମତ ହୋଇ କହିଲା ନା ନା କିଛି ମାଇଣ୍ଡ କରିବେନି । ଆକ୍‌ଚୁଆଲି ମୁଁ ଆପଣଙ୍କୁ କଣ ଗୋଟେ ପଚାରିବି ଭାବୁଥିଲି ତ । ସେଥିପାଇଁ ସିଧା ମୋ ନାଁଟା ପଚାରିଦେଲ । ଭେରି ନାଇସ୍ । ଠିକ୍ ଅଛି, ମୋ ନାଁ ରାକ୍ଷୀ ।

ବିଜନ ଆଶ୍ଚର୍ଯ୍ୟ ହୋଇଗଲା । ତା ମୁହଁରୁ ବାହାରି ପଡ଼ିଲା ହାଓ ଷ୍ଟ୍ରେଞ୍ଜ୍ ! ବିଜନର ଏମିତି ଭାବ ଦେଖି ଝିଅଟି ପଚାରିଲା ମୋ ନାଁ ରେ ତ ସେମିତି ଆଶ୍ଚର୍ଯ୍ୟ ହେଲା ଭଳି କିଛି ନାହିଁ । ବିଜନ ହସିହସି କହିଲା ତାହା ଆପଣ ବୁଝି ପାରିବେନି । ଝିଅଟି ବିଡ଼୍ ବିଡ଼୍ କରି କହିଲା ପାଗଳ । ତା ପରେ ଏଡ଼େ ଏଡ଼େ ଆଖି କରି ବିଜନ ଆଡ଼େ ଚାହିଁଲା ଓ ଚାଲିଗଲା ।

ବିଜନ ଯେବେବି ସୁଯୋଗ ପାଏ ରାକ୍ଷୀ ସହିତ କଥା ହେବାକୁ ବ୍ୟାକୁଳ ହୋଇପଡ଼େ । କିନ୍ତୁ ବିଜନକୁ ଦେଖୁଦେଖୁ ସେ ଜୋରରେ ସାଇକେଲରେ ପେଡାଲ ମାରେ ନଚେତ ଚାଲିଚାଲି ଯାଉଥିଲେ ଏକପ୍ରକାର ଦୌଡ଼େ ।

ତଥାପି ବିଜନ ନିରାଶ ହୁଏନି । ସେ ଭାବେ ରାକ୍ଷୀ ଦିନେନା ଦିନେ ତା ସହ କଥା ହେବ ଓ ସେହି ସମୟରେ ସେ ରାକ୍ଷୀକୁ ତା ମନକଥା ଖୋଲି କହିଦେବ ।

ଦିନେ ରାକ୍ଷୀ ସେହି ରାସ୍ତା ଦେଇ ଗଲାବେଳେ ବିଜନ ତାକୁ ଅଟକାଇଲା ଓ କହିଲା ଦେଖନ୍ତୁ କାଲି ଟିକେ ଭଲ ଭାବରେ ପ୍ରସ୍ତୁତ ହୋଇ ଆସିଥିବେ । ମୁଁ ଆପଣଙ୍କୁ ଗୋଟିଏ ସରପ୍ରାଇଜ୍ ଗିଫ୍ଟ ଦେବି । ରାକ୍ଷୀ ତା ଆଡ଼କୁ କେମିତି ଗୋଟେ ସନ୍ଦେହ ଦୃଷ୍ଟିରେ ଚାହିଁ ଚାହିଁ ଚାଲିଗଲା ।

ତା ପରଦିନ ରାକ୍ଷୀ ସେହିପଟେ ଆସୁଥାଏ । ସେ ଦେଖିଲା ବିଜନ ଗୋଟିଏ ଖାମ୍ ଧରି ଖୁବ୍ ଖୁସିରେ ତା ଆଡ଼େ ଆଗେଇ ଆସୁଛି । ତାର ଆଉ ବୁଝିବାକୁ ବାକି ରହିଲାନି ଯେ ଏତେଦିନର ବାଟଜଗା କଥାବାର୍ତ୍ତା ଓ ଦେଖାଦେଖି ଏଥର ଲେଖାର ରୂପ ନେଇଛି । ପ୍ରେମ ଚିଠିଟି ଧରି ତା ଆଡ଼େ ଆଗେ ଆସୁଛି ବିଜନ ।

ରାକ୍ଷୀ ରାଗରେ ଲାଲ ପଡ଼ିଗଲା । ସେ ଅନୁମାନ କରିଥିଲା ବିଜନ ନିଶ୍ଚୟ ଏମିତି କିଛି କରିବ । ସେଥିପାଇଁ ସେ ପ୍ରସ୍ତୁତ ହୋଇ ଆସିଥିଲା । ବିଜନ ଆଗେଇ ଆସି ରାକ୍ଷୀ ସାମ୍ନାରେ ଠିଆ ହେଲା । ଖାମ୍‌ଟିକୁ ରାକ୍ଷୀ ହାତକୁ ବଢ଼ାଇ ଦେଲା ବେଳକୁ ତା ମୁହଁରେ ବାଜିଲା ଏକ ଜୋରଦାର ମୁଥା । ନାକରୁ ରକ୍ତ ଝରିଗଲା । ଆଖି ଆଗରେ ଅନ୍ଧାର ଘୋଟିଗଲା ।

ଆଗରେ ଠିଆ ହୋଇଥିଲା ଯମଦୂତ ଭଳି ଜଣେ ଲୋକ । ହଇବେ ତୋର ଏଡେ ସାହସ ମୋ ଭଉଣୀକୁ ପ୍ରେମପତ୍ର ଦେଉଛୁ । ଆଜି ତୋ ମୁଣ୍ଡରୁ ମୁଁ ପ୍ରେମ ନିଶା ଛଡ଼େଇବି । ପଛପଟରୁ ବାହାରି ଆସିଲେ ଆଉ ତିନି ଜଣ ଲୋକ । ଆଉ ଲୋକଟିର ସାଙ୍ଗ ହେବେକି କ'ଣ ସମସ୍ତେ ମିଶି ମାରି ଚାଲିଲେ ବିଜନକୁ । ଭାରି ବୁଟରେ ଦଳି ମକଚି ଦେଇଗଲେ ବେକ ଠାରୁ ପାଦ ପର୍ଯ୍ୟନ୍ତ ।

ପ୍ରାୟ ଅଧଘଣ୍ଟା ପରେ ସମସ୍ତେ ହାଲିଆ ହୋଇ ନିଜ ଆୟଉକୁ ଆସିବା ବେଳକୁ ବିଜନର ରକ୍ତାକ୍ତ ଶବଟା ତଳେ

ଲୋଟୁଥିଲା । ତା ନିର୍ଜୀବ ହାତରେ ସେ ପର୍ଯ୍ୟନ୍ତ ଥିା ଖାମ୍‌ଟିକୁ ଜଣେ ଉଠାଇ ଆଣି କହିଲା ଦେଖେ ଟୋକା କେମିତିଆ ପ୍ରେମପତ୍ର ଲେଖିଛି ? ସମସ୍ତେ କୌତୂହଳୀ ହୋଇ ଝୁଙ୍କି ପଡ଼ିଲେ ଖାମ୍ ଉପରେ । ଖାମଟି ଖୋଲୁ ଖୋଲୁ ସେଥିରୁ ଖସି ପଡ଼ିଲା ଗୋଟିଏ ରାକ୍ଷୀ ଓ ଖଣ୍ଡେ କାଗଜ । ହତବାକ୍ ହୋଇ କାଗଜ ଖୋଲି ପଢ଼ିବାକୁ ଲାଗିଲେ ।

ସେଥିରେ ଲେଖାଥିଲା, ସ୍ନେହର ରାକ୍ଷୀ, ତତେ ଦେଖିଲା ଦିନୁ ମୁଁ ତତେ ମୋ ସାନ ଭଉଣୀ ବୋଲି ଭାବି ନେଇଥିଲି । ମତେ ଅନେକ ଦିନରୁ ଏକା କରି ଆରପାରିକୁ ଚାଲି ଯାଇଥିବା ମୋ ଗେହ୍ଲୀ ସାନ ଭଉଣୀ ସହିତ ତୋ ମୁହଁଟି ପୂରା ମିଶୁଥିଲା । ଭଗବାନଙ୍କୁ ଶତ ଧନବାଦ ଦେଉଥିଲି ସେ ଏତେଦିନ ପରେ ମୋ ଉପରେ ଦୟା କରିଛନ୍ତି ବୋଲି । ଲୌକିକତା ଖାତିରରେ ଆପଣ ସମ୍ବୋଧନ କରୁଥିଲେ ବି ତତେ ତୁ ଡାକିବାକୁ ମନଟା ଛଟପଟ କରେ । ଯା'ପରଠୁ ତତେ ତୁ ହିଁ କହିବି । କାରଣ ତତେ ମୁଁ ମୋ ସାନ ଭଉଣୀ ବୋଲି ମାନି ନେଇଛି । ହଁ ଦେଖ୍ ଆଜି ସିନା ତତେ ଏ ରାକ୍ଷୀଟା ମୁଁ କିଣି କରି ଦେଲି କିନ୍ତୁ, ଯା'ପରେ ଆଉ ଏମିତି ଚଳିବନି । ଏଥର ତୁ ରାକ୍ଷୀ କିଣି ମୋ ହାତରେ ବାନ୍ଧିବୁ ।

ତୋର ବଡ଼ ଭାଇ
ବିଜନ ।

ଚିଠି ପଢ଼ିସାରିଲା ବେଳକୁ ସମସ୍ତଙ୍କ ଆଖିରେ ଲୁହ ଆସି ଯାଇଥିଲା । ତଳକୁ ମୁହଁ ପୋତି ଠିଆ ହୋଇଥିଲେ ସେମାନେ । ଅଳ୍ପ ଦୂରରେ ଠିଆ ହୋଇ ଏ ସବୁକୁ ଦେଖୁଥିବା ରାକ୍ଷୀ ଆଗେଇ ଆସିଲା । କାହାକୁ କିଛି ନପଚାରି ଚିଠିଟିକୁ ନେଇ ପଢ଼ିବାକୁ ଲାଗିଲା । ପଢ଼ିସାରି କାନ୍ଦିକାନ୍ଦି ତଳେ ଛିଟିକି ପଡ଼ିଥିବା ରାକ୍ଷୀଟିକୁ ଉଠାଇ ଧାଇଁ ଯାଇ ବିଜନ ପାଖରେ ଆଣ୍ଠେଇ ପଡ଼ିଲା । ତା'ର ନିର୍ଜୀବ ହାତଟିକୁ ନିଜ କୋଳରେ ରଖି ଅତି ଯତ୍ନର ସହିତ ବାନ୍ଧିଦେଲା ରାକ୍ଷୀଟି । ବିଜନର ରକ୍ତରେ ଭିଜି ଯାଇଥିବା ମାଟିରୁ କିଛି ଉଠାଇ ଆଣି ଚନ୍ଦନଟୋପା ପରି ତା' ମଥାରେ ଲଗାଇଦେଲା । ଶବର ହାତରେ ବନ୍ଧା ଯାଇଥିବା ରାକ୍ଷୀଟି ଉପରେ ମୁଣ୍ଡ ପିଟି କାନ୍ଦି ଚାଲିଥିଲା ରାକ୍ଷୀ ।

ସେଦିନ ଥିଲା ରାକ୍ଷୀ ପୂର୍ଣ୍ଣିମା ।

ସହକାରୀ ଶିକ୍ଷୟତ୍ରୀ,
ପାରିଓଗଡ଼, ଖୋର୍ଦ୍ଧା ।



# ସ୍ମୃତି ଏକ ରୂପା ଜହ୍ନ

- ସୁକାନ୍ତ କୁମାର ନାୟକ

ଓଡ଼ିଶା ପ୍ରଦେଶର ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଅଧିନସ୍ଥ ବଙ୍କା ଗ୍ରାମଟି ପ୍ରାକୃତିକ ସୌନ୍ଦର୍ଯ୍ୟେ ଏକ ଗନ୍ତାଘର କହିଲେ ବୋଧହୁଏ ଭୁଲ ହେବନି । ଅନତି ଦୂରରେ ପାହାଡ଼ ପର୍ବତ ସାଙ୍ଗକୁ ପାଖ ଦେଇ ବହିଯାଇ ବଡ଼ ନଦୀ । ଋତୁମାନଙ୍କର ସହିତ ବଦଳିଥାଏ ଗାଁର ପରିବେଷ୍ଟନୀ । ଯେ କେହିବି ଏହି ଗାଁକୁ ଆସିଲେ ଭାବ ପ୍ରବଣ ହେବା ସ୍ୱାଭାବିକ । ସତରେ ପ୍ରକୃତି ରାଣୀ ସତେ ଯେମିତି ନିଜକୁ ସଜେଇ ହେଉଛି ଏଇଠି । ନଦୀ ହିଡ଼ରେ ଆମ୍ବ ତୋଟା ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରି ଆହୁରି ଆକର୍ଷିତ କରେ ।

ସେହି ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପୁତ୍ର ସୁକାନ୍ତ ବୟସ ପାଖାପାଖି ଚାଳିଶ । ଭଞ୍ଜନଗରର କେ.ଏକ.ୟୁ.ବି କଲେଜରୁ ବିଜ୍ଞାନରେ ସ୍ନାତକ ଶେଷ କଲାପରେ ଭୁବନେଶ୍ୱର ସ୍ଥିତ ଓ.ୟୁ.ଏ.ଟି ରୁ ପାସ କରି ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆରେ ଆଗ୍ରିକଲଚର ଅଫିସର ଭାବରେ ପୁନେରେ ଚାକିରି କରିଛି । ମହାନଗରୀର ଚାକଚକ୍ୟ ବ୍ୟସ୍ତ ବହୁଳ ଜୀବନ ଭିତରେ ସେ ଭଲପାଇ ବାହା ହୋଇଯାଏ ଜଣେ ବ୍ୟାଙ୍କ ଷ୍ଟାଫ ରିୟାଙ୍କୁ । ମନ ସବୁବେଳେ ସାଥିଟିଏ ଖୋଜିଥାଏ ଜୀବନ ରାସ୍ତାରେ ସାଥି ହୋଇ ଚାଲିବାକୁ । ବହୁତ ଦିନ ହେବ ଗାଁ ସୁକାନ୍ତ ପାଇଁ ଯେମିତି ସାତ ସପନ । କେବେ ସେମିତି କାମ ପଡ଼ିଲେ ଆସନ୍ତି । ତଥାପି ଦେଖିବାକୁ ଗଲେ ବାହାଘରର ଦୀର୍ଘ ଆଠବର୍ଷ ପରେ ଗାଁକୁ ଫେରିଛନ୍ତି ସୁକାନ୍ତ । ସୁକାନ୍ତର ମାଆ ସୁକାନ୍ତକୁ କହିଲେ ଆଜି କୁମାର ପୂର୍ଣ୍ଣିମା ତେଣୁ ତୁ ସନ୍ଧ୍ୟା ହେବା ପୂର୍ବରୁ ନଦୀରୁ ଫେରିଆସିବୁ ତେଣେ ପୂଜା ଆରମ୍ଭ ହେବ । ମାଆଙ୍କ କଥା ଶୁଣି କିଛିକ୍ଷଣ ପାଇଁ ସେ କିଛିଗୋଟେ ଭାବନାରେ ନିଜ ଭିତରେ ବୁଡ଼ିଗଲେ । ତାପରେ ଗାମୁଛା ଧରି ତରତରରେ ବାହାରିପଡ଼ିଲେ ମନରେ ଅନେକ ଉନ୍ମାଦନା ସତେ ଭାବନାରେ ନିଜ ଭିତରେ ବୁଡ଼ିଗଲେ । ତାପରେ ଗାମୁଛା ଧରି ତରତରରେ ବାହାରି ପଡ଼ିଲେ ମନରେ ଅନେକ ଉନ୍ମାଦନା ସତେ ଅବା କେଉଁ ପୂନେଇଁ ରାତିର ଫୁଲେଇ ଜ୍ୟୋସ୍ନା ।

ସୁକାନ୍ତ ଗୋଟିଏ ନିଶ୍ୱାସରେ ଆସି ପହଞ୍ଚିଗଲେ ନଦୀ ହିଡ଼ର ଆମ୍ବତୋଟାରେ । ଆଉ ସେଠି ସେହି ସମୟରେ ସେ ଗାଁର ଝିଅମାନେ ନଦୀରେ ସ୍ନାନ ସାରି ପୂଜା କରିବା ପାଇଁ ତରତର ହୋଇ ସେହି ଆମ୍ବତୋଟା ଦେଇ ଆସିଥିବା ଅଣଓସାରିଆ ରାସ୍ତାରେ ସୁକାନ୍ତକୁ ସାମ୍ନାସାମ୍ନି ହେଲାବେଳେ ଲାଗୁଥିଲା ସତେକି ସୁକାନ୍ତ ସେମାନଙ୍କ ମଧ୍ୟରେ କାହାକୁ ଯେମିତି ଖୋଜୁଛନ୍ତି । ତାପରେ ଧିରେଧିରେ ସୁକାନ୍ତଙ୍କ ପାଦ ଅଳସ ଭାଙ୍ଗିଲା । ସିଧା ଆଗକୁ ଚାଲିନପାରି ଚତୁର୍ପାଶ୍ୱକୁ ଘୂରିଘୂରି ଦେଖୁଥାନ୍ତି ସତେ ଯେମିତି ସେ ସେଠାରେ କିଛି ହଜାଇ ଦେଇଛନ୍ତି ନା ତାଙ୍କ ସହିତ କିଛି ଘଟଣା ଘଟିଯାଇଛି । ଶେଷରେ ଯାଇ ଗୋଟିଏ ଆମ୍ବ ଗଛମୂଳେ ବସିପଡ଼ିଲେ । ସେଠି ହଜିଗଲେ ତାଙ୍କର ଭାବନା ରାଜ୍ୟରେ । ସୁକାନ୍ତଙ୍କୁ ଲାଗୁଥିଲା ସତେ ଯେମିତି ଅତୀତର ସେଇ ସ୍ମୃତି ସତସତିକା ତାଙ୍କ ଆଗରେ ଆଜି ସତ ହୋଇଯାଉଛି ।


ସେତେବେଳେ ସୁକାନ୍ତ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ର ଆଉ ସେ ଗାଁ ର ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀ ଥିଲେ ଜ୍ୟୋସ୍ନା । କଲେଜ ଯିବା ବାଟରେ ଭଲ ପାଇ ବସନ୍ତି ଉଭୟେ ଉଭୟଙ୍କୁ । ସେଦିନ ବି ଥିଲା ଠିକ୍ ଆଜିର ଦିନ କୁମାର ପୂର୍ଣ୍ଣିମା । ଜ୍ୟୋସ୍ନା ଝିଅମାନଙ୍କ ଗହଣରେ ଜହ୍ନି ଓଷା କରୁଥିଲେ । ସେହି ଓଷାର ରୀତିନୀତି ଅନୁସାରେ କୁମାର ପୂର୍ଣ୍ଣିମା ରାତି ସମସ୍ତେ ଉଜାଗର ରହିବେ ପୁଣି ଠାକୁରଙ୍କ ପାଖରେ । ରାତ୍ର ପାଖାପାଖି ଦଶଟା, ସୁକାନ୍ତ ଆସି ପହଞ୍ଚି ଗଲେ ଜ୍ୟୋସ୍ନା କରୁଥିବା ପୂଜା ମଣ୍ଡପରେ । ତାପରେ ପରସ୍ପରର ଇସାରାରେ ଦୁହେଁ ବାହାରି ଆସିଲେ । କିଛିକ୍ଷଣ ପରେ ସୁକାନ୍ତ ଏବଂ ଜ୍ୟୋସ୍ନା ଉଭୟେ ଉଭୟଙ୍କୁ ଆବିଷ୍କାର କରନ୍ତି ସେହି ନଦୀ ହିଡ଼ରେ ଥିବା ଆମ୍ବତୋଟାରେ । ରାତି ଦଶଟା, ସୁକାନ୍ତର ବାହୁ ବନ୍ଧନରେ ନିବିଡ଼ ଭାବରେ ଜ୍ୟୋସ୍ନା ବନ୍ଦି । ସବୁ ଯେମିତି ଲାଗୁଥିଲା ନୂଆ ନୂଆ । ନୀରବତା ଭିତରେ ଜ୍ୟୋସ୍ନା ପଚାରିଲେ ସୁକାନ୍ତକୁ । ତୁମେ କହିଲ ସୁକାନ୍ତ ଆଜିର ଆକାଶରେ ଦେଖା ଯାଉଥିବା ଜହ୍ନଟି କିପରି ଲାଗୁଛି ? ସୁକାନ୍ତ ପ୍ରଥମେ ଆକାଶକୁ କିଛି ମୁହୂର୍ତ୍ତକ ପାଇଁ ଚାହିଁ ଉତ୍ତର ଦେଲେ ଠିକ୍ ତୁମ ମୁହଁ ଭଳି ଦେଖାଯାଉଛି । ତାହା ଶୁଣି ଜ୍ୟୋସ୍ନା କହିଲେ ନା ସୁକାନ୍ତ ତୁମେ ମୋତେ ମିଛ କହୁଛ । କାହିଁ ଜହ୍ନ ଆଉ କାହିଁ ମୁଁ । ସେତିକି ବେଳେ ସୁକାନ୍ତ ଜ୍ୟୋସ୍ନାର କଥନରେ ପୂର୍ଣ୍ଣଛେଦ ପକାଇ କହିଲେ ହଁ ଜ୍ୟୋସ୍ନା ତୁମେ ଠିକ ପୂନେଇ ରାତିର ଜହ୍ନ ଭଳି ସୁନ୍ଦର ଏବଂ ତୁମର ସୌନ୍ଦର୍ଯ୍ୟର ଜ୍ୟୋତି ଜହ୍ନର ଜ୍ୟୋସ୍ନା ଭଳି ଉଜ୍ୱଳ । ତୁମେ ଭାବିପାର ମୁଁ ମିଛୁଆ ତଥାପି ତୁମେ ସେୟାହିଁ ସେୟା । କହିଲା ବେଳକୁ ଜ୍ୟୋସ୍ନା ତାର ପୂର୍ଣ୍ଣ ବିକଶିତ ସମ୍ପୂର୍ଣ୍ଣ ଶରୀରଟାକୁ ସୁକାନ୍ତକୁ ସମର୍ପଣ କରି ସାରିଥିଲେ । ତାପରେ ସେହି ରାସ୍ତାଦେଇ ତାଙ୍କର ଜଣେ ସହପାଠୀ ସନ୍ତୋଷ ଆସି ପଚାରିଲେ ସୁକାନ୍ତ କେଉଁ ଦିନ ଆସିଲ କାହିଁ ମୁଁ ତୁମକୁ ଦେଖୁନି । ଏତିକିରେ ସୁକାନ୍ତ ପ୍ରକୃତିସ୍ଥ ହେଲେ ଆଉ ତାଙ୍କର ସେ ସ୍ମୃତି ତାଙ୍କୁ ବହୁତ କଷ୍ଟ ଦେଉଥିଲା । ମନ ଭିତରେ ଅନେକ ଭାବନା ତଥାପି ଅନିଚ୍ଛା କୃତ ଭାବେ ସାଙ୍ଗକୁ କହିଲେ ଆଜି ସକାଳେ ।

ବର୍ତ୍ତମାନ ଦୁଇ ସାଙ୍ଗ ଅତୀତର କିଛି ସ୍ମୃତି ଚାରଣ କରି କଥାବାର୍ତ୍ତା ହୋଇ ନଦୀରେ ଗାଧୋଇ ସନ୍ଧ୍ୟା ଆଗରୁ ଘରକୁ ଫେରିଲେ ଏବଂ ମାଆକୁ ପଚାରିଲେ ମାଆ ଜ୍ୟୋସ୍ନା କିପରି ଅଛି ? ତାହା ଶୁଣି ମାଆ କହିଲେ ନାରେ ସେ ଆକ୍ସିଡେଣ୍ଟରେ ଗତ ଡିସେମ୍ବର ମାସରେ ଆଖିବୁଜିଦେଲା ନିରୀମାଖି ଝିଅଟା । ସୁକାନ୍ତଙ୍କ ମାଆ ମ୍ରିୟମାଣ ହୋଇ କିଛି ଲିଆଭୁଜା ଦେଇ ଜହ୍ନକୁ ଦେଖି ପକାଇବା ପାଇଁ ଇସାରା କଲେ । ସୁକାନ୍ତ ସେ ଲିଆନେଇ ବାହାରକୁ ଆସି ଜହ୍ନକୁ ଦେଖିଲେ ଲାଗିଲା ସତେକି ଜହ୍ନ ଆଜି କାନ୍ଦୁଛି ଆଉ ହାତଠାରି ଡାକୁଛି ଆସ ସୁକାନ୍ତ ତୁମେ ମୋ ପାଖକୁ ଆସ । ଆମେ ସାଥି ହୋଇ ଗଢ଼ିବା ଆଉ ଏକ

ଅନାବିଳ ସମ୍ପର୍କ । ହେଲେ ତୁମେ ମୋ ସହ କାହିଁ ଏମିତି ଛଳନା କଲ । ମୁଁ ତୁମକୁ ମୋ ହୃଦୟରୁ କେତେ ଦୂରେଇ ଦେଇଛି । ମୋର ବା ଦୋଷ କ'ଣ ? କାହିଁ ମୁଁ ଗରିବ ଘରର ଝିଅ ନା ଅସୁନ୍ଦର ? ଆଚ୍ଛା କହିଲ ସୁକାନ୍ତ ତୁମେ ରିୟାଙ୍କୁ ନେଇ କଣ ଖୁସିରେ ଅଛ ? ନା ମୁଁ ଜାଣିଛି ତୁମେ କେବେ ଖୁସିରେ ନଥିବ । କାରଣ ଯଦି ଜଣେ ପୁଅ ହେଉ ବା ଝିଅ ଦୁଇଜଣଙ୍କ ସହ ସମ୍ପର୍କ ରଖେ ତେବେ ତା ଜୀବନରେ ଦୁଃଖ ଅନିବାର୍ଯ୍ୟ । ଶାସ୍ତ୍ରରେ ରହିଛି ଯିଏ ଦୁଇ ଡଙ୍ଗାରେ ଗୋଡ଼ଦିଏ ସେ ନିଶ୍ଚିତ ପାଣିରେ ବୁଡ଼ି ମରେ । ତଥାପି ମୋ ଭଲପାଇବା ତୁମପାଇଁ ସେମିତି ଅଛି ଆଉ ଆଜିବି ମୁଁ ସେହି ଭଲପାଇବାକୁ ନେଇ ଆଉ ଏକ ପୁନର୍ଜନ୍ମର ଅପେକ୍ଷାରେ ତୁମକୁ ଚାହିଁ ରହିଛି । ମୋତେ ଭୁଲ ବୁଝିବନି । ଠିକ୍ ସେତିକିବେଳେ ମାଆ ଡାକ ଦେଲେ ଆସିଲୁ ସୁକାନ୍ତ ପ୍ରସାଦ ଖାଇବୁ । ତାପରେ ଲିଆ ପକାଇ ଘରକୁ ଆସିଲେ ।

ସୁକାନ୍ତ ସେହିଦିନଠାରୁ ନିଜେ କରିଥିବା ଭୁଲର ପ୍ରାୟଶ୍ଚିତ ସ୍ୱରୂପ ସମସ୍ତ କାହାଣୀ ରିୟାଙ୍କୁ କହି ସବୁ ଜ୍ୟୋସ୍ନାଭିଜା ରାତି ଛାତରେ ହିଁ କାଟନ୍ତି ଏବଂ ସମସ୍ତଙ୍କୁ ଗୋଟିଏ ମନ ନେଇ ବଞ୍ଚିବାକୁ ପ୍ରବର୍ତ୍ତାନ୍ତି । କୁହନ୍ତି ଯଦି ଭଲପାଇବା ଜଣକର ପ୍ରଥମ ତଥା ଶେଷ ହୋଇଥିବ ତାହାର ସ୍ମୃତି ସବୁବେଳେ ତା ପାଇଁ ରୂପା ଜହ୍ନଭଳି ଚକ୍ ଚକ୍ କରିବ ନିଶ୍ଚୟ ।

ନୁଣିପଡ଼ା, ଶାସନ, ଗଞ୍ଜାମ ।



# କଇଁର କି ଦୋଷ

- ସଂଘମିତ୍ରା କବି

ପ୍ରାଚୀନ ଦେଶରେ ସରିସାପାଟଣା ନାମରେ ଗୋଟିଏ ଛୋଟ ଗ୍ରାମଟିଏ । ସେହି ଗ୍ରାମରେ ସହେଚାଳିଶି ପାଖାପାଖି ପରିବାର ମିଳିମିଶି ରହୁଥିଲେ । ସେଥିମଧ୍ୟରୁ କିଛି ବ୍ରାହ୍ମଣ ପରିବାର, କିଛି ଗଉଡ଼ ପରିବାର, କିଛି ତନ୍ତି ପରିବାର ଏବଂ ଗୋପାଳ । ତାର ଛୋଟିଆ ପରିବାର ସହିତ ବାସ କରୁଥିଲା । ନିଧିଆର ପରିବାର କହିଲେ ତା ସ୍ତ୍ରୀ ସୁମିତ୍ରା, ପୁଅ ବଂଶୀ ଓ ଝିଅ କଇଁ । ନିଧିଆ ବୃତ୍ତିରେ ଜଣେ କୃଷକ ଥିଲା । ତା ବାପ ଜେଜେ ଅମଳରେ ଗାଁରେ ସମସ୍ତଙ୍କଠାରୁ ଅଧିକ ଜମିଥିଲା ତାଙ୍କରି କିନ୍ତୁ ନିଧିଆର ବାପା ସେହି ଗାଁର ବୈଷ୍ଣବ ଦାସ ସହ ଜମିଜମା ମକଦମାରେ ମାତି ତା'ର ଅଧିକାଂଶ ଜମି ବିକିଦେଇଥିଲା । ନିଧିଆର ଅମଳକୁ ତ ଏତେଟା ଜମି ନଥିଲା, ହେଲେ ଜମିଦାରୀ ପଦଖଣ୍ଡିକ ଥିଲା । ଯେମିତି କଥାରେ ନାହିଁ କର୍ପୂର ଉଡ଼ିଗଲେ କଣ ହେଲା କନା ତ ଅଛି । ଠିକ ସେହିପରି ବଂଶୀ ଭୁବନେଶ୍ୱରରେ ଇଞ୍ଜିନିୟରିଂ କରୁଥିଲା ।

କଇଁ ପ୍ରାଥମିକ ଶିକ୍ଷା ସରିଲାପରେ ଉଚ୍ଚପ୍ରାଥମିକ ଶିକ୍ଷା ପାଇଁ ପାଖ ଏକ ଗାଁକୁ ଯାଉଥିଲା । ସେହି ସମୟରେ କିଶୋର କୁମାର ଯେନା ନାମକ ଏକ ପିଲା ସହ କଇଁର ପ୍ରେମ ହେଇଯାଇଛି । ଅବଶ୍ୟ କଇଁ ଆଗରୁ ଜାଣିନଥିଲି କି କିଶୋର ଗୋଟେ ହରିଜନ ପିଲା ବୋଲି । ଏକଥା କଇଁ ପଛରେ ଜାଣିବାକୁ ପାଇଲା, କିନ୍ତୁ ଜାଣିସାରିଲାପରେ ମଧ୍ୟ କଇଁ କିଶୋରକୁ ଛାଡ଼ି ପାରିନାହିଁ । ସେ ତା ପରିବାରକୁ ସବୁକଥା ଜଣାଇଛି, କିନ୍ତୁ କେହିବି ତା କଥାରେ ରାଜି ହୋଇନାହାନ୍ତି । କାରଣ କିଶୋର ଗୋଟିଏ ହରିଜନ ହେଇଥିବାରୁ ଶେଷରେ ତାଙ୍କ ଗାଁ ପାଖରେ ଥିବା ଏକ ଜଗନ୍ନାଥ ମନ୍ଦିରରେ କିଶୋର ସହ କଇଁର ବିବାହ ହୋଇଛି ଏବଂ କଇଁ ତା ଶାଶୁ ଘରକୁ ଚାଲିଯାଇଛି ।

ତା'ପରେ ଗାଁର କିଛି ନାନ୍ଦୁରା, ଘରଭଙ୍ଗା ଲୋକମାନେ କଇଁକୁ ଆକ୍ଷେପକରି ତା ବାପା ମା'ଙ୍କୁ ଦୁନିଆ ଟାହିଟାପରା କରି କହିଛନ୍ତି । ସେଥିମଧ୍ୟରୁ ଘରପାଖ ମାଳତୀବୋଉ କହିଛି ହଁ କଣ ନା ଝିଅମୋର କଲେଜରେ ପାଠ ପଢୁଛି । କି ପାଠ ପଢୁଥିଲା ଦେଖାଯାଉଛି ବା... । କୁନିମା ହିସାବରେ କଇଁର ଜେଜେମା ହବ । କିଲୋ ଯଦି ବାହାହବାକୁ ଇଚ୍ଛା ଥିଲା ମତେ କହିଲାନି ଶେଷରେ ଗୋଟିଏ ଅଛୁଆଁ ଜାତିର ଟୋକାକୁ ବାହା ହୋଇପଡ଼ିଲା ଛି..ଛି..ଛି..ଛି । ଏହିପରି କେତେଲୋକ କେତେକଥା କହିଗଲେ । ଏହି ଘଟଣାଟି ଘଟିବାର ପ୍ରାୟତଃ ଚାରିମାସ ପରେ ଆଉ ଏକ ଅଘଟଣ ଘଟିଗଲା । ହଠାତ୍ ଦିନେ ନିଧିଆ ପାଣ୍ଡବ ବ୍ୟାଙ୍କରୁ ଫେରିବା ବାଟରେ ହୃଦଘାତର ଶିକାର ହୋଇ ମୃତ୍ୟୁବରଣ କଲା । ଖବର ଜାଣୁ ଜାଣୁ ଜଣାପଡ଼ିଲାକି ସେ ଜୀବନଯାକ ସଂଚୟକରି ବ୍ୟାଙ୍କରେ ସମସ୍ତ ପଇସା ରଖିଥିଲା, ସେଥିରୁ କିଛି ପଇସା ଋଣ ଆଣିଥିଲା କିନ୍ତୁ ଅର୍ଥାଭାବରୁ ସେ ଋଣକୁ ପରିଶୋଧ କରିପାରିନଥିଲା । ଯାହା ଦ୍ୱାରା ଚକ୍ରବର୍ତ୍ତୀ ସୁଧ ଲାଗି ସବୁପଇସା ବୁଡି ଯାଇଥିଲା । ଏହିକଥା ହଠାତ ମୁଣ୍ଡରେ ପୂରେଇଦେଇଥିବାରୁ ତାର ହୃଦଘାତ ହୋଇଥିଲା । ନିଧିଆ ମଲାପରେ ପୁଅକୁ ତ ଆଉ ଗଳିକରି ଶାସନ କରିବାକୁ କେହି ନାହିଁ । ଭୁବନେଶ୍ୱରରେ ଇଞ୍ଜିନିୟରିଂ କରୁଥିବା ସମୟରେ ବାତରା ସାଙ୍ଗ ମାନଙ୍କ ସହ ମିଶି ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଲଉଥିବାବେଳେ ଭାରସାମ୍ୟ ହରାଇ ଏକ ଟ୍ରକ ସହ ଧକ୍କା କରିଛି ଏବଂ ସେହିଠାରେ ହିଁ ତା'ର ମୃତ୍ୟୁ ହୋଇଛି । ଏକଇରବଳା ବିସିକେଶନ ବଂଶୀର ମଲାଖବର ଶୁଣିବାକ୍ଷଣି ସୁମିତ୍ରା ବାଇପ୍ରାୟ ହେଇଯାଇଛି ଏବଂ ପୁଅକୁ ଝୁରି ଝୁରି ତା ପିଣ୍ଡରୁ ମଧ୍ୟ ପ୍ରାଣ ବାହାରିଯାଇଛି । କଇଁ ଗଲାପରେ ଏଇ ଯେତେସବୁ ଅଘଟଣ ଘଟି ଯାଇଥିଲା କଇଁକୁ ସେସବୁ ଅବଗତ ଥିଲା କିନ୍ତୁ ସେ କିଛିବି କରିପାରୁନଥିଲା । କାହାକୁ ଆଶ୍ୱାସନା ଦେଇ କଥାପଦେ କହିବାକୁ ବି ସେ ଯାଇପାରୁନଥିଲା କାରଣ ତାକୁ ସରିସାପାଟଣା ଗାଁରୁ ହିଁ ବାଛନ୍ଦ କରାଯାଇଥିଲା ଯେହେତୁ ସେ ନିଚ ଜାତିରେ ବାହା ହୋଇଥିଲା । ପୁଣି ତାଙ୍କ ଗାଁ ଲୋକମାନେ କଇଁକୁ ଆକ୍ଷେପକରି କେତେ କଥା କୁହାକୁହି ହେଉଥାନ୍ତି ଏଡ଼େ ଲକ୍ଷ୍ମୀଛାଡ଼ି ଝିଅଟା ଯେ ଅଛୁଆଁ ଜାତିରେ ବାହାହେଲା, ତାରି ପାଇଁ ତା ବାପା ମଲା, ମା ମଲା ପୁଣି ତା ଭାଇ ବି ମଲା । ସୁନା ଘରଟା ଥିଲା ଯେ ମାଟିରେ ମିଶିଗଲା । ଧୀରେ ଧୀରେ ଏଇ କଥା ଯାଇ କଇଁର କାନରେ ପଡ଼ିଲା । ଏହି ଘଟଣା ପୂର୍ବରୁ ତ ଦୁନିଆଲୋକ ଦୁନିଆକଥା କହିଛନ୍ତି, ହେଲେ ସେ ମୁଣ୍ଡପାତି ସହିଯାଇଛି । କିନ୍ତୁ ଶେଷରେ ଯୋଉ ସମସ୍ତେ କହିଛନ୍ତି କି କଇଁ ପାଇଁ ହିଁ ଏ ସବୁକିଛି ହେଇଛି ଏହି ଅପବାଦଟି ସେ ସହି ପାରିବେ ନାହିଁ ଏବଂ ସେ ମଧ୍ୟ ଯାଇ ଆତ୍ମହତ୍ୟା କରିଛି । ଶେଷରେ ସରିସା ପାଟଣାର ସେହି ନାନ୍ଦୁରା ଆଉ ଘରଭଙ୍ଗା ଲୋକମାନଙ୍କୁ କିଶୋର ପ୍ରଶ୍ନ କରିଛି - କଇଁର କି ଦୋଷ !

କଟିକଟା, ଦଶରଥପୁର, ଯାଜପୁର ।

# ବିଶ୍ୱ ତାପନର କୁ ପ୍ରଭାବ

- ରାଜୀବ ଲୋଚନ ପାଣିଗ୍ରାହୀ

ବିଶ୍ୱ ତାପନ ଗ୍ଲୋବାଲ ୱାରମିଂ ଏକ ବ୍ୟାପକ ବିଷୟ ହୋଇସାରିଛି । ବିଶ୍ୱର ଅଧିକାଂଶ ବ୍ୟକ୍ତି ଠିକ୍ ଅନୁଭବ କରିସାରିଲେଣି । ଏହାର ଆଶୁ ସମାଧାନ କଷ୍ଟସାଧ୍ୟ କାରଣ ଏହା ଗୋଟିଏ ଦିନରେ ହେଇଯାଇ ନାହିଁ । ଏହାର ଦୁଇଟି କାରଣ ରହିଛି ଯଥା ପ୍ରାକୃତିକ ଓ ମନୁଷ୍ୟକୃତ । ପ୍ରାକୃତିକ ଭାବେ ଭୂପୃଷ୍ଠ ତାପନ ବୃଦ୍ଧିକୁ ଆମେ ରୋକିପାରି ନାହିଁ ଯଥା ଆଗ୍ନେୟଗିରି ଉଦ୍‌ଗିରଣ, ପବନରେ ବଣରେ ଗଛକୁ ଗଛ ଘସି ଅଗ୍ନି ସୃଷ୍ଟି ହୋଇ ଜଙ୍ଗଲ ଜଳିବା ବା ଘଡ଼ଘଡ଼ିର ବିଜୁଳି ମାରିବା ଦ୍ୱାରା ବଣ ଜଳିବା, ଭୂତଳ ତେଲ ଖଣିରେ ବାୟୁ ସମ୍ପର୍ଶରେ ଆସି ବା କୌଣସି କାରଣରୁ ଜଳି ତାପମାତ୍ରା ବୃଦ୍ଧି ହୋଇଥାଏ । ଏହା କମ ସଖ୍ୟାରେ ହୋଇଥାଏ । କିନ୍ତୁ ମନୁଷ୍ୟକୃତ ବିଶ୍ୱ ତାପନ ବୃଦ୍ଧି ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରିଛି ଯାହା ବରଫ ପାହାଡ଼ମାନ ତରଳାଇ ସମୁଦ୍ର ଜଳ ସ୍ତରକୁ ବଢ଼ାଇ ଦେଉଛି ।

ଅତ୍ୟଧିକ କଳକାରଖାନା ଗାଡ଼ି ମୋଟର ବ୍ୟବହାର ଜନସଂଖ୍ୟା ଦୃତ ବୃଦ୍ଧି ଜନିତ ଜଙ୍ଗଲକ୍ଷୟ, ତାପଜ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ପ୍ରଭୃତି ଭୂପୃଷ୍ଠ ତାପନ ଦୃତ ବୃଦ୍ଧିର କାରଣ ଅଟେ । ବିଶ୍ୱ ତାପନ ଏବେ ମାନବ ସମାଜକୁ ସତର୍କଘଣ୍ଟି ହେଇସାରିଛି ତଥାପି ମନୁଷ୍ୟ ଅବା ସରକାର ଚେତୁ ନାହାନ୍ତି । ସମସ୍ତେ ନିଜ ନିଜ ଆବଶ୍ୟକତା ପୂରଣ କରିବାରେ ବ୍ୟସ୍ତ । ବିଶ୍ୱ ତାପନ ସମସ୍ତ ଜନ ସମାଜର ସାମଗ୍ରିକ ଭାବେ ସମସ୍ତେ ଏଥିପ୍ରତି ସଜାଗ ନରହିଲେ ଏବେ ତ ୫୦ ଡିଗ୍ରୀରୁ ଅଧିକ ତାପମାତ୍ରା ଭୋଗି ସାରିଲେଣି ଯେଉଁ ତାପମାତ୍ରାରେ ଚୁଲି ଉପରର ଜଳ ବାଷ୍ପ ହେବା ଆରମ୍ଭ କରେ । ସଦ୍ୟ ଖବରରୁ ଜଣାଯାଏ ଆଣ୍ଟାର୍କାଟିକାରେ ଥିବା ବିଶ୍ୱର ବୃହତ୍ତମ ଆଇସବର୍ଗ ବା ବରଫ ପାହାଡ଼ ଯାହାର ୧୭୦ କିଲୋମିଟର, ପ୍ରସ୍ଥ ୨୫ କିଲୋମିଟର । କିଛିଦିନ ପୂର୍ବେ ଏଠାରେ ଥିବା ବିଶ୍ୱର ବଡ଼ ହିମଖଣ୍ଡ ଭାଙ୍ଗିଯାଇଛି । ୟୁରୋପୀୟ ସ୍ପେସ୍ ଏଜେନସି ପକ୍ଷରୁ ୧୯ ମେ ୨୦୨୧ ରେ କୁହାଯାଇଛି ଯେ ଆଣ୍ଟାର୍କାଟିକାର ୱେଡ୍‌ଡ଼େଇ ସାଗରରେ ଥିବା ରୋନ ଆଇସ ସେଲର ପଶ୍ଚିମ ପାଶ୍ୱର୍ବକୁ ଥିବା ବରଫ ପାହାଡ଼ ଭାଙ୍ଗିଯାଇଛି । ଏହି ବିରାଟ ବରଫ ଖଣ୍ଡର ଆକାର ମ୍ୟାନହଟାନର ୮୦ ଗୁଣରୁ ଅଧିକ ହେବ । ବରଫ ପାହାଡ଼ ଗୁଡ଼ିକ ଭୂପୃଷ୍ଠ ତାପମାତ୍ରା ସନ୍ତୁଳନରେ ସାହାଯ୍ୟ କରିଥାନ୍ତି । କିନ୍ତୁ ବିଶ୍ୱ ତାପନ ଏତେ ମାତ୍ରାରେ ବୃଦ୍ଧି ହୋଇଛି ଯେ ବୃହତ ହିମଖଣ୍ଡ ବରଫ ପାହାଡ଼ ଗୁଡ଼ିକ ତରଳିବାରେ ଲାଗିଲେଣି । ଯାହା ସମୁଦ୍ର ଜଳ ପତନକୁ ବଢ଼ାଇବ ଓ ସମୁଦ୍ର ଜଳ ଜନ ବସତି ମୁହାଁ ହେବ କାରଣ ଜଙ୍ଗଲ କ୍ଷୟ ଓ ଜନବସତି ତଥା କଳକାରଖାନାର ବର୍ଯ୍ୟବସ୍ତୁ ନଦୀରେ ଛାଡ଼ିବା ହେତୁ ତାହା ସମୁଦ୍ର ଗର୍ଭକୁ ଉଚ୍ଚା କରିଚାଲିଛି ।

ବିଶ୍ୱ ତାପନ ଓ ଏହାର କ୍ରମ ବୃଦ୍ଧି ହେତୁ ସମୁଦ୍ର, ନଦୀ ଓ ଅନ୍ୟାନ୍ୟ ଜଳ ଉତ୍ସର ଜଳକୁ ବାଷ୍ପିଭୂତ କରି ଆକାଶକୁ ଚାଲିଯାଏ କିନ୍ତୁ ତାହା ଘନିଭୂତ ହୋଇନପାରି ଅନାବୃଷ୍ଟିରେ ପରିଣତ ହୁଏ । ଏହି ସମସ୍ୟା ଏତେ ମାତ୍ରାରେ ବଢ଼ି ଗଲାଣି ଯେ ବର୍ଷାଋତୁ ମୌସୁମୀ ବାୟୁକୁ ସମାଜ ଭୁଲିଗଲେଣି । ଏମିତି ବହୁ ଦିନ ହେଲେ କବକଜନିତ ରୋଗ ଭୂପୃଷ୍ଠକୁ କବଳିତ କରିବ । ବିଶ୍ୱ ତାପନ ହେତୁ ଛଅଟି ଋତୁ ମଧ୍ୟରୁ ପ୍ରାୟ ବର୍ଷସାରା ଗ୍ରୀଷ୍ମ ଋତୁକୁ ହିଁ ଅନୁଭୂତ ହୁଏ । ବର୍ଷା ଓ ଶୀତ ଋତୁ ସାମାନ୍ୟ କିଛିଦିନ ପାଇଁ ଅନୁଭୂତ ହୁଏ । ବର୍ଷାଋତୁରେ ମୌସୁମୀ ବର୍ଷା ଆଉ ହେଉ ନାହିଁ ଯାହା ହେଉଛି ତାହା ଲଘୁଚାପ ବର୍ଷା । ଏହି ଲଘୁଚାପ ବର୍ଷା ଏମିତି ହୁଏ ଯେ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ । ଛ ଋତୁର ସର୍ଜନା ଅନାଦି କାଳରୁ ହୋଇଆସିଛି ଯାହା ଭୂପୃଷ୍ଠର ସମସ୍ତ ଜୀବଜଗତର ମଙ୍ଗଳ କରିଥାଏ । ସେହି ଅନୁସାରେ ଫସଲ ଯାହା ମଣିଷ ଶରୀରକୁ ଆବଶ୍ୟକ ହୋଇଥାଏ । ଏବେ କିନ୍ତୁ ଫସଲ ଆଦାୟ ହୋଇପାରୁଛି ଯାହା ରାସାୟନିକ ସାର ଓ ଔଷଧ ଶିଞ୍ଚନ ଦ୍ୱାରା ସଫଳ ହୋଇଥାଏ । ସେହି ପରିବା ବା ଶସ୍ୟ ଆମେ ଖାଇଥାଉ ସେଥିରେ ପୁଷ୍ଟି କମ୍ ରାସାୟନିକ ଔଷଧ ବା ପୋକମରା ବିଷ ଅଧିକ ଥାଏ । ଏହା ହିଁ ମଣିଷ ଦେହରେ ବିଭିନ୍ନ ଜଣା, ଅଜଣା ରୋଗ ସୃଷ୍ଟି କରେ ।

ଏହା ପୁଣି ବାୟୁ, ଜଳ, ମୃତ୍ତିକା ପ୍ରଦୂଷଣର କାରଣ ହୋଇଥାଏ । ଏହି ପ୍ରଦୂଷଣ ପୁଣି ବିଶ୍ୱ ତାପନରେ ସାହାଯ୍ୟ କରିଥାଏ ବିଶ୍ୱ ତାପନ ହେତୁ ଅନାବୃଷ୍ଟି ଅଳ୍ପବୃଷ୍ଟି ଅତିବୃଷ୍ଟି ବାଦଲ ଫାଟିବା ବରଫ ପାହାଡ଼ ତରଳିବା ଭୂସ୍ଖଳନ, ଅତଡ଼ା ଖସିବା ପ୍ରଭୃତି ବିପର୍ଯ୍ୟୟ ମାନ ସୃଷ୍ଟି ହୁଏ । ବିଶ୍ୱ ତାପନ ହେତୁ ଭୂପୃଷ୍ଠକୁ ସୂର୍ଯ୍ୟଙ୍କ ତୀର୍ଯ୍ୟକ ରଶ୍ମି ବା ଅତି ବାଇଗଣୀ ରଶ୍ମିରୁ ରକ୍ଷା କରୁଥିବା ଓଜନ ସ୍ତରରେ ଫାଟ ସୃଷ୍ଟି ଭୂପୃଷ୍ଠରେ ଥିବା ମଣିଷ ସମେତ ଇତର ଜୀବଜଗତକୁ ଅନିଷ୍ଟ ପହଞ୍ଚାଇବା ସହ ଏହା ଆହୁରି ବୃଦ୍ଧି ଭୂପୃଷ୍ଠକୁ ପୋଡ଼ି ଜାଳି ନଷ୍ଟ କରିଦେବ । ସମସ୍ତ ଅମ୍ଳଜାନକୁ ଉତ୍ତପ୍ତ କରି ଉର୍ଦ୍ଧ୍ୱଗାମୀ କରିବାଦ୍ୱାରା ଭୂପୃଷ୍ଠୟେର ଥିବା ସମସ୍ତ ଜୀବଜନ୍ତୁଙ୍କୁ ଅମ୍ଳଜାନର ଅଭାବ ଅନୁଭୂତ ହେବା ସହ ଅମ୍ଳଜାନ ପ୍ରସ୍ତୁତକାରୀ ବୃକ୍ଷମାନଙ୍କୁ ରାତିରେ ଅମ୍ଳଜାନର ଅଭାବ ଅନୁଭୂତ ହେବ । ଆସ୍ତେ ଆସ୍ତେ ଯେଉଁ କିଛି ବୃକ୍ଷ ରହିଯାଇଥିବ ତାହା ମଧ୍ୟ ସମୂଳେ ଧ୍ୱଂସ ହୋଇଯିବ । ଭୂପୃଷ୍ଠରେ ଜୀବଜଗତର ଆବଶ୍ୟକତା ରହିଛି । ମନୁଷ୍ୟ ଏମିତି ଏକ ପ୍ରାଣୀ ଯାହାର ମୃତ୍ୟୁପରେ କୌଣସି ଅଙ୍ଗ ବା ଅଙ୍ଗ ବିଶେଷରେ ଆବଶ୍ୟକତା ପଡ଼େ ନାହିଁ । କିନ୍ତୁ ପୃଥିବୀର ଏମିତି ବୃକ୍ଷଲତା, ଗଳ୍ମ, ପଶୁପକ୍ଷୀ, ସରୀସୃପ ମତ୍ସ୍ୟାଦି ନାହିଁ ଯାହାର ଆବଶ୍ୟକତା ମନୁଷ୍ୟ ସମାଜକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଆବଶ୍ୟକତା ନାହିଁ । କିନ୍ତୁ ଜଙ୍ଗଲକ୍ଷୟ, ପ୍ରଦୂଷଣ ବୃଦ୍ଧି ହେତୁ ବିଶ୍ୱ ତାପନ ଜନିତ ବୃକ୍ଷଲତା, ପଶୁପକ୍ଷୀ, ମତ୍ସ୍ୟାଦି ଇତ୍ୟାଦି କମିକମି ଯିବା ସହ ସବୁଦିନ ଲୋପ ପାଇବାକୁ ବସିଲେଣି ଯାହା ପରିବେଷବିତମାନଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇସାରିଛି । ସେମାନଙ୍କ ଉପସ୍ଥିତି ମଧ୍ୟ ପରିବେଶ ସୁରକ୍ଷାର କାରଣ ହୋଇଥାଏ । ଏମିତି ଅନେକ ପ୍ରଭାବ ରହିଛି ଯାହା ବିଶ୍ୱ ତାପନ ଜନିତ ହୋଇଥାଏ । ବିଶ୍ୱ ତାପନ ପରିବେଶ ପ୍ରଦୂଷଣରେ ପରବର୍ତ୍ତୀ ରୂପ ଏହାର ଗୋଟିଏ ସମାଧାନ ସାମୁହିକ ବୃକ୍ଷ ରୋପଣ । ଜଙ୍ଗଲ ସୁରକ୍ଷା ଶୀତ ତାପ ନିୟନ୍ତ୍ରଣ ଯନ୍ତ୍ରର ଖୁବ କମ ପ୍ରଚଳନ ଉତ୍ତାପ ସୃଷ୍ଟିକାରୀ କଳକାରଖାନା ଓ ଯନ୍ତ୍ରପାତିର କମ ପ୍ରଚଳନ ତାପଜ ବିଦ୍ୟୁତ କେନ୍ଦ୍ର କମାଇବା ବା ବନ୍ଦ କରିବା, ଜଙ୍ଗଲ ପୋଡ଼ି ରୋକିବା ଇତ୍ୟାଦି ଯଦିଓ ଜନସଂଖ୍ୟା ବୃଦ୍ଧି ଜନିତ ପ୍ରଦୂଷଣରୁ ବିଶ୍ୱ ତାପନକୁ ରୋକି ନପାରିଲେ ବି ନିୟନ୍ତ୍ରଣ କରି ମଣିଷ ବଞ୍ଚି ପାରିବ ।

ରଘୁନାଥ ନଗର, ଆସିକା, ଗଞ୍ଜାମ ।

# ଅରାଇଜ ସପନ

– ସନ୍ତୋଷ ସାହୁ

ଅରାଇଜ ସପନ ଆଜି ଆଖି ଆଗରେ ଦାଣ୍ଡ ଦୁଆରେ ମନ ପ୍ରାଣ ଜୀବନରେ । ସବୁ ସପନଠୁ ଏ ଅଲଗା । ଗୋଟେ ଦିନ ଗୋଟେ ରାତି ଗୋଟେ ଓଳି ପାଇଁ ନୁହେଁ ବରଂ ଦିନ ମାସ ବର୍ଷ ପାଇଁ । ମଣିଷ ସପନ ଦେଖି ଖୁସି ହୋଇଥାନ୍ତା ହେଲେ ଏ ସପନ ଟିକେ ଭିନ୍ନ ଅଲଗା ଅଚିହ୍ନା । ଡରାଉଛି, କନ୍ଦାଉଛି ଛାତିକୁ ଦୋହଲାଉଛି । କୌତୁହଳ ଆନନ୍ଦ ଉନ୍ମାଦନା ନାହିଁ । ବରଷ ବରଷ ସପନ ଦେଖି ମଣିଷ ଆଖିରୁ ନିଦ ହଜିଲାଣି । ସପନ ଦେଖିବାକୁ ଡର ମାଡୁଛି । ଚେନା ବାହାର ସପନ ଅରାଇଜର କେବେ ଆସି ନଥିଲା ହଠାତ ଆଗମନ ଅଜବ ଗଜବ । ମଣିଷ କେଉଁ ତିଥି ଯୋଗ ଦିନ ରାତିରେ ଶୋଇଲା କେଜାଣି ଏମିତି ସପନ  ଦେଖିଲା । ସପନ ସତ ହୁଏନି ହେଲେ କରୋନା ସପନ ବାସ୍ତବ ଜଗତରେ ଅଦୃଶ୍ୟ ଭାବେ ଅଚିହ୍ନା ଭାବେ ଆସିଲା । ଆସିଲା ତ ଆସିଲା ଯିବାର ନାଁ ନଉନି ଖାଲି କଲବଲ କରୁଛି । ହନ୍ତସନ୍ତ ଜନତା ନଦେଖିଲା ଦୃଶ୍ୟ ଆଖି ଦେଖୁଛି । ଅଘଟଣା ଘଟଣା ଘଟୁଛି । ଅଶ୍ରାବ୍ୟ ବଚନ କର୍ଣ୍ଣେ ପଶୁଛି । ଖାଇଲେ ରୁଚୁନାହିଁ ବସିଲେ ଶାନ୍ତି ନାହିଁ ଶୋଇଲେ ନିଦ ନାହିଁ ଆଖିରେ ନିଦ ନାହିଁ ଚାଲିବାକୁ ପଥ ନାହିଁ । ସାହସ ଧୈର୍ଯ୍ୟ ବଳବୀର୍ଯ୍ୟ ସବୁ ଉଭେଇଯାଇଛି ।

ମଣିଷ କି ପାପ କରିଥିଲା କେଉଁ ଅବେଳରେ ଜନ୍ମ ହୋଇଥିଲା କେଜାଣି ଆଜି ଏ ଭୀଷଣ ସାଙ୍ଘାତିକ ପରିସ୍ଥିତି ମାନବ ସମାଜର ମୃତ୍ୟୁ ପ୍ରଥମଥର ଆଖି ଦେଖୁଛି । କାନ ଶୁଣୁଛି । ସମ୍ମୁଖେ ଘଟୁଛି । ବେହିସାବ ଲୋକ କରୋନା ଚମ୍ପଟରେ । ତିଳତିଳ ନିର୍ଦ୍ଦୟ ନିର୍ମମ ଭାବେ ଗ୍ରାସୁଛି କରୋନା । ସ୍ପର୍ଶେ ସ୍ପର୍ଶେ ପବନେ ଜଳେ ବ୍ୟାପଇ ରାକ୍ଷସରୂପୀ ଡିଆଁ ସଂକ୍ରମଣ କରୋନା ମହାମାରୀ । ଯାହାକୁ ଦେଖିଲା ତାହାକୁ ଗିଳଇ ମାରି ଖାଅଇ । ବାଛବିଚାର ଭେଦଭାବ କିଛି ନାହିଁ । ଛୁଆ ହେଉ ବୁଢ଼ାହେଉ କି ଭେଣ୍ଡିଆ ହେଉ ସବୁକୁ ମାରି ଖାଉଛି । ଅବାକ୍ ଜନତା ନିରବଦ୍ରଷ୍ଟା ଚାରିହାତଗୋଡ଼ ବନ୍ଧା । ଦେଖିପାରୁନାହିଁ ସହିପାରୁ ନାହିଁ ଉତ୍ପୀଡ଼ନ । ଶରୀର ଦୁର୍ବଳ ମନ ଅବଶ ପ୍ରାଣ ବିକଳରେ କରୁଛି ରୋଦନ । ଲୁହ ପୋଛିବାକୁ ହାତଧରି ଉଠାଇବାକୁ ସାହସ ବାନ୍ଧିବାକୁ ସାଙ୍ଗରେ ଚାଲିବାକୁ ପାଖରେ କେହି ନାହାନ୍ତି । ଚାରିଆଡ଼ ଶୂନଶାନ ଜନଶୂନ୍ୟ ନିର୍ଜନ । ବିନା ଦୋଷରେ ବିନା ଅପରାଧରେ ମଣିଷ ଗୃହବନ୍ଦୀ । ବନ୍ଦ ହେଉନାହିଁ କୋହ କାନ୍ଦଣା । ଲିଭୁନାହିଁ ଶ୍ମଶାନ ଜୁଇ ମିଳୁନାହିଁ ଅସ୍ଥିଖଣ୍ଡିକ । ବାପା ଶବକୁ ପୁଅ ସ୍ୱାମୀ ଶବକୁ ସ୍ତ୍ରୀ ଛୁଇଁପାରିବେନାହିଁ । ଶବକୁ ବିଲୁନି ଚାରିକାନ୍ଧ ଶୁଭୁନାହିଁ ହରିନାମ ରାମନାମ ସତ୍ୟ ହେ । ମୁଖାଗ୍ନି ହୋଇଛି ସାତସପନ । କ୍ରିୟାକ୍ରମ ସବୁ ଉଭାନ । ଆସିବା ଯିବା ମନା ନହେଲେ ଆସିବ  କରୋନା ।

ବିବାହ, ଶ୍ରାଦ୍ଧ, ପର୍ବପର୍ବାଣୀ ସବୁ ଫିକା । ଗହଳ ନାହିଁ କି ଚହଳ ନାହିଁ । ବିବର୍ଣ୍ଣ ବିଷର୍ଣ୍ଣ ମୁଖ । ବାଦ୍ୟ ସଙ୍ଗୀତର ଶବ୍ଦ ଶୁଣିବାକୁ କର୍ଣ୍ଣ ନାଚ ଦେଖିବାକୁ ଆଖି ଅନାଇ ବସିଛି । ଯାନବାହନ ଚଳାଚଳ ବନ୍ଦ । ରାସ୍ତାଘାଟ ଶୂନଶାନ୍ । ଖାଁ ଖାଁ ଶୁଭୁନାହିଁ ଗାଡ଼ି ମଟରର ଶବ୍ଦ । ବଡ଼ ବଡ଼ ହସ୍ତୀ କଳାକାର ମନ୍ତ୍ରୀ କରୋନାରେ ଆରପାରିରେ। ଜୀବନ ଜୀବିକା ସବୁ ଛଡ଼େଇ ନେଇଛି କାମଧନ୍ଦା କିଛି ନାହିଁ । ତଥାପି ଏ ମଣିଷ ଅମାନିଆ । ଯେତେ ବୁଝେଇଲେ ଯେତେ କହିଲେ କ'ଣ ହେବ ? କୁକୁର ଲାଙ୍ଗୁଡ଼ ସିଧା ହେବ ନା ମଣିଷର ମତି ମନ ବଦଳିବ । ମନା ଜାଗାକୁ ଆଗେ ପାଦ । ହୀନ ଚିନ୍ତାଧାରା ସରକାରଙ୍କ ସରକାର । ନିଜ ଇଚ୍ଛାରେ ଚଳିବ କହିବ କିଏ ସିଏ ମରେ କି ସରେ । କାହାର କଣ ଯାଉଛି । ମଣିଷର ଏହି ଚିନ୍ତାଧାରା ବେପରୁଆ ମନବୃତ୍ତି ଯୋଗୁଁ କରୋନା ଅଧିକ ତୀବ୍ର ଭୟଙ୍କର ରୂପ ଧାରଣ କରୁଛି । ସମୟ ଥାଉ ସୁଧୁରି ବାଛିବିଚାରି ସତର୍କ ସଚେତନ ହୋଇ କାର୍ଯ୍ୟ କରିବା ଦରକାର । ଲେଢ଼ିଗୁଡ଼ କହୁଣିକି ବହିଗଲା ପରେ ସବୁ ସରିଗଲା ପରେ ଆଉ କିଛି ଲାଭ ନାହିଁ । ଅରାଇଜ ସପନକୁ ଛାଡ଼ିବାକୁ ହେଲେ ବାସ୍ତବକୁ ଆସିବାକୁ ପଡ଼ିବ ନହେଲେ ସବୁ ସରିଲା ଜାଣ .....କ୍ରମଶଃ

ଚିତାବେଡ଼ା ।

## ବୃଦ୍ଧାଶ୍ରମ

– ପ୍ରତ୍ୟୁଷ ଦାସ

ବୃଦ୍ଧାଶ୍ରମରେ ପ୍ରବେଶ କଲେ ଜଣେ ଅପରିଚିତ ବୃଦ୍ଧା ମହିଳା ତାଙ୍କୁ ଦେଖି ବର୍ମାଜି ନମସ୍କାର କରି କହିଲେ ମୋତେ ବର୍ମା ଡାକନ୍ତି । ସେ ବୃଦ୍ଧା ମହିଳା ଉତ୍ତରରେ କହିଲେ ମୋ ନାଁ ସାରଦା ମୁଁ ଏଠିକି ୭/୮ ଦିନ ରହିବାକୁ ଆସିଛି । କଥା କଣ କି ଝିଅଘର ସିଫ୍ଟ କରୁଛି ଓ ମୋ ଦେଖାଶୁଣା କରିବା ପାଇଁ କିଏ ନାହାନ୍ତି ।

ବର୍ମାଜି ଆଚ୍ଛା କଣ କରେ ତମ ପୁଅ । ସାରଦା ଦେବୀ ମୋ ପୁଅ ବଡ଼ କମ୍ପାନୀରେ କାମ କରେ । ଆରେ ପୁଅକୁ ଫୋନଟେ କରିବେ ଘରେ ପହଂଚିଲା କି ନାଇଁ । ଫୋନ୍ କରିବାରୁ ପୁଅ ଉଠେଇ କହିଲା ମା ମୁଁ ମିଟିଂରେ ଅଛି କିଛି ସମୟରେ ପରେ କଲ କରୁଛି । ସାରଦା ଦେବୀ କହିଲେ ପୁଅ ମୁଁ ଖାଲି ପଚାରୁଥିଲି ତୁ ଖାଇଲୁ କି ନାହିଁ । ସେ ପଟୁ ପୁଅ ରାଗିଯାଇ ଉତ୍ତର ଦେଲା କହିଲା ନା ମୁଁ ମିଟିଂରେ ଅଛି । ଆଉ ଫୋନଟି କାଟିଦେଲା ।

ବର୍ମାଜି ଆଉ କଣକହିଲା ତମ ଗୁଣବନ୍ତ ପୁଅ । ସାରଦା ଦେବୀ ମନଦୁଃଖ କରି କହିଲେ ସେ କହିଲା କି ଟିକେ ପରେ କଲ କରିବ । ବର୍ମାଜି ବର୍ଷ ବର୍ଷ ରହିଲିଣି ଏଠି ସବୁ କିଛି ଦେଖି ସାରିଲାଣି ମୋ ଆଖିମାନେ । ଆପଣ ଯେତେ ଜଲଦି ଏହି ଜାଗାକୁ ଆପଣେଇ ନେବେ ସେତିକି ଜଲଦି ଭଲ ହବ ଆପଣଙ୍କ ପାଇଁ ।

ସାରଦାଦେବୀ ଟିକେ ରାଗି ଯାଇ କେମିତିକା କଥା କହୁଛନ୍ତି ଆପଣଙ୍କ ମୋ ପୁଅ ସେମିତିକା ନୁହଁ । ବହୁତ ଭଲପାଏ ମୋତେ । ମୁଁ ବି କେମିତି ରହିବି ମୋ ପୁଅଠୁ ଦୂରେଇକି । ବର୍ମାଜି ଏମିତିରେ ଏହି ଜାଗା ବି କୋଉ ଖରାପ କି? ଏଠି ଶାନ୍ତି ସୁଖ ଅଛି । ଠିକ୍ ସମୟରେ ଖାଇବାକୁ ମିଳୁଛି । ଆଉ କିଛି ସାଙ୍ଗ ବି ମିଳି ଯାଉଛନ୍ତି । ଆଉ କଣ ଦରକାର ମୁଁ ତ କହୁଛି ଆପଣ ଭଜନ କୀର୍ତ୍ତନରେ ମନ ଲଗାନ୍ତୁ ।

ହଠାତ ସାରଦା ଦେବୀ ଆହୁରି ରାଗିଯାଇ କହିଲେ ମୋର କହିବା ଉଚିତ ନୁହଁ କାରଣ ମୋ ପୁଅ ମୋତେ ନେବାକୁ ଆସିଯିବ କିନ୍ତୁ ଆପଣଙ୍କୁ କିଏ ପଚାରେ । ଆପଣ ଈର୍ଷା କରୁଛନ୍ତି ମୋତେ । କିଛିଦିନ ପରେ.... ପୁଣି କଲ କଲେ ସାରଦାଦେବୀ ପୁଅ ନିକଟକୁ ପୁଅ ଫୋନ ଉଠାଇ କହିଲା ମା ମୁଁ ଟିକେ ବ୍ୟସ୍ତ ଅଛି ପରେ କଲ କରିବି । ସେହିଭଳି ସବୁ ଦିନ ସାରଦା ଦେବୀ ତାଙ୍କ ପୁଅଠୁ ଶୁଣନ୍ତେ ମା ମୁଁ ଆଜି ବ୍ୟସ୍ତ ଅଛି । ମୁଁ ମିଟିଂରେ ଅଛି । ମୁଁ ବହୁତ ଜଲଦି ଆସିକି ତମକୁ ନେଇଯିବି ଇତ୍ୟାଦି ।

ପୁଣି ଏକ ଦିନ ସାରାଦା ଦେବୀ ପୁଅକୁ କଲ କଲା ସମୟରେ ବର୍ମାଜି କହିଲେ କରନ୍ତୁନି କଲ ଉଠେଇବନି ପୁଅ । କିନ୍ତୁ ପୁଅ ଫୋନ ଉଠେଇ କହିଲା ମା ଡ୍ରାଇଭର କହୁଛି ସାରଦାଦେବୀ କଥା ମଝିରେ କହିଲେ ପୁଅ ତୁ ଭୁଲି ଯାଉଛୁ ୧୫ ଦିନ ହୋଇଗଲାଣି । ପୁଅ ଆସିବା ମା ଟିକେ ବ୍ୟସ୍ତ ଅଛି କହି କଲଟି କାଟିଦେଲା ।

ଦୁଃଖରେ ବସିଥିବା ସାରଦାଦେବୀଙ୍କୁ ବର୍ମାଜି କହିଲେ ଆପଣଙ୍କୁ ମୋ କଥା ଖରାପ ଲାଗେ କିନ୍ତୁ ଦେଖିନେବେ ସେ ଆଉ ଆସିବନି । ଯାହା ହଉଛି ସହି ଯାନ୍ତୁ ଆଉ ଆଶା କରନ୍ତୁନି । ଏହା ଆମର ଖରାପ ଭାଗ୍ୟ । ସାରଦାଦେବୀ ଭାଗ୍ୟ ଆପଣଙ୍କର ଖରାପ । ଦେଖିବେ ମୋ ପୁଅ ଆଜି ମୋତେ ନେବାକୁ ଆସିବ । ମୋତେ ତ ଏତିକି ଚିନ୍ତା ସେ ମୋ ବିନା ରହୁଥିବ କେମିତି? ବର୍ମାଜି ହସିକି କହିଲେ ଦେଖନ୍ତୁ ମୁଁ ବି ଚାହୁଁଛି ସେ ଆଜି ନେଇଯାଉ ଆପଣଙ୍କୁ । କିନ୍ତୁ ମୁଁ ଜାଣିଛି ଏଇ ବୃଦ୍ଧାଶ୍ରମକୁ ଯିଏ ଥରେ ଆସେ ସେ ମରିଗଲା ପରେ ଯାଇଥାଏ ।

ସାରଦାଦେବୀ ଆପଣ ବେକାରିଆ କଥା କୁହନ୍ତୁ ନାହିଁ ଆଜି ହିଁ ପୁଅ ମୋତେ ନେବ ରୁହନ୍ତୁ ଏବେ ହିଁ ତାକୁ କଲ କରୁଛି । ଏତିକି କହି ତତକ୍ଷଣାତ କଲ କଲେ ପୁଅକୁ ଆଉ ପୁଅ ଉତ୍ତର ଦେଲା ମା ମୁଁ ଟିକେ ବ୍ୟସ୍ତ ଅଛି ଆପଣ ଆଉ କିଛିଦିନ ରହିଯାନ୍ତୁ ମୁଁ ବହୁତ ଜଲଦି ଆସିବି ନେବାକୁ । ୪୫ ଦିନ ପରେ....ଖଟ ଉପରେ ନିଜର ଶେଷ ନିଶ୍ୱାସ ନେଉଛନ୍ତି ସାରଦା ଦେବୀ ଆଉ ବାରମ୍ୱାର ତାଙ୍କ ପୁଅକୁ କଲ କରୁଛନ୍ତି ବର୍ମାଜି କିନ୍ତୁ କଲ କଟିଯାଉଥାଏ ରିଙ୍ଗ ହୋଇ । ହଠାତ୍ ସଂସଂ ହୋଇ କାନ୍ଦିବା ଅବସ୍ଥାରେ ସାରଦା ଦେବୀ କହିଲେ ଜଲଦି ମୋ ପୁଅର ଫଟୋ ଦିଅନ୍ତୁ ବର୍ମାଜି । ଫଟୋଟିକୁ କୁଣ୍ଢେଇ ସାରଦାଦେବୀ ପୁନଶ୍ଚ ତାଙ୍କ ପୁଅକୁ କଲ କରିବାକୁ କହିଲେ ଓ ବର୍ମାଜି ମଧ୍ୟ କଲ କଲେ କିନ୍ତୁ ପୂର୍ବପରି କଲଟି କଟିଗଲା ଏତିକି ଭିତରେ ନିର୍ବାକ ହୋଇ ସବୁଦିନ ପାଇଁ ଆଖି ବୁଜିସାରିଥିଲେ ନିରୀହ ସାରଦାଦେବୀ । ବର୍ମାଜି ବି ବ୍ୟସ୍ତ ହୋଇ ବଡ଼ ପାଟିରେ ଚିଲେଇ ସାରଦାଦେବୀଙ୍କୁ ଡାକିଲେ କିନ୍ତୁ ସେ ଆଉ ଉଠିଲେ ନାହିଁ ।

ବର୍ମାଜି କାନ୍ଦି କାନ୍ଦି କହି ଉଠିଲେ ଏହା ପ୍ରଥମଥର ହୋଇନି ମୋ ସହ ସାରଦା ଦେବୀ ପ୍ରଥମ ନୁହଁ ଯିଏ ମୋ ଆଗରେ ଆଖି ବୁଜିଦେଲେ । କେଜାଣି କାହିଁକି ଏତେ ଆଶା ରଖୁଥିଲେ ସେ । ଆଶାରୁ କେବଳ କଷ୍ଟ ମିଳେ । ଛି..କଣ ପାଇଁ ପିଲାମାନେ ଛାଡ଼ିଯାନ୍ତି ଏଠି ଛଟପଟ ହୋଇ ମରିବାକୁ । ପୁଣି କିଛି ଦିନ ପରେ...ସେହି ପରି ଆଉ ଜଣେ ବୃଦ୍ଧ ବ୍ୟକ୍ତି ପ୍ରବେଶ କଲେ ଆଉ କହିଲେ ଭାଇ କେମିତି ଅଛ ମୁଁ ଏଠାକୁ ବେଶୀଦିନ ପାଇଁ ଆସିନି । ମାତ୍ର ସପ୍ତାହେ ପାଇଁ ଆସିଛି । ଆଉ ତାପରେ ମୋ ଝିଅ ଆସିବ ମୋତେ ନେଇଯିବ । ଏହା ଶୁଣି କାନ୍ଦି କାନ୍ଦି ଜୋରରେ ପାଗଳଙ୍କ ପରି ହସିଉଠିଲେ ବର୍ମାଜି ।

ବୃଦ୍ଧ ଅବସ୍ଥା ଆଉ ଶିଶୁ ଅବସ୍ଥା ସମାନ ଭିନ୍ନ ଏତିକି ଯେ ଶିଶୁ ଅବସ୍ଥାରେ ବାପା ମା' ଆମର ଧ୍ୟାନ ରଖନ୍ତି ଆଉ ବୃଦ୍ଧା ଅବସ୍ଥାରେ ଆମେ ସେମାନଙ୍କର ଧ୍ୟାନ ରଖୁ କିନ୍ତୁ ଆଜିର ଆଧୁନିକ ସମାଜର ପୁଅଝିଅ ନିଜ ବାପା ମାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦେଉଛନ୍ତି । ଦୟାକରି ସେମାନଙ୍କର ବି ଯତ୍ନ ରଖନ୍ତୁ ସେମାନେ ନିଜର ବଳିଦାନ ଦେଇ ଆପଣଙ୍କୁ ବଡ଼ କରିଛନ୍ତି ତ ତାଙ୍କର ଧ୍ୟାନ ରଖିବା । ଦାୟିତ୍ୱ ଆପଣଙ୍କର ସେମାନଙ୍କ ସହ ଖୁସିରେ ଦିନ କାଟନ୍ତୁ ଆଉ ସେମାନେ ହେଇଛନ୍ତି ମର୍ତ୍ତ୍ୟର ଦେବାଦେବୀ ।

ଗୋପାଳୁଣୀ ନଗର, ବଡ଼ଗଡ଼, ଭୁବନେଶ୍ୱର ।

# ସାବତ ମା'

- ସୁରେଶ ଚନ୍ଦ୍ର ପାଢ଼ୀ

କଥାରେ ଅଛି ଦୁନିଆରେ ମା'ର ବିକଳ୍ପ ନାହିଁ । ପୁଅ ସିନା କୁପୁତ୍ର ହୋଇଯାଏ ହେଲେ ମା' କେବେ କୁମାତା ହୁଏନାହିଁ । ମା' ସମସ୍ତଙ୍କର ଅତି ନିଜର । ମା'ର ଋଣକୁ କେହି କେବ ସୁଝି ପାରିବା ନାହିଁ । କିନ୍ତୁ ସାବତ ମା'ର ନା ଶୁଣିଲେ ପିଲାମାନେ ଡରିଥାନ୍ତି । କାରଣ ସେ ନିଷ୍ଠୁର ସ୍ୱଭାବର ହୋଇଥାଏ । ଆଜିର ଗଳ୍ପରେ ଥିବା ସାବତମା' ଏଥିରୁ ସମ୍ପୂର୍ଣ୍ଣ ଭିନ୍ନ । ମୁକୁନ୍ଦପୁର ଶାସନରେ ଶ୍ୟାମସୁନ୍ଦର ବାବୁଙ୍କ ଘର । ସେ ଚାକିରି କରୁଥିବାବେଳେ ବିବାହ କଲେ । ବେଶ ହସଖୁସିରେ ସଂସାର ଚାଲିଥାଏ । ତାଙ୍କର ଦୁଇଟି ପୁଅ ଜନ୍ମ ହେଲେ । ଦୁହେଁ ଯାଆଁଳା ପିଲା । ପିଲା ଦୁଇଟିକୁ ଏକ ବର୍ଷ ପୂରିଲା ବେଳକୁ ପିଲାଙ୍କୁ ଛାଡ଼ି ଶ୍ୟାମବାବୁଙ୍କ ସ୍ତ୍ରୀ ଆରପାରିକୁ ଚାଲିଗଲେ । ଶ୍ୟାମ ବାବୁ ଦୁଃଖରେ ଭାଙ୍ଗି ଗଲେ । ଆତ୍ମୀୟସ୍ୱଜନମାନେ ବୁଝାଇଲେ ପୁଣି ବିବାହ କରିବାକୁ । ଶେଷରେ ସେ ମୀରା ନାମକ ଏକ ଗରିବ କନ୍ୟାକୁ ବିବାହ କଲେ । କିନ୍ତୁ ଦୁଃଖର ବିଷୟ ଶ୍ୟାମବାବୁ ଏକ ଦୁର୍ଘଟଣାରେ ଚାଲିଗଲେ । ଘରେ ଥାଏ ଦୁଇଟି ସନ୍ତାନ ଆଉ ଗର୍ଭରେ ଥାଏ ଆଉ ଏକ ସନ୍ତାନ । କିଛିଦିନ ପରେ ମୀରା ଏକ ପୁତ୍ରକୁ ଜନ୍ମଦେଲେ । ସମୟ ଗଡ଼ି ଚାଲିଲା । ମୀରା ନିଜ ପୁଅକୁ ଯେତିକି ସ୍ନେହ କରେ ସାବତ ପୁଅଙ୍କୁ ସେତିକି ଭଲପାଏ । ବେଳେବେଳେ ନିଜେ ନ ଖାଇ ସବୁ ପିଲାଙ୍କୁ ଦେଇଦିଏ । ଥରେ ବଡ଼ପୁଅ ଭୀଷଣ ରୋଗରେ ପଡ଼ିଲା ତାର ରକ୍ତ ଦରକାର ହେଲା କାହାରି ରକ୍ତ ତା ସହ ମିଶିଲାନି । କିନ୍ତୁ ମୀରା ତାର ରକ୍ତ ପରୀକ୍ଷା କରି ନିଜ ରକ୍ତ ଦେଇ ବଡ଼ ପୁଅର ଜୀବନ ବଞ୍ଚାଇଲା । ଗାଁ ଲୋକେ ଏହା ଦେଖି ମୁଗ୍ଧ ହେଲେ । ଦିନେ ସାନ ପୁଅ ପାଇଁ ସେ ତାର ସବୁ ସୁନା ଗହଣା ବିକି ତାକୁ ଡାକ୍ତରୀ ପାଠ ପଢ଼ାଇଲା । ନିଜ ପୁଅ ଭଲ ନ ପଢ଼ି ଗାଁରେ ରହିଲା । ସାବତ ପୁଅକୁ ସେ ନିଜ ପୁଅପରି ଦେଖେ । ହେଲେ ସେମାନେ ମୀରାକୁ ସାବତ ମା କହି ଗାଳି ଦିଅନ୍ତି । ସେମାନେ ନିଜ ମନ ଇଚ୍ଛା ବିବାହ କିରଲେ । ସହର ଯାଇ ଚାକିରି କରି ରହିଲେ । ମୀରା ପୁଅମାନଙ୍କ ପାଖରେ ରହିବାକୁ ମନ କରିଲା ।

ସେମାନେ ମୀରାକୁ ସହର ଆଣିଲେ । ତାର ନିଜ ପୁଅ ଗାଁ ଛାଡ଼ି ଗଲା ନାହିଁ । ମୀରା ପୁଅମାନଙ୍କ ଘରେ ରହିଲା ହେଲେ ଚାକରାଣୀ ହୋଇ । ପୁଅମାନେ ଭାରି କଟୁ କଥା କହି କଷ୍ଟ ଦିଅନ୍ତି । ତଥାପି ସେ ଈଶ୍ୱରଙ୍କୁ କୁହେ ହେ ମହାପ୍ରଭୁ ମୋ ପିଲାକୁ ଭଲରେ ରଖିଥାଅ । ମୀରା ଦିନକୁ ଦିନ ଦୁର୍ବଳ ହେବାକୁ ଲାଗିଲା । ନିର୍ଦ୍ଦୟ ପୁଅମାନେ ଭାଗ ବାଣ୍ଟି ମୀରାକୁ ଘରେ ରଖିଲେ । କିନ୍ତୁ ସାବତ ମା ଭାବି ଭାରି କଷ୍ଟ ଦିଅନ୍ତି । ଖାଇବାକୁ ବି ଭଲରେ ଦିଅନ୍ତି ନାହିଁ । ହେଲେ ମୀରା କାହାକୁ କିଛି କହେନି । ଦିନେ ବଡ଼ ପୁଅ ରୋଗରେ ପଡ଼ି ଛଟପଟ ହେଲା । ଡାକ୍ତର କହିଲେ ତାର କିଡ଼ନୀ ଦରକାର । ହେଲେ କିଡ଼ନୀ ଦେବ କିଏ କେହି ରାଜି ହେଲେନି । କିନ୍ତୁ ଅନାବିଳ ସ୍ନେହ କରୁଥିବା ସାବତ ମା' ମୀରା ନିଜ କିଡ଼ିନି ଦେବାକୁ ରାଜି ହୋଇଗଲା । ଧନ୍ୟ ସେଇ ମା' ଯିଏ ନିଜ ଜୀବନକୁ ବି ବାଜିରେ ଲଗାଇ ଦେଲା । ପୁଅଟି ଭଲ ହେଲା କିନ୍ତୁ ତାର ହୃଦୟ ବଦଳିଲା ନାହିଁ । ପୁଣି ଦିନେ ବୋହୂର ଆଖି ଅପ୍ରେସନ ହେଲା ଯେଉ ବୋହୂ ଖାଇବାକୁ ନଦେଇ ଗାଳିଦିଏ ସେ ତା ପାଇଁ ନିଜର ଦୁଇ ଆଖିବି ଦେଇଦେଲା । ହେଲେ ଶେଷ ଜୀବନରେ ନିର୍ଦ୍ଦୟ ପୁଅମାନେ ତାକୁ ଏତେ ପର ଭାବିଲେ ମୁହଁରେ ପାଣି ଟୋପାଏ ବି ଦେଲେନି । ମୀରା ପୁଅକୁ ଝୁରିଝୁରି ଆରପାରି ଚାଲିଗଲା । ସାବତ ମା' ସିନା ଚାଲିଗଲା ଦୁନିଆରୁ କହିଗଲା ମା' କେବେ କୁମାତା ହେବନି । ସେ ଦେବକୀ ହେଉ ଅବା ଯଶୋଦା ହେଉ ମା' ର ତ୍ୟାଗ ମହାନ ।

ବୁଗୁଡ଼ା, ଗଞ୍ଜାମ ।

# ପ୍ରବୀଣ କ୍ରୀଡ଼ାବିତ୍ ଏବଂ କ୍ରୀଡ଼ା ସାମ୍ବାଦିକଙ୍କ ସ୍ମରଣେ



- ମୀରା ବେଉରା

'ଜାତସ୍ୟ ମୃତ୍ୟୁ ଧ୍ରୁବ ସତ୍ୟ' - ଏ କ୍ଷଣଭଙ୍ଗୁର ସଂସାରରେ ଯେତେ ପ୍ରାଣୀ ଅଛନ୍ତି ସମସ୍ତେ ଦିନେ ନା ଦିନେ ଏହି ଜଗତରୁ ବିଦାୟ ନିଅନ୍ତି । କିନ୍ତୁ ସେହି ପ୍ରାଣୀ ଅମର ହୋଇ ରହେ ଯାହାର ଅବଦାନ ସମାଜ ତଥା ରାଜ୍ୟ ଓ ଦେଶ ପାଇଁ ଅଜସ୍ରୀ କାର୍ଯ୍ୟ । ଯିଏ ନିଜ ସ୍ୱାର୍ଥକୁ ତିଳତିଳ କରି ଦଗ୍ଧୀଭୂତ କରି ସମାଜ ପାଇଁ ରାଜ୍ୟ ପାଇଁ ସମ୍ମାନ ଆଣେ ଏବଂ ଏହି ସମ୍ମାନରେ ଅପାର ଆନନ୍ଦ ମଧ୍ୟ ଉପଲବ୍ଧ କରନ୍ତି ରାଷ୍ଟ୍ରବାସୀ । ଧର୍ମରାଜ ଯୁଧିଷ୍ଠିରଙ୍କୁ ଯକ୍ଷ ପ୍ରଶ୍ନ କରିଥିଲେ ଏ ଜଗତରେ ସବୁଠୁ ଉପଯୁକ୍ତ ପନ୍ଥା କ'ଣ ? ଏହାର ଉତ୍ତର ସେଦିନ ରଖିଥିଲେ ପାଣ୍ଡୁପୁତ୍ର ଧର୍ମରାଜ ଯୁଧିଷ୍ଠିର । ସେ କହିଥିଲେ ସବୁଠୁ ଉପଯୁକ୍ତ ପନ୍ଥା ହେଲା ପୁଣ୍ୟାତ୍ମା ଓ ମହାପୁରୁଷମାନେ ଯେଉଁ ମାର୍ଗ ଦେଇ ଯାଇଛନ୍ତି ତାହାହିଁ ଉପଯୁକ୍ତ ମାର୍ଗ । ଏହା କହିବାର ଉଦ୍ଦେଶ୍ୟ ହେଉଛି ଶ୍ୟାମାକାନ୍ତ ପଟ୍ଟନାୟକ ଏଭଳି ଜଣେ ବ୍ୟକ୍ତିତ୍ୱ ଉଜ୍ଜ୍ୱଳ ପ୍ରତିଭାଧାରୀ ମଣିଷ ଯିଏ ଆଜୀବନ ନିଜକୁ କ୍ରୀଡ଼ା କ୍ଷେତ୍ରରେ ଏବଂ ସମାଜସେବା କ୍ଷେତ୍ରରେ ଦରିଦ୍ର ଓ ଅସହାୟ । ସମାଜର ଅବହେଳିତ ଲୋକମାନଙ୍କ ପାଇଁ ସେମାନଙ୍କର ବିକାଶ ପାଇଁ ନିଜକୁ ଯନ୍ତ୍ରଟିଏ କରି ଅନେକ ଉନ୍ନତିମୂଳକ କାର୍ଯ୍ୟ କରି ଚାଲିଥିଲେ । ଓଡ଼ିଶାକୁ ଭଲ ପାଉଥିବା ମଣିଷଟିଏ ଥିଲେ ସେ । ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ସୁସଙ୍ଗଠକ ଏବଂ ଉତ୍ତମ କ୍ରୀଡ଼ାବିତ ଭାବେ ଅନେକ କାର୍ଯ୍ୟ ଜାରି ରଖିଥିଲେ । ସେ ଏଭଳି ବ୍ୟକ୍ତିତ୍ୱ ନିଶ୍ଚିତ ପୂଜା ପାଇବାର ହକଦାର । ପ୍ରଚଣ୍ଡ ସ୍ୱାଭିମାନୀ ମଧ୍ୟ ସେ ଥିଲେ । କେବେ କାହା ପାଖରେ ମୁଣ୍ଡ ନୁଆଁଇ ନାହାନ୍ତି । ଜୀବନର ସାୟାହ୍ନରେ ମଧ୍ୟ ସେ କେବେବି କ୍ଳାନ୍ତ ଅନୁଭବ କରିନଥିଲେ । କ୍ରୀଡ଼ା ଜଗତକୁ ସମୃଦ୍ଧି କରିବା ପାଇଁ ଆଜୀବନ ସାଧନା ଜାରି ରଖିଥିଲେ ସ୍ୱର୍ଗତ ପଟ୍ଟନାୟକ । ଉଭୟ କ୍ରିକେଟ ଏବଂ ଫୁଟବଲ ଖେଳରେ ତାଙ୍କର ପାରଦର୍ଶିତା ପ୍ରଦର୍ଶନ କରି ଜନମାନସରେ ନିଜର ନାମକୁ ଗୌରବାନ୍ୱିତ କରିଥିଲେ । କେବଳ ସେତିକି ନୁହେଁ ବିଭିନ୍ନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରୁ ନିଜର ପ୍ରତିନିଧିତତ୍ୱ ମଧ୍ୟ ଜାରି ରଖିଥିଲେ । ଜଣେ ଜାତୀୟ ସ୍ତରୀୟ ଦକ୍ଷ ଫୁଟବଲମ୍ୟାନ ରୂପେ ତାଙ୍କର ବେଶ୍ ସୁନାମ ରହିଥିଲା । ଆଗାମୀ ଦିନରେ ରହିବ ମଧ୍ୟ ଏଥିରେ ସନ୍ଦେହ ନାହିଁ ।

ସବୁଠୁ ଗୌରବର କଥା ହେଉଛି ସେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ମାନସ ସନ୍ତାନ ତଥା ଓଡ଼ିଶାର ଘରେ ଘରେ ଅତି ପରିଚିତ ଦୈନିକ ସମାଜର କ୍ରୀଡ଼ା ପ୍ରତିନିଧି ରୂପେ ଦୀର୍ଘ ଦିନ ଧରି କାର୍ଯ୍ୟ କରିବା ପରେ ବାର୍ତ୍ତା ସଂପାଦକ ରୂପେ ମଧ୍ୟ କିଛି ବର୍ଷ କାର୍ଯ୍ୟ ସଂପାଦନ କରିଥିଲେ । ଏହା କମ୍ ଗୌରବର କଥା ନୁହେଁ । ଏହି କ୍ରୀଡ଼ାକ୍ଷେତ୍ରରେ କୃତିତ୍ୱ ପାଇଁ ତାଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ପୁରସ୍କାର ଏବଂ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଥିଲା । ତାଙ୍କର ବିୟୋଗରେ ଓଡ଼ିଶା ମାଟି ଜଣେ ବିଶିଷ୍ଟ କ୍ରୀଡ଼ାବିତ୍ ଓ ସାମ୍ବାଦିକଙ୍କୁ ହରାଇଲା ଏହା କହିଲେ ଆଦୌ ଭୁଲ ହେବ ନାହିଁ । ଜଣେ କ୍ରୀଡ଼ା ସାମ୍ବାଦିକ, କ୍ରୀଡ଼ାବିତ କ୍ରୀଡ଼ାରେଫେରୀ ଭାବେ ୫୦ ଦଶକରେ ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ଶ୍ୟାମାକାନ୍ତ ପଟ୍ଟନାୟକ ୧୯୫୯ ରେ ବାରବାଟୀ ଷ୍ଟାଡ଼ିୟମରେ ଏବଂ ୧୯୬୧ରେ ଗୁଆହାଟୀରେ ଆସାମ ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ ଖେଳି ଓଡ଼ିଶା ପାଇଁ ଗର୍ବ ଆଣିଥିଲେ । କେବଳ ସେତିକି ନୁହେଁ ୧୯୬୭ ମସିହାରେ ସର୍ବଭାରତୀୟ ଫୁଟବଲ ମହାସଂଘ (ଏ ଆଇ ଅଫ୍ ଏଫ୍) ଶ୍ରୀ ପଟ୍ଟନାୟକଙ୍କୁ ଜାତୀୟସ୍ତରର ଫୁଟବଲ ରେଫରୀ ମାନ୍ୟତା ଦେଇଥିବା ଏହା କମ୍ ଗୌରବର କଥା ନୁହେଁ । ଏହା ପରେ ୩ ଦଶନ୍ଧି ଧରି ଜାତୀୟ ସ୍ତରରେ ଫୁଟବଲ ରେଫେରୀ ମ୍ୟାଚ ପରିଚାଳନା କରିଥିଲେ । ଓଡ଼ିଶାର ଫୁଟବଲରେ ସେ ଥିଲେ ଅତ୍ୟନ୍ତ ସମ୍ମାନାସ୍ପଦ ବ୍ୟକ୍ତିତ୍ୱ । ୯୦ ଦଶକରେ ଯେତେବେଳେ ଓଡ଼ିଶା କ୍ରୀଡ଼ା ସାମାଜିକ ସଂଘ ଗଠନ ହେଲା ଶ୍ୟାମାକାନ୍ତ ପଟ୍ଟନାୟକ ଥିଲେ ଏହାର ପ୍ରଥମ ସଭାପତି । ସାମ୍ବାଦିକତା ଓ କ୍ରୀଡ଼ା ପ୍ରତି ତାଙ୍କର ଅବଦାନ ପାଇଁ ତାଙ୍କୁ ଡଃ ରାଧାନାଥ ରଥ ଫାଉଣ୍ଡେସନ ପକ୍ଷରୁ ରାଧାନାଥ ରଥ ସାମ୍ବାଦିକତା ସମ୍ମାନ ପ୍ରଦାନ କରାଯାଇଥିଲା ଏହା ମଧ୍ୟ କମ୍ ଗୌରବର କଥା ନୁହେଁ । ଅନେକ ପୁରସ୍କାର ସେ ନିଜର ପାରଦର୍ଶିତା ପାଇଁ ପାଇଥିଲେ । ସେ ହିଁ ଥିଲେ ରାଜ୍ୟର ପ୍ରଥମ କ୍ରୀଡ଼ା ସାମ୍ବାଦିକ । ତାଙ୍କର ବିୟୋଗରେ ଏ ଓଡ଼ିଆ ଜାତି ଜଣେ ଜଣାଶୁଣା ଜାତୀୟସ୍ତରର ଫୁଟବଲ ରେଫେରୀ ଏବଂ ପ୍ରବୀଣ କ୍ରୀଡ଼ା ସାମ୍ବାଦିକଙ୍କୁ ହରାଇଲା । ତାଙ୍କର ସୁପୁତ୍ର ଡଃ ଦ୍ୱିପାୟନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱରୁ ହିଁ ଜଣାପଡ଼ିଯାଏ ଶ୍ୟାମାକାନ୍ତ ପଟ୍ଟନାୟକଙ୍କର କିଭଳି ଗଭୀର ପ୍ରଭାବ ପଡ଼ିଥିଲା । ପିତାଙ୍କ ଗୁଣାବଳୀ ଖୁବ୍ ପ୍ରଭାବିତ କରିଛି ପୁତ୍ର ଦ୍ୱିପାୟନ ପଟ୍ଟନାୟକଙ୍କୁ । ସେ ମଧ୍ୟ ସମାଜର ଦଳିତ, ନିଷ୍ପେସିତ, ଅବହେଳିତ ଲୋକମାନଙ୍କ ପାଇଁ ଜନମଙ୍ଗଳ କାର୍ଯ୍ୟ ଜାରି ରଖିଛନ୍ତି । ତାଙ୍କ ବ୍ୟକ୍ତିତ୍ୱରୁ ଆଜିର ଯୁବପିଢ଼ୀ ଯଦି କିଛି ଶିକ୍ଷାଲାଭ କରି ଅନୁପ୍ରାଣିତ ହୁଅନ୍ତି ତେବେ ତାହାହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ।

ରଘୁନାଥଜିଉ ମହାବିଦ୍ୟାଳୟ, ଚୁଳସୀପୁର, କଟକ ।

# ଭାବର ଠାକୁର ଶ୍ରୀଜଗନ୍ନାଥ

- ଶ୍ରୀ କୁଞ୍ଜ ବିହାରୀ ସାହୁ

ସାନଫ୍ରାନସିସକୋରୁ ଫେରିଛି ଦିବାକର ନିଜ ଜନ୍ମସ୍ଥାନ ପୁରୀକୁ । ଆଖିରେ ଆଖିଏ ସ୍ୱପ୍ନ । କେତେ କଟକଣାରୁ ଝୁଣ୍ଟିଛି ବାଟସାରା । ଭଉଣୀ ବାହାଘର ସରୁ ସରୁ ରଥଯାତ୍ରା ପାଖେଇ ଆସିଛି । ପିଲାଦିନର କଥା ମନେ ପଡ଼ିଯାଉଛି । ସେ ବହୁତଥର ବୁଲିଛି ଶରଧାବାଲିରେ । ମନ ମଉଜରେ ଚାଲିଛି ବଡ଼ ଦାଣ୍ଡରେ । ଭରପୁର ମଜା ଉଠେଇଛି କଲେଜରେ ପାଠ ପଢ଼ିଲାବେଳେ । ହେଲେ ଏଇ କେତେଦିନ ହେଲା ତାକୁ ଭଲ ଲାଗୁନି । ଏକୁଟିଆ ଲାଗୁଛି । ସତେ ଅବା ଗହଳି ଚହଳିର ବାଟ କିଏ ରୋକି ଦେଇଛି । ସାଙ୍ଗମାନଙ୍କୁ ପଚାରିଲେ ଯାହା ଶୁଣୁଛି ଆଖିରେ ଲୁହ ଜକେଇ ଯାଉଛି ।

ଏବେ ଏବେ ପ୍ରଶାସନ କଟକଣା ଜାରି କରିଛି । ପୁରୀର ପ୍ରବେଶପଥକୁ ସିଲ୍ କରିଦେଇଛି । ରଥାଯାତ୍ରାରେ ରଥ ପାଖକୁ ଯିବା ନିଷେଧ କରାଯାଇଛି ଭକ୍ତଙ୍କ ପାଇଁ । ରଥ ଦଉଡ଼ି ଛୁଇଁବାକୁ ବି ମନା । କେବଳ ସେବାୟତ ସୁରକ୍ଷାକର୍ମିମାନେ ଟାଣିପାରିବେ ରଥ ଦଉଡ଼ିକୁ ।

ମରୀଚକୋଟ ଛକରେ ଠିଆହେଇ ଦେଖୁଛି ଦକ୍ଷିଣମୁହାଁ ହୋଇରହିଥିବା ତିନୋଟି ରଥକୁ । ପିଲାଦିନର ସାଙ୍ଗ ରଘୁଆ ହଠାତ୍ ଦିବାକୁ ଦେଖି ଚମକି ପଡ଼ିଲା । ଦିବା ରଘୁଆକୁ ଦେଖି ଏତେ ଖୁସି ହେଇଗଲା ଯେ କୁଣ୍ଢେଇପକାଇବାକୁ ଭାବିଲାବେଳକୁ ରଘୁଆ କହିଦେଲା – ନା, ନା ରେ ଦିବା ଆଉ ପିଲାବେଳ ନାହିଁ । କି ବେଳ ଆସି ପହଞ୍ଚିଲା ସେ ସାଙ୍ଗକୁ ଛୁଇଁବା ମନା । ତୁ କେମିତି ମୋତେ କୁଣ୍ଢେଇବୁ ଯେ ।

ଯାହାହେଉ ହସ ଖୁସିରେ କିଛି ସମୟ ଗପିଲେ ଦୁହେଁ । ପୁରୀ ସହର ତା ନିଜ ଜନ୍ମ ମାଟି କେତେ ବଦଳି ଯାଇଛି ମନେ ମନେ ଭାବିଲା ଦିବାକର । ରଘୁଆ କହିଦେଲା ଜାଣିଛୁ ଦିବା ଠାକୁରଙ୍କ ଆଜ୍ଞାମାଳ ବିଜେ ହୋଇଛି ଆଜି । ତିନି ବିଗ୍ରହଙ୍କର ନବ ଯୌବନ ବେଶ ସରିଯାଇଛି । ରାତି ପାହିଲେ ପ୍ରଭୁଙ୍କର ଘୋଷଯାତ୍ରା । ହେଲେ ଆମେ କେହି ରଥ ପାଖକୁ ଯାଇପାରିବାନି । ଆମେ ଦିହେଁ କେତେଥର ରଥ ଦଉଡ଼ି ଟାଣିଛେ କଲେଜରେ ପଢ଼ିଲାବେଳେ । ସେ କାଳିଆ ଠାକୁର ଅଛି । ତା ଭାଇ ବଳିଆ ଆଉ ଭଉଣୀ ସୁଭଦ୍ରା ବି ପାଖେ ପାଖେ ଅଛନ୍ତି । କିନ୍ତୁ କାହିଁକି କେଜାଣି ଏ ବିଦେଶୀ କରୋନା ରୋଗଟା ମାଡ଼ିଆସିଲା ଯେ କଥାଟା ଶୁଣିଲାବେଳକୁ ଭୟ ଲାଗୁଛି । କେହି କାହା ସହ ଭଲଭାବେ ମିଶିପାରୁନାହାନ୍ତି । ତୁଣ୍ଡ ଖୋଲି କଥା ବି ହେଇପାରୁନାହାନ୍ତି । ଚାଲ ଚାଲ ଘରକୁ ପଳେଇବା । ଆମେ ଦୁହେଁ ସାଙ୍ଗ ହେଇ ଗପିଲେ ପୁଲିସ ଆସି ଆମକୁ ତାଗିଦ କରିବ । ଦିବାକର ଡରିଗଲା ରଘୁଆ କଥା ଶୁଣି । ସହଜରେ ରଘୁଆ ଡରକୁଳା । ପୁଲିସକୁ ରଘୁଆର ବଡ଼ ଡର । ଦେଖିଦେଲେ ଯେମିତି ପ୍ୟାଣ୍ଟରେ ହେଇଯିବ ।

ହଉ ଚାଲ ରଘୁଆ ଘରକୁ । ବାପା ବୋଉ ଚାହିଁ ବସିଥିବେ । ମୋ ବୋଉ ତ ତୋଠୁ ଆହୁରି ଡ଼ରକୁଳା । ମୁଁ ଘରକୁ ଫେରିବା ଡେରି ହେଇଗଲେ ତା ମନରେ ଛନକା ପଶିଯିବ । ବାଟସାରା ଦୁଃଖସୁଖ ହେଇ ଦୁଇ ସାଙ୍ଗ ଘରକୁ ଫେରିଲେ ।

ଆଜି ଠାକୁରଙ୍କ ଘୋଷଯାତ୍ରା । ସକାଳୁ ସକାଳୁ ନିଦ ଭାଙ୍ଗିଗଲା ଦିବାର । ମୁହଁ ହାତଧୋଇ ବ୍ରଶ୍ କଲା । ଜଳଖିଆ ଖାଇଲା । ନୂଆ ଡ୍ରେସ ପିନ୍ଧି ଘର ଠାକୁରଙ୍କୁ ମୁଣ୍ଡିଆଟେ ମାରି ବାହାରିଗଲା ବଡ଼ଦାଣ୍ଡକୁ । ଦେଖିଲା ଶୂନଶାନ୍ ରାସ୍ତା । କର୍ଫ୍ୟୁ ଜାରିହେଇଛି । ପଦାକୁ କେହି ବାହାରୁନାହାନ୍ତି । ଖାଁ ଖାଁ ଭିତରେ ନିଜେ ଡରିଗଲା । ଠାକୁରଙ୍କୁ ମୁଣ୍ଡିଆ ମାରିଲା । ହେ କାଳିଆ ପତିତପାବନ ଜଗତର ନାଥ ଜଗନ୍ନାଥ । କରୋନାରେ ଭକ୍ତଙ୍କୁ ମନା କରିଦେଇଛ ଏକାଠି ହେବାକୁ । ରଥ ଦଉଡ଼ି ଟାଣିବାକୁ ମୁଁ ସାତ ଦରିଆ ତେର ନଈ ପାରିହେଇ ଆସିଛି ମୋତେ ତୁମ ପାଖକୁ ଡାକିବନି ।

ହଠାତ୍ ଜଣେ ସୁରକ୍ଷାକର୍ମୀ ପାଖକୁ ଆସି କହିଲେ ତୁମେ ଦିବାକର ନା ମହେଶ ମହାରଣାର ପୁଅ ? ହଁ ହଁ ମୁଁ ଦିବାକର । ସାନଫ୍ରାନସିସୋକୋରେ ଜବ କରୁଛି । ସାନ ଭଉଣୀ ବାହାଘରକୁ ଆସିଥିଲି । ଭାବିଥିଲି ମୁଁ ଆଉ କିଛି ଦିନ ଏଠି ରହିଗଲେ କାଳିଆ ଠାକୁରଙ୍କ ରଥକୁ ଛୁଇଁଦେବି । ରଥ ଦଉଡ଼ି ଟାଣି ଟାଣି ଗୁଣ୍ଡିଚା ମନ୍ଦିରକୁ ମୋ କାଳିଆ ସାଆନ୍ତକୁ ନେଇଯିବି । ହେଲେ...

ହଉ ଠିକ୍ ଅଛି । ସୁରକ୍ଷାକର୍ମୀ ଆଶ୍ୱାସନା ଦେଇ ଦିବାକରକୁ ରଥ ପାଖକୁ ନେଇଗଲେ । ଅଳ୍ପସମୟ ଭିତରେ ଦିବାକର ରଥଚକାକୁ ମୁଣ୍ଡିଆ ମାରିଲା । ରଥ ଦଉଡ଼ିକୁ ଛୁଇଁଦେଲା । ଆଖି ପୂରେଇ ଦେଖିଦେଲା ତା ପ୍ରିୟ ଠାକୁର ଜଗା କାଳିଆକୁ । ରଥ ଦଉଡ଼ି ଟାଣିବାକୁ ସୁଯୋଗ ସିନା ମିଳିଲାନି ହେଲେ ରଥଚକାରେ ମୁଣ୍ଡିଆ ମାରିଥିବାରୁ ନିଜକୁ ଧନ୍ୟ ମନେକଲା । ଶୁଣୁଥିଲା ଘଣ୍ଟ ଘଣ୍ଟ କାହାଳୀର ନାଦ । ପଣ୍ଡା ପଡିହାରୀଙ୍କ ପୁରୀ ବୋଲି ଠାକୁରଙ୍କୁ ଦେଖି କୋଟି ଯୁଗର ତପସ୍ୟା ପୂରଣ ହେଲାପରି ଲାଗିଲା ତାକୁ ।

ପଛକୁ ଫେରି ଚାହିଁ ଦେଖେ ତ ସେ ସୁରକ୍ଷାକର୍ମୀ ପାଖରେ ନାହାନ୍ତି । ଦିବାକୁ ଆଶ୍ଚର୍ଯ୍ୟ ଲାଗିଲା । ମହାପ୍ରଭୁ ମୋ ମନକଥା ବୁଝିପାରିଲେ । ନୋହିଲେ ମୁଁ କେମିତି ଏ କଟକଣା ଭିତରେ ମୋ ଇଷ୍ଟ ଠାକୁରଙ୍କ ରଥ ଚକକୁ ଛୁଇଁପାରିଲି । ହେ ପ୍ରଭୁ ଜଗନ୍ନାଥ ତୁମେ ତ ଅନ୍ତର୍ଯ୍ୟାମୀ । ତୁମେ ତ ଭାବ ବିନୋଦିଆ । ଭାବର ଠାକୁର । ତୁମେ ହିଁ ଭକତର । ତୁମର ଆଶୀର୍ବାଦ ମୋ ମୁଣ୍ଡ ଉପରେ ଲଦି ହେଇଯାଉ ପ୍ରଭୁ । ଆଜିର ଏ ଘୋଷଯାତ୍ରାରେ ତୁମ ଦର୍ଶନ ପାଇଁ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି । ସାତ ଦରିଆ ଦେର ନଈ ପାରିହୋଇ ଆସିବାର ଶ୍ରମ ସାର୍ଥକ ହେଇଗଲା ପ୍ରଭୁ ।

ଏଲ.ଆଇ.ଜି ୧୫ ନୟାପଲ୍ଲୀ,
ବ୍ରିଟକଲୋନୀ, ଭୁବନେଶ୍ୱର ।

# ବୁଲି ବଳିଆ ୱାଚ ମ୍ୟାନ

- ବନଲତା ସିଂହ

ବଳିଆ ଆଉ ବୁଲି ଦୁଇଜଣ ଘନିଷ୍ଠ ବନ୍ଧୁ ଥିଲେ । କୁକୁରର ନା ବଳିଆ ଆଉ ବିଲେଇ ନାଁ ବୁଲି । ରମାନାଥଙ୍କ ଘରେ ଏମାନଙ୍କର ହେତୁ ପାଇଲା ଦିନୁ ରହି ଆସିଛନ୍ତି । ବିନା ବେତନରେ ବଳିଆ ମାଲିକ ଘରେ ୱାଚମ୍ୟାନ୍ କାମ କରେ । ମାଲିକର ସୁଖ ଦୁଃଖର ସାଥୀ । ବଳିଆ ବୁଲିକୁ ଭାରି ଭଲପାଏ । ଦୁହେଁ ପ୍ରାୟ ଏକାଠି ବସନ୍ତି, ଶୁଅନ୍ତି, ଯାହା କରନ୍ତି ଦହେଁ ବିଚାର କରି କରନ୍ତି । ବଳିଆ ଥକା ମାରି ଟିକେ ଶୋଇ ପଡ଼ିଥିଲେ ବୁଲି ମ୍ୟାଉଁ ମ୍ୟାଉଁ କରି ତା ଦେହରେ ଘଷି ହୋଇ ତାକୁ ଉଠାଏ । ବଳିଆ ବୁଲିକୁ ଡରେଇବାକୁ ଟିକେ କୃତ୍ରିମ ରାଗ ଦେଖାଇ ଭୁକେ । ବୁଲି ଡରିକରି ପଳାଇ ଆସେ । ପୁଣି କିଛି ସମୟପରେ ଯୋଉ କଥାକୁ ସେଇକଥା । ବଳିଆ ମାଲିକର ଭାରି ବିଶ୍ୱସ୍ତ । ମାଲିକ ବାହାରୁ ଘରକୁ ଫେରିଲେ ବଳିଆ ଆଗେ ଯାଇ ସ୍ୱାଗତ କରେ । ଯଦି ମାଲିକ ଆସିବାକୁ ଡେରି କରନ୍ତି, ବଳିଆ ମାଲିକ ଆସିଲେ ନିଜର ପେଟକୁ ଦେଖାଇ କହେ ତୁମେ ଖାଇନ ବୋଲି ମୁଁ ଖାଇନି ମୋତେ ଭୋକ ଲାଗିଲାଣି । ମାଲିକ ଥାପୁଡ଼ାଇ ଘରକୁ ଯାଇ ଖାଇ ବସନ୍ତି । ବଳିଆ ଆନନ୍ଦରେ ଅପେକ୍ଷା କରେ କିନ୍ତୁ ବଳିଆର ଟିକିଏ ଭୁଲ ହେଲେ ବହୁତ ଶାସ୍ତି ପାଏ । ଗୋଇଠା ଆଉ ଅଇଁଠା ଖାଇ ସେ ପଡ଼ି ରହିଥାଏ । ମାଡ଼ ଖାଇଲାପରେ ଟିକେ ଅଭିମାନ କରି ଟିକିଏ ଦୂରରେ ମୁହଁକୁ ଗୁଞ୍ଜି ଶୋଇପଡ଼େ । ପୁଣି ମନ ବୁଝିଗଲେ କୁଁ କୁଁ କରି ଲାଞ୍ଜ ହଲାଇ ଓଳିତଳେ ଶୋଇପଡ଼େ । ବୁଲି ଏସବୁ ଦେଖି ମନ ଦୁଃଖ କରେ । ବେଳେବେଳେ ବେନିଜନେ ସମଦଶା ପଡ଼େ ।

ବଳିଆକୁ ମାଡ଼ କି ଗାଳି ହେଲେ ବିଲେଇ ମନ ଦୁଃଖ କରି ମ୍ୟାଉଁ ମ୍ୟାଉଁ କରି ବଳିଆ ଦେହରେ ଘଷି ହୁଏ । ଘୁଡୁ ଘୁଡୁ କରି ତାକୁ ଗୀତ ଶୁଣାଏ । ବଳିଆ ଲାଞ୍ଜ ହଲାଇ ତାକୁ ସମର୍ଥନ କରେ । ବୁଲିକୁ ମାଡ଼ ଗାଳି ହେଲେ ବଳିଆ ଦୁଃଖ କରେ । ଭୋ ଭୋ କରି ମାଲିକିଆଣୀକୁ କହେ ମାଗୋ ମାରନା, ପିଲାଲୋକ, କ'ଣ ଟିକେ ଭୁଲ କରି ଦେଇଛି ଛାଡ଼ିଦିଅ । ବୁଲି ବଳିଆ ପାଖକୁ ଦଉଡ଼ି ଆସେ । ମୁହଁକୁ ମୁହଁ ଯୋଡ଼ି ଦୁଃଖ ସୁଖର ଭାଗି ହୋଇ ଶୋଇ ପଡ଼ନ୍ତି । ପୁଣି ଖରାବେଳେ ଏକାଠି ହୋଇ ଖୁସି ଗପ କରନ୍ତି ।

ଦିନେ ବୁଲି କହିଲା - ଆରେ ବଳିଆ ମୋର କାହିଁକି ଆଉ ଆଇଁଷ ଖାଇବାକୁ ଇଚ୍ଛା ହେଉନି । ମୁଁ ଯାଉଛି କେଉଁ ମଠବାଡ଼ି କିମ୍ବା କେଉଁ ନିରାମିଷାଶୀ ଘରେ କିଛି ଦିନ ରହି ପୁଣି ଚାଲଇ ଆସିବି । ଏଠି ତ ଦିନରାତି ଆଇଁଷ, ମୋତେ କିଏ ନିରାମିଷ କରିକି ଦେବ ? ମୁଁ ମନସ୍ଥ କରିଛି କିଛିଦିନ ଚାଲିଯିବି । ତୁ ଚାଲୁନୁ । ଆମେ ଦୁହେଁ ମିଶିକରି ଯିବା ପୁଣି ଫେରିଆସିବା । ବଳିଆ କହିଲା - ନାହିଁଲୋ ବୁଲି, ସକଳ ତୀର୍ଥ ତୋ ଚରଣେ । ବଦ୍ରିକା ଯିବି କି କାରଣେ । ମୋର ଦେହତୁ ପାଇଲା ଦିନୁ ମୁଁ ଏଇଠି ଅଛି । ମୋ ଶବ ମଧ୍ୟ ଏଇଠୁ ଉଠିବ । ଏଣୁ ମୁଁ ଏ ଘର ଛାଡ଼ି କୁଆଡ଼େ ଯାଇ ପାରିବିନି । ବୁଲି କହିଲା - ଧନ୍ୟରେ ବଳିଆ ଲୋକେ କହନ୍ତି ବାରବୁଲା ଅଇଁଠା ଖିଆ କୁକୁର । କିନ୍ତୁ ତୁ ଏକନିଷ୍ଠ ହୋଇ ମାଲିକର ଲୁଣ ଖାଇ ଗୁଣ ଗାଉଛୁ ହେଉ ତୁ ଥା । ମୁଁ ଯାଉଛି କିଛି ଦିନ ବୁଲାବୁଲି କରି ଚାଲି ଆସିବି । ବୁଲି କହିଲା - ମୋ ମନ ଭାରି ଚଞ୍ଚଳ, ମୁଁ ମନ କରିଛି ମାନେ ଆଉ ରହିପାରିବିନି କହି ଚାଲିଗଲା । ବଳିଆ ଛଳଛଳ ଆଖିରେ ଚାହିଁ ରହିଥିଲା ।

ବୁଲି ପ୍ରାୟ ଛମାସ କାଳ ବୁଲିବୁଲି ବହୁତ ଅନୁଭୂତିକୁ ଧରି ପୁଣି ବଳିଆ ପାଖକୁ ଫେରିଆସିଲା । ବଳିଆ ଆନନ୍ଦରେ ତାକୁ ସ୍ୱାଗତ କଲା । ବଳିଆ କହିଲା ଯା' ଖାଇପିଇ ବିଶ୍ରାମ ନେ । ପଛରେ ତୋର ଅନୁଭୂତି ଗପିବୁ । ଏବେ ଧୀରେଧୀରେ କହ ବୁଲି ଆରମ୍ଭ କଲା । - ମୁଁ ପ୍ରଥମେ ଗୋଟିଏ ସାଧୁ ଆଶ୍ରମରେ ପହଞ୍ଚିଲି । ସେଠାରେ ଦିନରାତି ହରିନାମ କୀର୍ତ୍ତନ । ଯଜ୍ଞ, ଯୋଗ ଧ୍ୟାନରେ ଆଶ୍ରମ ମୁଖରିତ । ଦିନରାତି ଖାଇବା ପିଇବା ଚାଲିଥାଏ । ମୁଁ ଭାବିଲି ଏଠାରେ ରହିଲେ, କ୍ଷୀର ଦହି ଘିଅ ଆଉ ଅମାଲୁ ଦମାଲୁ ଖାଇବାକୁ ମିଳିବ । କିଛି ଦିନ ରହି ପାଟି ଖରାପ ହୋଇ ଗଲେ ମୁଁ ପୁଣି ବଳିଆ ପାଖକୁ ଫେରିଯିବି ।

ସେଠାରେ ଦେଖିଲି, ବିଳମ୍ବିତ ରାତିରେ ସାଧୁଙ୍କ ଘରଟି ଦାମୀ ଫୁଲରେ ସଜାହୁଏ । ନାଲି ନେଳି ବଲବରେ ଧପଧପ ହୋଇ ବହୁତ ସୁନ୍ଦର ଦିଶେ । କୋଠରୀ ଭିତରୁ ଦାମୀ ଅତରର ବାସନା ମନକୁ ମୋହିନିଏ । ବାଡ଼ି ପଛପଟୁ କୁକୁଡ଼ାର ମରଣାତ୍ମକ ଚିତ୍କାର ଆଉ ହାଣ୍ଡି କଡ଼େଇର ଖଡ଼ଖାଡ଼ ଶବ୍ଦ । ଆଉ ଆମିଷର ଭୁରି ଭୁରି ଗନ୍ଧ ମୋତେ ପାଗଳ କରିଦେଲା । ରାତି ପାହାନ୍ତାରେ ଗୋଟିଏ ସୁନ୍ଦରୀ ଝିଅର କେଶ ଆଲୁଳିତ ବସ୍ତ୍ରବିବସ୍ତ୍ରିତ ହୋଇଛି ତାକୁ ଦୁଇଜଣ ଲୋକ ନେଇ ଅପେକ୍ଷାରତ କାରରେ ନେଇ ଚାଲିଗଲେ । ମୁଁ ଏସବୁ ଦେଖି ଘୃଣାରେ ମୋ ଦେହ ଜଳିଗଲା ପରି ଲାଗିଲା । ରାତି ପାହିଲା ମୋର ସନ୍ନ୍ୟାସୀ ହେବା ନୋହିଲା । ମୁଁ ଆଶ୍ରମ ଛାଡ଼ି ଚାଲିଆସିଲି କାରଣ ମୁଁ ଯାହା ସେ ତ ସେଇଆ ମୋର କ'ଣ ଶିଖିବାର ଅଛି ।

ମୁଁ ତା' ପରଦିନ ଆଶ୍ରମ ଛାଡ଼ି ଚାଲିଆସିଲି । ବୁଲି ବୁଲି ଦେଖିଲି, ଗୋଟିଏ ଜାଗାରେ ଲେଖା ହୋଇଛି ଗୁରୁନିବାସ । ତାଙ୍କ ପଡିଶୀ ଘରେ ଲେଖା ହୋଇଛି ଗୁରୁ ଆଶ୍ରିତ । ମୁଁ ଭାବିଲି ଏହି ଠିକ୍ ଜାଗା । ମୁଁ ପ୍ରଥମେ ଗୁରୁନିବାସକୁ ଗଲି । ଦେଖିଲି ଭାରି ପରିଷ୍କାର ପରିଚ୍ଛନ୍ନ ଏମାନେ ଆମିଷ ପାଖକୁ ଯାଆନ୍ତିନି । ପିଆଜ ରସୁଣ ଦେଖିଲେ ବିଛୁଆତି ଲାଗିଲା ପରି ଡିଅନ୍ତି । କିଛି ସମୟପରେ ପୁଅ ଅଫିସ ବାହାରିଲାବେଳକୁ ବୁଢ଼ା ବାପା ଡାକି କହିଲା - ପୁଅରେ ମିଠା ଗୋଟିଏ ଖାଇବାକୁ ଭାରି ଇଚ୍ଛା ହେଉଛି, ଅଫିସରୁ

ଫେରିଲାବେଳକୁ କ'ଣ ଗୋଟିଏ ମିଠା ଆଣିଥିବୁ । ମୁଁ ଖାଇବି । ପୁଅ ବିରକ୍ତ ହୋଇ କହିଲା - ଇଚ୍ଛାକୁ ଦମନ କର । ମିଠା ଖାଇଲେ ମଧୁମେହ ରୋଗ ହେବ । ଏକଥା ଟି.ଭିରେ ଦେଖୁନ । ଯଦି ଇଚ୍ଛା ହେଉଛି ଗୁଡ଼ କି ଚିନି ଟିକେ ଖାଇଦିଅ । ମୁଁ ଅଫିସ କାମରେ ବାହାରିଛି ତୁମେ ପଛରୁ ଡାକୁଛ ?

ମୁଁ ଭାବିଲି - ଖାଦ୍ୟରେ ନିରାମିଷ, କାମରେ ଏତେ ନୃଶଂସ । ତା ପରଦିନ ପଡ଼ିଶା ଘରକୁ ଗଲି । ସେମାନେ ଗୁରୁ ଆଶ୍ରିତ । ତାଙ୍କର ସବୁକାମ ଆଧ୍ୟାତ୍ମିକ ହୋଇଥିବ ବୋଲି ଯେମିତି ଯାଇଛି ପ୍ରଥମେ ତାଙ୍କ ୱାଚମ୍ୟାନ୍ ମୋତେ ଘଉଡାଇବାକୁ ଚେଷ୍ଟା କଲା । ମୁଁ ତାକୁ ପାଟି କଲି ଗୁରୁ ଆଶ୍ରିତ ଘରେ ରହିଛୁ ଭଦ୍ରାମୀ ଜାଣିନୁ । ଅତିଥିକୁ ଏପରି ବ୍ୟବହାର କରୁଛୁ । ତା ପାଖରୁ ଖସି ପଳାଇ ଆସିଲି । ଦେଖିଲି ମାଲିକିଆଣୀ ବସି ଟିଭି ଦେଖୁଛନ୍ତି, କଲିଙ୍ଗ ବେଲ ବାଜିଲା ମାଲିକିଆଣୀ ବିରକ୍ତ ହୋଇ କହିଲେ - କିଏ ଗୋଟାଏ କାଙ୍ଗାଳ ଆସିଲାଣି । ଏ ଭିକାରୀ ଦାଉରେ ଆଉ ରହି ହେବନାହିଁ । ଯେମିତି ବାପ ଏଠି ଧାଡ଼ି ମାରି ରଖିଛି । ମଣିଷ ଟିକେ ସିରିଏଲ ଦେଖୁଥିଲା ।ତାକୁ ଟିକେ ଦେଖାଇ ଦେବେନି । କବାଟ ଖୋଲି ଦେଖିଲେ ଗୋଟିଏ ଭିନ୍ନକ୍ଷମ ଭିକାରୀ କିଛି ଖାଇବାକୁ ମାଗୁଛି । ମାଲିକିଆଣୀ ଗର୍ଜିଉଠି କହିଲେ - ତୁମ ଭିକାରୀ ଜାତିଙ୍କର କ'ଣ ସମୟ ଜ୍ଞାନ ନାହିଁ । ଯେତେ ବେଳେ ଇଚ୍ଛା ଚାଲି ଆସି କଲିଙ୍ଗ ବେଲ୍ ମାରିବ । ନହେଲେ କବାଟ ବାଡ଼େଇବ । ଯାଅ ଯାଅ ପର୍ବପର୍ବାଣୀରେ ଆସିଲେ କ୍ୟାମେରା ଆଗରେ ଦାନ ଦିଆଯିବ । ଯେମିତି ସମସ୍ତେ ଦେଖିବେ । ଆଉ ଏ ଅବେଳାରେ ଆସି ଆମକୁ ହଇରାଣ କରନି କହି କବାଟକୁ ଧଡ଼୍ କରି ବନ୍ଦ କରିଦେଲେ । ମୁଁ ଦେଖି ଆଶ୍ଚର୍ଯ୍ୟ ହେଲି । ଏମାନେ ଅତିଥିଦେବ କହି ଦିନ ରାତି ପ୍ରାର୍ଥନା କରୁଛନ୍ତି, ପୁଣି ଏ କ'ଣ ? ମନକୁ ବୁଝାଇ ଦେଲି ସେ ଯାହା ହୁଅନ୍ତୁ କିନ୍ତୁ ଆମିଷ ଛାଡ଼ିଛନ୍ତି ।

ତା'ପରେ ଆଉ ଗୋଟିଏ ଜାଗାକୁ ଗଲି । ଦେଖିଲି ଲେଖା ହୋଇଛି ପ୍ରଭୁ କୃପା ଭିତରକୁ ଗଲି ଓ ଦେଖିଲି ବୁଢ଼ୀ ମାଆଟିଏ ପୁଅକୁ ଡାକି କହୁଛି ପୁଅରେ ଅଫିସ ଗଲାବେଳେ ମୋ ଚଷମାଟା ନେଇଯିବୁ ସଜାଡ଼ି ଆଣିବୁ । ମୋତେ କିଛି ଦେଖା ହେଉନି । ପୁଅ ବିରକ୍ତ ହୋଇ କହିଲା - ଏଇଟା କ'ଣ ଚଷମା ସଜାଡ଼ିବା ବେଳ । ତୋର ଚଷମା କ'ଣ ନିହାତି ଦରକାର । କ'ଣ କବିତା ଲେଖିବୁ ? କବି ସମ୍ମିଳନୀ ଯିବୁ ନା ଫେସନରେ ପିନ୍ଧିବୁ । ଘରଣୀ ମଧ୍ୟ ଆସି ଯୋଡ଼ିହୋଇ କଥାକୁ ଯୋଡ଼ିଦେଲେ । ବୁଢ଼ୀର କାମ ତ କିଛି ନାହିଁ । ଚାରି ବକତ ଖାଇବାକୁ ମିଳି ଯାଉଛି, ହଜମ ହେଉନି । ବକର ବକର ହେଉଛି । ତୁମେ ଯାଅ ତୁମ କାମ କର । ସ୍ୱାମୀ ହରିଓଁ କହି ସଲାମ କରି ଚାଲିଗଲେ । ମୁଁ ନିଜକୁ ପଚାରିଲି କ'ଣ କିରେ ? ପୁଣି ଭାବିଲି ସେ ଯାହା ହେଉ ଆଇଁଷ ଛାଡ଼ିଛନ୍ତି ।

ବଳିଆ ପଚାରିଲା - ବୁଲି ତୁ କ'ଣ ଶୀଘ୍ର ଫେରି ଆସିଲୁ ? କ'ଣ ଗଣେଶଙ୍କ ପରି ସଂସ୍କାର ଚାରିପଟ ବୁଲି ସଂସାର ପ୍ରଦକ୍ଷିଣ କରି ଚାଲିଆସିଲୁ । ବୁଲି କହିଲା - ତୁ ଏତେ ଛଳାନା । ଜାଣିଛୁ ସବୁ ଦେଖିଲାପରେ ଜାଣିଲି ଏ ଦୁନିଆ ବଡ଼ ବିଚିତ୍ର । ହଉ ଏଇ କେଇଦିନ ଭିତରେ ତୋ ଖବର କ'ଣ କହ । ବଳିଆ କହିଲା - କାଲି ଜଣେ ଭଦ୍ରଲୋକ ସାର୍ଟସୁଟ ପିନ୍ଧି କାରରେ ଆମ ଘରକୁ ଆସିଲେ । ଆମ ମାଲିକ ଦଉଡିଯାଇ ତାଙ୍କୁ ପାଛୋଟି ଆଣିଲେ । ମୁଁ ମଧ୍ୟ ଭୁକି ଭୁକି ତାଙ୍କୁ ସ୍ୱାଗତ ଜଣାଇଲି ଓ ଦେଖିଲି ସେ କାଖରେ ଗୋଟିଏ ବିଦେଶୀ କୁକୁରକୁ ଧରି ଆସୁଛନ୍ତି । ମୋତେ ଦେଖି ଘୃଣାରେ ମୁହଁ ଲୁଚାଇ ଦେଲା । ଆଉ ଅଳପ ଚାହିଁ ମୁରୁକେଇ ହସିଲା । ମୁଁ ପଚାରିଲି ହସୁଛୁ କାହିଁକି ? ସେ କହିଲା - ମୋତେ ଦେଖି ତୁ କିଛି ଜାଣିପାରୁନୁ ? ମୁଁ ଦାମୀ ଗାଡ଼ି ଚଢୁଛି, ଦାମୀ ଖାଦ୍ୟ ଖାଉଛି ଆଉ ଦାମୀ ବିଛଣାରେ ଶୋଉଛି । ଦାମୀ ସାବୁନ ଲଗାଇ ଗାଧୋଉଛି, ମୋ ପାଇଁ ଚାକର ଖଞ୍ଜା ହୋଇଛି । ମାଲିକ ସାଙ୍ଗରେ ଫୁଟବଲ ଖେଳିଲାବେଳେ ବଡ଼ ମଜା ଲାଗେ । ତୋର ଭାଗ୍ୟ ଖରାପ ତୁ ବାରବୁଲା ମା'ଠାରୁ ଜନ୍ମ ନେଇଛୁ । ଯଦି ମୋ ପରି ବିଦେଶିନୀ ମାଆଠାରୁ ଜନ୍ମ ନେଇଥାନ୍ତୁ ଅଏସରେ ରହିଥାନ୍ତୁ । ମଣିଷଙ୍କ ଠାରୁ ସେବା ପାଇଥାନ୍ତୁ । ତୁ ତାଙ୍କର ସେବା କରୁଛୁ ତା ବଦଳରେ ଅଇଁଠା ଖାଇ ଗୋଇଠା ଖାଉଛୁ ।

ବଳିଆ କହିଲା - ବୁଝିଲୁ ବୁଲି, ସେ ଅହଂକାରୀକୁ ମୁଁ କହିଲି - ଏତେ ଡ଼ମ ଗପନା । ତମର ସେଠାରେ ମାଆ ପିଲାଙ୍କର ସମ୍ପର୍କ କ'ଣ ଜାଣ ? ଆମର ଏଠାରେ ମା'ଛୁଆ ଭାଇଭାଇ, ବନ୍ଧୁବନ୍ଧୁର ସମ୍ପର୍କ ବହୁତ ନିବିଡ଼ । ତୋତେ ଗୋଟିଏ ଚାପୁଡ଼ା ଦେଲେ ତୁ ମରିଯିବୁ । ଆମେ ଅଇଁଠା ଖାଇଲେ ମାଲିକ ଦେହରେ ମାଛିଟିଏ ବସେଇ ଦେବୁନି । ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଶତ୍ରୁ ସହିତ ଲଢ଼ିବୁ । ଆମେ କ'ଣ ଖାଲି ମାଲିକ କଥା ବୁଝୁ । ସାଇ ପଡ଼ିଶାର ଆମେ ଖବର ବୁଝୁ । ଶୀତ କାକର ବର୍ଷା ସହି ସୀମାନ୍ତରେ ଜବାନ ଜଗିଲା ଭଳିଆ ଆମେ ଜଗି ରହିଥାଉ । ଆମକୁ ସେଇଥିରେ ବହୁତ ଆନନ୍ଦ ମିଳିଥାଏ । ଆଉ କ'ଣ କହିଲୁ ? ମାଡ଼ ଅଇଁଠା ଖାଇ ପଡ଼ିଛି । ଆରେ ସେଥିରେ କେତେ ସ୍ନେହ ଥାଏ ତୁ କ'ଣ ବୁଝିବୁ ? ତା'ପରେ ମୋତେ ତ କାଟୁନି ତୋତେ କାହିଁକି କାଟୁଛି । ଏତିକି କହନ୍ତେ ସେ ତା ମୁହଁକୁ ମାଲିକର ଛାତିରେ ଗୁଞ୍ଜିଦେଲା ।

ବୁଲି କହିଲା - ହଁରେ ବଳିଆ । ମୁଁ ତୋ କଥା ନମାନି ଚାଲିଗଲି କିନ୍ତୁ ମୋତେ ଆମ ମାଲିକ ଘର ଛଡ଼ା ଆଉ କାହାଘର ଭଲ ଲାଗିଲାନି । ଆମ ମାଲିକ ଖାଦ୍ୟ ଉପରେ ନଜର ନଦେଇ ଦୟା ଧର୍ମ ସଂସ୍କାର ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ଆମ ମାତୃଭୂମି ଆମକୁ ବଡ଼, ଆମେ କାହିଁକି ଅନ୍ୟକୁ ଅନୁକରଣ କରିବା । ବଳିଆରେ ମୁଁ ଯାଇ ଯାହା ଦେଖିଲି, ଧର୍ମ ନାମରେ ନିରାମିଷ ହୋଇ ସବୁ ଦୁଷ୍କର୍ମରେ ଲିପ୍ତ । କିନ୍ତୁ ଆମିଷ ଛାଡ଼ିଛନ୍ତି ବୋଲି ଭାରି ଗର୍ବ । ବଳିଆ କହିଲା ବୁଲି ତୁ ଆଉ ଓଲିଆ କାମ କରିବୁନି କି ମାଡ଼ ଖାଇବୁନି । ଯା ତାଙ୍କ ଘର ଦୁଆର ମୁହଁ ପାଖରେ ଜଗିବୁ ଆଉ ମୁଁ ଏ ବାହାର ପାହାଚ ତଳେ ଜଗିବି । ଆମେ ବୁଲି-ବଳିଆ ୱାଚ୍‌ମ୍ୟାନ୍ ।

ଗଣ୍ଡରପୁର, କଟକ ।

# ଅସୁମାରୀ ଆଶା

- ସୁଧାଂଶୁ ଶେଖର ଦ୍ୱିବେଦୀ

ଶାଢ଼ି ଅକ୍ଷର ଦୁଇଟିର ସମଷ୍ଟି । କିନ୍ତୁ ଲମ୍ବିଥାଏ ଆଠରୁ ନଅ ମିଟରଯାଏ... । ଆଉ ପ୍ରତିଷ୍ଠିତ ହୋଇଥାଏ ବିଭିନ୍ନ ବର୍ଣ୍ଣରେ ବର୍ଣ୍ଣାୟିତ ହୋଇଥିବା ସୂତାଗୁଚ୍ଛରେ । ପରିସ୍ଫୁଟ ହୋଇଥାଏ ଅନେକ ନାମରେ । ଯେଉଁଥିରେ ଲୁଚି ରହେ ହିନ୍ଦୁ ନାରୀର ସର୍ବାଙ୍ଗ ଶରୀର । ଢାଙ୍କିଥାଏ ତା'ର ମର୍ଯ୍ୟାଦା ବିନା ପରିଚୟରେ ବାରି ହେଉଥାଏ ତାର ଶାଳୀନତା । ନାରୀ ଜାତିକୁ ଆପଣେଇ ନେବାର କୌଶଳ ହାସଲ କରିଛି ଯେମିତି... ।

ଏମିତିକି ଶୈଶବର ମାତ୍ର ତିନି ଚାରି ବର୍ଷ ହୋଇଥିବା ସୁକୁମାରୀ ଝିଅଟିକୁ ମଧ ଆବୋରିନିଏ ଏଇ ଶାଢ଼ି । ନଡ଼ିଆ ସଢ଼େଇରେ ମିଛି ମିଛିକା ବାଲିରେ ପ୍ରସ୍ତୁତ ଭାତ, ତେନ୍ତୁଳି ପତ୍ରର ଶାଗ, ଗେଟି-ଗୋଡ଼ିର ତରକାରୀ ରାନ୍ଧୁଥିବା ବେଳେ ଗୋଡ଼େଇ ହୋଇଥାଏ ଶାଢ଼ିଟିଏ ନିଛକ ଭାରତୀୟ ନବବଧୂଟିଏ ପରି ।

ଶାଢ଼ିପାଇଁ ଆଶାର ଜୀବନ ଯେ ପରିବର୍ତ୍ତନଶୀଳ ହୋଇଯିବ ସେକଥା କିଏ ଜାଣିଥିଲା ? ବେତବୁଣା ଆରାମ ଚୌକି ଉପରେ ସର୍ବାଙ୍ଗ ଶରୀରକୁ ଲୋଟେଇ ନିସ୍ପଲକ ଭାବରେ ଆକାଶକୁ ଚାହିଁଥାଏ ସେ । ଆକଶରେ କେବଳ ଶୂନ୍ୟତା ରାଜୁତି କରେ । ସେ ଖୁବ୍ ଥକି ପଡ଼ିଥିଲା ବୋଧେ ! ବିଗତ ଓ ଆଜିର ଜୀବନକୁ ତୁଳନା କରୁ କରୁ ଆଖି ଦୁଇଟି ତାର କେତେବେଳେ ଶ୍ରାବଣର ଅମାନିଆ ବର୍ଷାର ଧାରା ପରି ବର୍ଷି ଯାଉଥିଲା । ଘର ଭିତରେ କୁନିଝିଅର ବାପା କଥା ଓ ସ୍ୱାମୀଙ୍କର ସଙ୍କେତକୁ ଯେମିତି ଅବଜ୍ଞା କରି ଚାଲିଛି । କିନ୍ତୁ ସେ ଅନୁମାନ କରିପାରୁଛି ତା ଉଦାସୀ ଭାବ ସେମାନଙ୍କୁ ମଧ ଭୀଷଣ ଆଘାତ ଦେଉଛି । ତଥାପି ସେ ସେମିତି ବସିଛି । ଯେମିତି ପୃଥିବୀ ଓ ଆକାଶ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁରେ ଅଟକି ଯାଇଛନ୍ତି । ଜଡ଼ ପାଲଟି ଯାଉଛି ସବୁକିଛି ।

ସେଇ ଜଡ଼ତାକୁ ଭେଦ କରି ଆକାଶରେ ମିଞ୍ଜି ମିଞ୍ଜି କରୁଛି ଟିକି ତାରାଟି । ମାଆ ତାକୁ କହିଥିଲା ସେଇଟା ହେଉଛି ତା ଆଈ । ଯେଉଁଦିନ ସେ ତା ଆଈକୁ ଦେଖିନପାରି ଖୁବ୍ ଜୋରରେ କାନ୍ଦି କାନ୍ଦି ତଳେ ଗଡ଼ିଯାଇଥିଲା, ସେଦିନ ମାଆ ତାକୁ ତଳୁ ଉଠେଇ ଆକାଶରେ ଥିବା ଛୋଟ ତାରାଟି ଆଡ଼କୁ ଆଙ୍ଗୁଳି ଦେଖେଇ କହିଥିଲେ, "ଏଇ ଦେଖ... ହା... ଏ ସେଇଟା ତୋ ଆଈ । ତୋ ଆଈ ଆକାଶକୁ ଚାଲି ଯାଇଛି । ତୋର ଆଈ କଥା ମନେ ପଡ଼ିଲେ ତାକୁ ଡାକିବୁ ସେ ଆସିବ ।"

ଏଇତକ କହୁ କହୁ ମାଆ ଆଖିରୁ ଦୁଇଟୋପା ଲୁହ ତଳକୁ ଖସିପଡ଼ିଲା । ସେଦିନ ମା' ଆଖିରେ ଲୁହ ଦେଖି ଚୁପ୍ ହୋଇଯାଇଥିଲା ଆଶା । ମନେ ମନେ ଶପଥ କରିଥିଲା ଆଉ କେବେ ଆଈକୁ ଖୋଜିବନି । ଯେଉଁଥିପାଇଁ ମା' ଆଖିରୁ ଲୁହ ଝରିବ ।

ଆଶାର ଜନ୍ମପୂର୍ବରୁ ଆଉ ଦୁଇଟି କନ୍ୟା ସନ୍ତାନ ତା ମା'ର କୋଳମଣ୍ଡନ କରି ସାରିଥିଲେ । ତାପରେ ଆସୁଥିବା ସନ୍ତାନଟି ପୁଅଟିଏ ହେଉ ବୋଲି ଭଗବାନଙ୍କୁ ପ୍ରାର୍ଥନା କରି ଅସୁମାରୀ ଆଶାରେ ଚାହିଁ ରହିଥିଲେ ସଭିଏଁ । କିନ୍ତୁ ସମସ୍ତଙ୍କ ଆଶାକୁ ନିରାଶ କରି ଜନ୍ମ ହୋଇଥିଲା ଆଶା । ତା କୁଆଁ କୁଆଁ ରାବରେ ଏକମୁହାଁ ହୋଇ ଦୌଡ଼ିଥିବା ଆଈ ଏନ୍ତୁଡ଼ିଶାଳରୁ ଶୁଖିଲା ମୁହଁରେ ଫେରି ଆସି କହୁଥିଲା, 'ହେ କୃପାମୟ ସବୁ ତୁମରି ଇଚ୍ଛା ।' ହଠାତ୍ ଗୋଟେ ଶୀତଳ ଝଡ଼ ସୃଷ୍ଟି ହୋଇଥିଲା ସେଇ ପରିସ୍ଥିତିରେ । କିଛିକ୍ଷଣ ପରେ ସବୁ ଶୂନ୍‌ଶାନ୍ । ବୋଧେ ଏଇଥିପାଇଁ ଯାହା ହୁଏ ସବୁ ଭଗବାନଙ୍କ ଇଚ୍ଛାରେ ହୁଏ ।

ନିଜ ଘର ଚତୁଃପାର୍ଶ୍ୱର ସ୍ନେହ-ମମତା ଅପେକ୍ଷା ମାମୁଘର ଓ ଆଈର ସ୍ନେହକୁ ମନେ ପକେଇ ରାତିଅଧରେ ବିହ୍ୱଳିତ ହୁଏ ।

ଆଶା । ସେ ସ୍ନେହରେ ଥାଏ ଅକପଟ । ବର୍ଷରେ ତିନି-ଚାରିଥର ମାମୁଘରକୁ ଯାଆନ୍ତି ଆଶା, ତା ମାଆ ଓ ବଡ଼ ଦୁଇଭଉଣୀ ଦୁଇଜଣ । ମାମୁଘର ଗାଁ ଯେତେ ପାଖେଇ ଆସେ ଏକ ନୂଆ ପୁଲକରେ ପୁଲକିତ ହୋଇଉଠେ ତା ମନ । ପାଦ ଦୁଇଟି ତାର ତଳେ ଲାଗେନି । ଆଈ ତରବରରେ ସବୁ କାମ ସାରି ନିର୍ଦ୍ଧିଷ୍ଟ ସମୟରେ ଗାଁମୁଣ୍ଡ ଝଙ୍କାଳିଆ ବରଗଛ ମୂଳେ ଠିଆ ହୋଇଥାଏ ସେମାନଙ୍କୁ ପାଛୋଟି ନେବାକୁ ।

ଗୋରା ତକ ତକ ଚେହେରା । କଳା ଭଉଁରୀ ପରି କେଶ । ଆଉ ଦେହରେ ଗୋଡ଼େଇ ହୋଇଥାଏ ବାରହାତ ଲମ୍ବର ଧଳାଶାଢ଼ି । ଆଈକୁ ଯେତେବେଳେ ପଚିଶବର୍ଷ ଅଜା ତାକୁ ଏକା କରି ଚାଲିଯାଇଥିଲେ ଆରପୁରକୁ । କିନ୍ତୁ ତାକୁ ଦେଖିଲେ ଲାଗେନି ସେ ଅଭାଗିନୀ । ସବୁବେଳେ ହସୁଥାଏ । ବୋଧହୁଏ ଏଇ କୁନି-କୁନି ନାତୁଣୀମାନଙ୍କ ମଧରେ ସେ ଫେରିଯାଇଛି ତା ହଜିଯାଇଥିବା ସଂସାରକୁ !

ଆଶା ତା ମାଆ ଓ ଦୁଇଭଉଣୀ ମାମୁଘରକୁ ଯିବେ ବୋଲି କେତେକଣ ରାନ୍ଧିଥାଏ ଆଈ । ଲେଉଟିଆ ଶାଗ ଖରଡ଼ା, ବଡ଼ି ଆଳୁ ଚଟଣି, ଘିଅ ଛୁଙ୍କ ଦିଆ ମୁଗ ଡାଲି, ଚିଙ୍ଗୁଡ଼ି ମାଛ ଖଟା ଆଉ ଅନେକ ପ୍ରକାର ପଡୁଆର ସମାହାର ସଜା ହୋଇଥାଏ ଥାଳି ଚାରିପାଖରେ ।

ଆଶାକୁ ସବୁଠୁ ବେଶୀ ମନମୁଗ୍ଧକର ଲାଗେ ଆଈର ସଂଧ୍ୟା ଆଳତି । ଅନ୍ଧାର ଘୋଟି ଆସିବା ପୂର୍ବରୁ ଆଈ ଠାକୁରଘରେ ପଶିଯାଏ । ନିଜେ ଧୂଆଲୁଗା ପିନ୍ଧେ ଓ ପିନ୍ଧାଇ ଦିଏ ନାତୁଣୀମାନଙ୍କୁ । ଠାକୁରଘରେ ଦୀପଜାଳେ । ଧୂପ, ଝୁଣା, ଶଂଖଧ୍ୱନିରେ ଆଳତି ହୁଏ । ଅଧାୟେ ଭାଗବତ ପଢ଼େ ଓ ତାପରେ ଠାକୁରଙ୍କ ଆଗରେ ଆଣ୍ଠୁମାଡ଼ି ବସି ରହି କଣ ସବୁ ଗୁଣୁଗୁଣୁ ହୋଇ କହେ । ନାତୁଣୀମାନେ ତାହାରି ନକଲ କରୁଥିଲେ ମଧ ତା ମନର କଥା କେହି ବୁଝି ପାରନ୍ତିନି ।

ଆଶାର ବଡ଼ଅଜା ଗାଁରୁ ଫେରିଆସି ଠାକୁର ପହଡ଼

ସାରିଦିଅନ୍ତି । ସକାଳୁ ଯାଆନ୍ତି ଯେ ଲେଉଟନ୍ତି ସଂଧ୍ୟାରେ । ସାଙ୍ଗରେ ଆଣିଥାନ୍ତି ଅନେକ ପ୍ରକାର ଭୋଗ, ଚାଉଳ, ଗାମୁଛା ଓ ପରିବା ଇତ୍ୟାଦି । କେବଳ ରାତି କେତେ ସମୟ ଛାଡ଼ିଦେଲେ ତାଙ୍କର ଭଗବାନଙ୍କ ସେବାରେ ଦିନ କଟେ ।

ଅଜା ଆଣିଥିବା ଦରବକୁ ଆଈ ନାତୁଣୀମାନଙ୍କୁ ଖୋଇଦିଏ । ପୁଣି ରାତିରେ ଶୋଇବା ବେଳେ କେତେ କେତେ ଅସୁର, ଅସୁରୁଣୀ, ରାଜାପୁଅ, ମନ୍ତ୍ରୀପୁଅ, ହାତୀ, ଘୋଡ଼ା, ବାଘମାମୁର କାହାଣୀ କହି ଶୁଆଇଦିଏ ।

ସେଦିନ ଯେତେ ପ୍ରକାର କାହାଣୀ କହିଲେ ବି ଆଶାର ଆଖିକୁ ଆଦୌ ନିଦ ଆସୁନଥାଏ । ଅନ୍ୟମାନେ ଶୋଇପଡ଼ିଥିଲେ ମଧ୍ୟ ସେ ଆଈକୁ କିଛି କହିବା ପାଇଁ ଭାବୁଥାଏ । ଆଈ ତା ମନ କଥାକୁ ଯେମିତି ଜାଣିଥିଲା । ସେ ବି ଆଶା ଭଳି ଚେଇଁ ରହି ତା କଥାକୁ ଶୁଣିବାକୁ ଆତୁର ହେଉଥାଏ । ଆଶା ଥଙ୍ଗଥଙ୍ଗ ହୋଇ ଦରୋଟି ଓଠରେ କହିଲା, 'ଆଈଲୋ! ମତେ ଗୋଟେ ଶାଲି ଦଲକାଲ । ଅଜା ଗାଁରୁ ଯେଉଁ ନାଲି ଧଳି ପକା ହଳଦିଆ ଶାଲି ଆଣିଛନ୍ତି ମୁଁ ସେଇ ଶାଲି ପିନ୍ଧି ଭାତ ତଲକାଲି ରାନ୍ଧିବି ।'

ଆଈ ଆଶାକୁ ସ୍ନେହ ପରଶରେ ଛାତିରେ ଜାକି ଧରି କପାଳରେ ସରୁ ଚୁମାଟିଏ ଦେଇ କହିଲା 'ଏଇ କଥା! ରହ ଦୁର୍ଗାପୂଜାରୁ ବଡ଼ ଅଜା କେତେ ହଳଦିଆ ଶାଢ଼ି ଆଣିବେ । ଗୋଟେ କାହିଁକି ତୋର ଯେତେଟା ଦରକାର ନେଇଯିବୁ ।'

ସତରେ ଦୁର୍ଗାପୂଜାରୁ ଗଦାଗଦା ହଳଦିଆ ଶାଢ଼ି ଆଣିଥିଲେ ବଡ଼ ଅଜା । ଭୋଗ-ଚାଉଳ-ପରିବା-ମିଠା କେତେ କଣ ଆଣିଥିଲେ । ସେସବୁର ବାସ୍ନା ମହକି ଉଠୁଥିଲା ଘରସାରା । ସବୁ ମନଲୋଭା ପଦାର୍ଥକୁ ହାତ ପାହାନ୍ତାରେ ପାଇ ମଧ୍ୟ ଗୁମ୍ ହୋଇ ଗୋଟିଏ ଜାଗାରେ ବସିଥିଲା ଆଶା । ଯେମିତି ଆଜି କିଛି ପାଇବା ଆଶାରେ ଅନେକ କିଛି ହରେଇଛି ସେ ।

ସେଦିନ ସଭିଙ୍କୁ କୁହୁକମନ୍ତ୍ର ପଢ଼ାଇ, ସବୁ ଗହଳ-ଚହଳକୁ ନିଃଶବ୍ଦ ନିରବ କରି ଆକାଶର ତାରା ହୋଇଯାଇଥିଲା ତା ଆଈ । ସଭିଏଁ ଛାତିଫଟା କାନ୍ଦ କାନ୍ଦୁଥିବାବେଳେ ଆଶା ଏକ ଲୟରେ ଚାହିଁ ରହିଥିଲା ଆକାଶକୁ । ବୋଧେ ଏଇଆ ଭାବୁଥିଲା, 'ଆଈଲୋ ମନରେ ସାଇତି ରଖିଥିବା ଆଶାର ଆଶାକୁ ଅଧାରଖି ତୁ ଏତେ ଦୂର ଯାଇପାରିଲୁ କେମିତି ?'

ବସିବା ସ୍ଥାନରୁ ଆପେ ଆପେ ଠିଆ ହୋଇଥିଲା ସେ । ହୁଏତ ଏକ ଦିଗଦର୍ଶନର ସଂକେତରେ ଜୀବନର ମୋଡ଼ ବଦଳାଇ ଅନେକ ଆଗକୁ ଚାଲିବାକୁ ପଡ଼ିବ ତାକୁ । ଯେତେ ବୁଝେଇଲେବି ଅଖିଆ ଅପିଆ ଶୋଇପଡ଼ିଥିଲା ସେ । ସିନ୍ଦୁରା ଫାଟି ପୂର୍ବ ଆକାଶ ଲାଲ ଦିଶୁଥାଏ । ଧଡ଼୍‌ପଡ଼୍ ଉଠିବସିଲା ସେ । ମା'କୁ ବାଧ କରିଥିଲା ଘରକୁ ପଳେଇ ଆସିବା ପାଇଁ ।

ଘରକୁ ଫେରିବାର ପ୍ରସ୍ତୁତିରେ କାହିଁକି କେଜାଣି ସେଇ ହଳଦିଆ ଶାଢ଼ି ନିକଟରେ ଅଟକି ଯାଇଥିଲା ଆଶା । ଲୁହ ଦି'ଟୋପା ଗଡ଼ିପଡ଼ିଲା ତା ଆଖିରୁ । ବଡ଼ ଅଜା କହିଲେ, 'ମାଆରେ ନେଇଯା, ଶାଢ଼ି ନେବୁପରା!... ଝରି ଆସୁଥିବା ଲୁହକୁ ପୋଛୁ ପୋଛୁ ସେ କହିଲା 'ନାଇଁ ଅଜା ମୁଁ ଆଉ ଏ ହଳଦିଆ ଶାଲି ପିନ୍ଧିବିନି । ତମେ କଣ ଜାଣିନ ଆଈ ପଲା ଆକାଛକୁ ଯିବା ବେଳେ ମୋ ହଳଦିଆ ଶାଲି ନେଇଯାଇଛି ।'

ତାପରେ କାନ୍ଧରେ ପ୍ଲାଷ୍ଟିକ୍ ବ୍ୟାଗ୍ ଓ ବରଡ଼ାପତ୍ରରେ ତିଆରି ପଟିଆ ଧରି ଗାଁ ମୁଣ୍ଡର ସ୍କୁଲ ଭିତରେ କଟିଗଲା

ପାଂଚବର୍ଷ । ସ୍କୁଲଟି ଛୋଟ ଥିଲେ ବି ପ୍ରଥମ ଜୀବନର ସ୍ୱାଦ ଚାଖିଥିଲା ଆଶା । ବେଣୁ ସାରଙ୍କ ସାହିତ୍ୟ, ବାଇଧର ସାରଙ୍କ ଗଣିତ ଓ ଭୀମସାରଙ୍କ ଇଂରାଜୀ ତା ଛାତ୍ରଜୀବନର ଶିକ୍ଷିତ ହେବାର ରାସ୍ତା ଦେଖାଇଥିଲା । କିନ୍ତୁ ଉଚ୍ଚଶିକ୍ଷା ପାଇଁ ନିଜ ଗାଁଠାରୁ ଅନ୍ୟ ଏକ ଗାଁକୁ ଅଙ୍କାବଙ୍କା ବିଲ କିଆରି ଦେଇ ଯିବାକୁ ପଡୁଥିଲା ତାକୁ । ସେହି ଗାଁରେ ଥିଲା ସବୁପ୍ରକାର ସୁବ୍ୟବସ୍ଥା । ଘର ପରିବାରଙ୍କ ଅନିଚ୍ଛା ସତ୍ୱେ ନିଜର ଅକ୍ଳାନ୍ତ ପରିଶ୍ରମରେ ସେଇଠି ସେ ଉଚ୍ଚ ଡିଗ୍ରୀ ହାସଲ କରିବା ପାଇଁ ଆଗକୁ ଗୋଡ଼ କାଢ଼ିଲା ।

ସମ୍ଭବତଃ ଜଣେ ଓଡ଼ିଆ ଘରର ଝିଅ ଭଳି ଶାଢ଼ୀ ପିନ୍ଧିବା ଶିଖିଯାଇଥିଲା ଆଶା । ପ୍ରତିଦିନ ସହପାଠିନୀମାନେ ବିଭିନ୍ନ ପ୍ରକାର ଡ୍ରେସ୍ ପିନ୍ଧି କଲେଜ ଆସୁଥିବା ବେଳେ ଆଶା କେବଳ ଶାଢ଼ିରେ ନିଜକୁ ସଜେଇଛି ।

ସବୁଜ ରଙ୍ଗର ଶାଢ଼ି ସାଙ୍ଗକୁ ସୁନେଲି କିରଣର ଧଡ଼ି ବେଶ୍ ମାନୁଥିଲା ତାକୁ । ନିଜ ଆଖିର ଭାଷାରେ ନିଜ ରୂପକୁ ପଢୁ ପଢୁ ଆଗକୁ ବଢୁଥିଲା ସେ । ଶବ୍ଦର ଆଘାତରେ ହଠାତ୍ ଅଟକିଗଲା ତାର ଚଳଚଂଚଳ ପାଦ ଦୁଇଟି । ଯେମିତି କାହାର ଶକ୍ତ ଚାପରେ ଚାପି ହୋଇଯାଉଛି ସେ । ଭାଙ୍ଗି ଚୁରମାର ହୋଇଯାଉଛି ତାର ସବୁ ସ୍ୱପ୍ନ । ବନ୍ଦ ହୋଇଯାଉଛି ଶ୍ୱାସକ୍ରିୟା । ସେ ଠିକ୍ ଅନୁମାନ କରିପାରିଥିଲା ସେପରି ଅଶ୍ଳୀଳ ଶବ୍ଦକୁ । ସେଇ ଶବ୍ଦର ଆଘାତରେ ଅଜାଣତରେ ଦୁଇଟୋପା ଗରମ ଲୁହ ଝରି ପଡ଼ିଲା ତା ଆଖିରୁ । ସଙ୍ଗେ ସଙ୍ଗେ କଳା ମେଘଖଣ୍ଡ ଢାଙ୍କିଦେଲା ସୂର୍ଯ୍ୟଙ୍କୁ । ତା ଭିତରେ ପୁଣିଥରେ ଲୁଚିଗଲା ଆଶାର ଅସୁମାରି ଆଶା । ଦିବାଲୋକରେ ଆଈର ଅସ୍ତିତ୍ୱକୁ ଅନୁଭବ କଲା ସେ । ହାତଯୋଡ଼ି ଉପରକୁ ଚାହିଁ ପ୍ରଣାମ ଜଣେଇଲା । ପ୍ରତିଟି ଇଶାରାରେ ଆହୁରି ଆଗକୁ ଯିବାର ସଂକେତ ଦେଇ ଆଈ ପୁଣି ଲୁଚିଗଲା ସେଇ ମେଘଖଣ୍ଡ ଭିତରେ ।

ଝରିପଡୁଥିବା ଲୁହକୁ ପୋଛି ପକେଇଲା ଆଶା । ମେଘଖଣ୍ଡର ବୁକୁଚିରି ଆସୁଥିବା ସୂର୍ଯ୍ୟ କିରଣରେ ମୁହଁ ତାର ଝଲସି ଉଠିଲା । ଆଗକୁ ଆଗେଇଲା ଜୀବନର ଅନ୍ୟ ଏକ ମୋଡ଼ ନେଇ । ଯେମିତି ସେ ହିଁ ମାପିବ ତା ଜୀବନର ପରିସୀମା । ସଂଧ୍ୟାରେ ଘରକୁ ଫେରି ଦେଖେତ ଆଲମାରିରେ ଏକ ମସ୍ତବଡ଼ ତାଲା ଝୁଲୁଛି । ସେ ବୁଝିପାରୁନଥିଲା ତାର ଭୁଲ ରହିଲା କୋଉଠି ? ନିଜକୁ ନିଜ ଗୋଡ଼ରେ ଠିଆ କରେଇବାର ସାମର୍ଥ୍ୟରେ ନା ଶିକ୍ଷା ଅର୍ଜନ କରି ଶିକ୍ଷିତା ହେବାରେ ?

ଆଶା ଆଜି ଶିକ୍ଷିତା ହୋଇଛି । ସ୍ୱଉପାର୍ଜନ କରିପାରୁଛି । ବହୁଦିନରୁ ସାଇତି ରଖିଥିବା ଆଈର ଇଶାରାକୁ ଅନେକାଂଶରେ

ପୂରଣ କରିପାରିଛି । ତଥାପି କାହିଁକି ଆଜି ସେଇ ମିଟି ମିଟି କରୁଥିବା ଉଜ୍ଜ୍ୱଳ ନକ୍ଷତ୍ରଟିକୁ ଚାହିଁ ରହିଛି ଏକ ଅଭିମାନ ଆଖିରେ । ପଚାରି ଚାଲିଛି ଅନେକ ପ୍ରଶ୍ନ- 'ଆଈ ଲୋ ! ସତରେ କଣ ତୁ ସେଦିନ ବାହୁଡ଼ି ଯାଇଥିଲୁ ଏଇଥିପାଇଁ ? ମୁଁ କେବଳ ମୋ ଜୀବନ ସାରା ତୋ ଅସ୍ତିତ୍ୱକୁ ଅଣ୍ଡାଳୁଥିବି ? ଆଉ ପାଇବି ଖାଲି ମୁଠାଏ ମୁଠାଏ ଛଳନା, ପ୍ରତାରଣା ଓ ଯନ୍ତ୍ରଣା ?'


ଆଈଲୋ ! ମୁଁ ବୁଝିପାରୁନି ନିଜର ମଣିଷମାନେ କଣ ପାଇଁ ଏମିତି ବେଳେବେଳେ ନିଷ୍ଠୁର ହୋଇଯାନ୍ତି ? ଯାହାଙ୍କ ପାଖରେ ଖୋଲିହୁଏ ଅକୁହା ପେଡ଼ି ! ପଢ଼େଇହୁଏ ହୃଦୟର ପ୍ରତିଟ ଅକୁହା ପୃଷ୍ଠାକୁ ! ଶୁଣ ! ଆଜି ମଧ୍ୟ ମୁଁ ହରେଇଛି ମୋର ପ୍ରିୟ ଶାଢ଼ିକୁ । ଯେଉଁଟିକୁ ମୁଁ ସାବିତ୍ରୀ ବ୍ରତରେ ପିନ୍ଧିଥିଲି । ଖୁବ୍ ମାନୁଥିଲା ଗାଢ଼ ଲାଲ ଶାଢ଼ିରେ ନୀଳ ଧଡ଼ି । ଭାବିଥିଲି ତାକୁ ସାଇତି ରଖିବି ସବୁଦିନ । ସେଇଟା ଥିଲା ମୋ ନିଜସ୍ୱ । ହେଲେ ଆଲମାରି ଖୋଲି ଖୋଜି ଖୋଜି ଥକି ଗଲେବି ସେଇଟା ଆଉ ମିଳିନଥିଲା ।'

'ଏମିତି ଅସ୍ତବ୍ୟସ୍ତ ଭାବରେ ତୁମେ ଯାହା ଖୋଜୁଛ ତାହା ସେଠାରେ ନାହିଁ । ତାକୁ ଆମଘରେ କାମ କରୁଥିବା ସୁନ୍ଦରାର ସ୍ତ୍ରୀକୁ ମୁଁ ଦେଇ ଦେଇଛି ।' ପଛରୁ ଶୁଣୁଥିବା ଶବ୍ଦରେ ନିର୍ବାକ୍ ହୋଇଯାଇଥିଲା ଆଶା ।

ଦିନେ ହଳଦିଆ ଶାଢ଼ିରେ ନିଜକୁ ଖୋଜି ଖୋଜି କୈଶରର ସନ୍ଧାନ ପାଇଥିଲା ଆଶା । ଅନ୍ୟର ଆଖିରେ ନିଜକୁ ଦେଖିବାପାଇଁ ବାଛି ନେଇଥିଲା ସବୁଜ ଶାଢ଼ି । ଯେଉଁଥିରେ ହରାଇଥିଲା ଆତ୍ମୀୟତା । ଆଉ ଲାଲ ଶାଢ଼ିରେ ବାନ୍ଧିଥିଲା ଜୀବନ-ଜଂଜାଳର ସୂତାଖିଅ । ସେ ବି ଅସଜଡ଼ା ହୋଇଗଲା ।

ଆଶାର ଆଶା କେବେ ପୂରଣ ହୁଏନି । ସେ ପରା ବୈତରଣୀ । ଆଗକୁ ଆଗାଏ ତ୍ରିବେଣୀରେ ମିଶିବା ପାଇଁ । ହୋଇଯାଏ ମହାସାଗର । ଫେନିଳ ତରଙ୍ଗ ମାଳାରେ ମିଳେ ତାକୁ ସଗୁଣ ନିରାକାର ।

ବିସି-୭୪,ସେକ୍ଟର-୧, ସଲଟ୍‌କେ୍, କଲିକତା-୬୪



## ସ୍ମୃତିର ସନ୍ଧାନରେ ଦିନେ

- ପ୍ରଣବ ନନ୍ଦି

ସେହି ଚିହ୍ନା ଚିହ୍ନା ସହର...
ଯାହା ସମୟ ସହିତ ତାଳ ଦେଇ
ଏବେ ବହୁତ ବଦଳି ଯାଇଛି
ଅଭୁଲା ଅତୀତର ସ୍ମୃତିର ସନ୍ଧାନରେ
କାଲି ମୁଁ ସେଠାକୁ ବୁଲି ବାହାରିଥିଲି
ଏବଂ ବାଟ ମଧ୍ୟ ଭୁଲି ଯାଇଥିଲି
ତୁମକୁ ବହୁତ ଖୋଜି ଖୋଜି
ନିଜକୁ ହଜାଇ ଦେଇଥିଲି ।
କେବଳ ଥିଲା ଯାହା କ୍ଳାନ୍ତ ଶରୀରଟା
ନଥିଲା ସେଥିରେ ଯେମିତି ହୃଦୟ
ଖୋଜି ଚାଲିଥିଲି ତୁମକୁ
କିଛି ପରିଚିତ
ଆଉ କିଛି ଅପରିଚିତ ଗଳିରେ
କେହି ବି କେଉଁଠି
ଅଟକାଇ ନଥିଲେ
ଯେତେବେଳେ ମୁଁ ନିଜକୁ
ଆବିଷ୍କାର କଲି ନିଜ ଠାରେ
ଅବଶ୍ୟ ସେତେବେଳେକୁ ମୁଁ
ବହୁତ ଥର ହଜି ସାରିଥିଲି ।
କେହି ଜଣେ ଭଦ୍ରବ୍ୟକ୍ତି ହଠାତ୍ ପଚାରିଲେ
କାହାକୁ ଖୋଜୁଛନ୍ତି କି ?
ମୁଁ ନିର୍ବାକ୍ ହୋଇ ତାଙ୍କୁ ଚାହିଁଥିଲି
ଓ ପରେ ମୁଁ କହିଥିଲି ମୋ ହୃଦୟକୁ !
ପାଗଳ ବୋଲି ବୋଧେ ମନେ କରି
ସେ ଟିକେ ଦୂରକୁ ଚାଲିଗଲେ
ଏବଂ ପରେ କୌତୁହଳପୂର୍ଣ୍ଣ ଆଖିରେ
ମତେ କଣେଇ କଣେଇ ଦେଖୁଥିଲେ
ମୁଁ କିନ୍ତୁ ନସ୍ତବ୍ଧ ହୋଇ ଯାଇଥିଲି
କାରଣଟା ସେ ବୁଝିବେ କିପରି
ମୁଁ ଆଜି ବି ମୋ ନିଜ ହୃଦୟର ସନ୍ଧାନରେ ଥିଲି
ମୁଁ ଆଜି ବି ମୋ ନିଜ ହୃଦୟର ସନ୍ଧାନରେ ଥିଲି ।
ହିଁ
ସ୍ୱପ୍ନଟା ହଠାତ୍ ଭାଙ୍ଗିଗଲା !!!

ଶାନ୍ତିନଗର, ନୂଆବଜାର, କଟକ ।

## କଳି ଯୁଗର କର୍ଣ୍ଣ ମୁଁ

- ମୋହନ କୁମାର ଷଡ଼ଙ୍ଗୀ

କଳି ଯୁଗର କର୍ଣ୍ଣ ମୁଁ
ମୋ ଜୀବନେ ସଭିଙ୍କ ସ୍ଥାନ
କାହା ହୃଦୟେ ନାହିଁ ମୋ ସ୍ଥାନ
ପ୍ରତିପାଦେ ପ୍ରତାରିତ ମୁଁ
କଳି ଯୁଗର କର୍ଣ୍ଣ ମୁଁ.....
ଧର୍ମ ଅଧର୍ମ ନାହିଁ ମୋ ଜ୍ଞାନ
କର୍ମ ମୋ ପରିଚୟ
ସ୍ୱାର୍ଥି ସଂସାରେ ଖୋଜି ଚାଲିଛି
ମୁଁ ମୋର ପରିଚୟ
ଜାତିଭେଦରେ ଧର୍ମ ନାଆଁରେ
ଯୁଗେ ଯୁଗେ ଶୋଷିତ ମୁଁ
କଳି ଯୁଗର କର୍ଣ୍ଣ ମୁଁ...
ସମ୍ପର୍କରେ ଠକି ଗଲି
ନିଜର ହେଲେ ପର
ବନ୍ଧୁତା ହେଲା ଯାହା ସାଥେ
ସ୍ୱାର୍ଥ ସିଦ୍ଧି ହେଲେ ଦୂର
ନିଜର ଅସ୍ତିତ୍ୱ ପାଇଁ
ପ୍ରତି କ୍ଷଣେ କ୍ଷଣେ ଲଢ଼େ ମୁଁ
କଳି ଯୁଗର କର୍ଣ୍ଣ ମୁଁ...
ମୋ ଜୀବନ କୁରୁକ୍ଷେତ୍ରରେ
ପ୍ରତି କ୍ଷଣ ମହାଭାରତ
ଛଳନା ହୁଏ ମୋ ସାଥିରେ
ହୃଦୟ ହୁଏ ମୋ ଆଘାତ
ଶକ୍ତି ସାମର୍ଥ୍ୟ ଜ୍ଞାନ ଥାଇ ବି
ଧାରା ବକ୍ଷେ ପଡ଼େ ନିସ୍ୱ ମୁଁ
କଳି ଯୁଗର କର୍ଣ୍ଣ ମୁଁ...
ଅଭିଶପ୍ତ ଜୀବନ ମୋର
ପ୍ରତିପାଦେ ସଂଘର୍ଷ
ସଂଶୟ ଘେରେ ରହିଲା ସଦା
ମୋହରି ପରିଚୟ
ଆତ୍ମ ସମ୍ମାନ ପାଇଁ କି
ସଦା ଲଢ଼ି ଚାଲିଥିବି ମୁଁ
କଳି ଯୁଗର କର୍ଣ୍ଣ ମୁଁ...

ଫଟାମୁଣ୍ଡା, ଲୋଇସିଂହା, ବଲାଙ୍ଗୀର ।

## ଭିନ୍ନ ଏକ ଧର୍ମ

- କୃଷ୍ଣା ମିଶ୍ର

ଆସ
ଆଜି ଧରଣୀ ବକ୍ଷରେ
ସ୍ୱର୍ଣ୍ଣିମ ଅକ୍ଷରେ
ଭିନ୍ନ ଏକ ଧର୍ମ ଲେଖିବା...
ମାନବକୁ ମାନବ କରି ଗଢ଼ିବା ।
ବନ ଉପବନେ ଫୁଟାଇ ଫୁଲ
ସୁଗନ୍ଧରେ ତା
ମହୀମଣ୍ଡଳ ମହକାଇବା..
ଜଳ ନୁହେଁ ଯେ ବହୁଛି ଅଗ୍ନି
ଗଙ୍ଗା ଆଉ ସିନ୍ଧୁରେ
ଭାବିଛି କି ଥରେ
କେଉଁଠି ଗାଧୋଇବା ?
ଜାଣିଛ କି ?
ଆଜି
ସ୍ନେହ କରୁଣା କ୍ଷମା ମରି ଲୋଟେ କାହିଁକି
ଚାଲ ! ଅନ୍ଧାରକୁ ଆଲୁଅରେ ପଚାରିବା..
ହେଉ ପଛେ ଦେହ
ଭିନ୍ନ ବର୍ଣ୍ଣର
ହୃଦୟ ତଳର ଘନୀଭୂତ ଯନ୍ତ୍ରଣା
ବାଷ୍ପୀଭୂତ ଆଶାର ଆକାଶକୁ ଅନୁଭବୁଥିବା
ଶରୀର ଦୁଇଟି ହେଲେ ହୃଦୟ ଯେ ଏକ
ଫୁଟାଇ ସଂପ୍ରୀତି ର ଫୁଲ
କାହା ମନ ତଳ କୋହ ଆପଣେଇବା
ଆସ !
ଆଉ ଏକ ଭିନ୍ନ ଧର୍ମ ଗଢ଼ିବା ... ।

ରାୟଗଡ଼ା, ଛତିଶଗଡ଼ ।

## ବର୍ଷା

- ସଂଜୀବ କୁମାର ଦାଶ

ଚୁନାଫୁଲ ବୁଣିଯାଏ ଗଦଗଦ ଆକାଶ
ଝରିଯାଅ ରିମଝିମ ରିମଝିମ..
ଏ ବିରହୀ ମନର ପ୍ରିୟା
ସ୍ମିତ ମନ୍ଦ ହସେ ତୁମ ସ୍ୱର୍ଗବି ନିନ୍ଦିତ !
ବିସ୍ମୟ ରୋମାଞ୍ଚେ ଦେହ ପ୍ରାଣ ପୁଲକିତ ।
କେବେ ଆସ ରୁଣୁଝୁଣୁ ଭାବ ମସଗୁଲ
ପିନ୍ଧି ସାଜି ଘାଗରା ଘୁଙ୍ଗୁର
ଆଖିର ଝଲକ କଳା ଓଢ଼ଣୀର ଫାଙ୍କେ
ଝରଝର ପୀରତିର ଅସରା ଆଳାପ
ନୃତ୍ୟରେ ଛନ୍ଦରେ ପ୍ରେମୀଯୁଗଳ ବିଭୋର ।
ମିଳନର ମଧୁର ଲଗନ
ତନୁ ମନ ଅବସନ୍ନ...
ଅଭିମାନେ ଥରେ ଥରେ ଶର ବର୍ଚ୍ଛା ବର୍ଷା
ଚପଳା ଚମକେ ଭୈରବୀ କୁହାଟ
ଇତସ୍ତତ କୁଳବନ୍ଧ ବାଡ଼ିଘର
ଭୁଲି ରାଗରୁଷା କିଛି ମୁହୂର୍ତ୍ତର
ଫେରିଥାଅ ପୁଣି ପ୍ରେମ ଚିରନ୍ତନୀ
ଗାଏ ଆବାହନୀ ପ୍ରକୃତି ପୁରୁଷ....

ପ୍ରାଧ୍ୟାପକ ପଦାର୍ଥବିଜ୍ଞାନ ବିଭାଗ
ଦେବଗଡ଼ ମହାବିଦ୍ୟାଳୟ ।

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :

# ଗଛ ଲଗାନ୍ତୁ
# ଜୀବନ ବଞ୍ଚାନ୍ତୁ



ଗଛ ଲଗାନ୍ତୁ ❋ PLANT TREE

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :

# ଆପଣ ଟିକିଏ ହାତ ବଢ଼ାନ୍ତୁ
# ବହୁତ ବାଟ ଚାଲିଯିବି



## ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ ❋ HELP A DIBYANGA

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢ଼ୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'